ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଲେଖି ଆସିଥିବା କେତେଜଣ ଖ୍ୟାତନାମା ଔପନ୍ୟାସିକ ସ୍ୱାଧୀନତା ପରେ ମଧ୍ୟ ପ୍ରାୟ ତିରିଶି ବର୍ଷ ଧରି ରଚନା କରିଛନ୍ତି ଉପନ୍ୟାସ । ସ୍ୱାତନ୍ତ୍ର୍ୟୋତ୍ତର କାଳରେ ମଧ୍ୟ ବହୁ ଔପନ୍ୟାସିକଙ୍କର ଆବିର୍ଭାବ ଘଟିଛି । ଫକୀର ମୋହନ ସେନାପତି ଓଡ଼ିଶାର ଗ୍ରାମ୍ୟ ସମାଜକୁ ଆଧାର କରି ଅଶ୍ରୁ, କାରୁଣ୍ୟ ଓ ଅନଳର ଯେଉଁ ଧାରାଟିଏ ସୃଷ୍ଟି କରିଥିଲେ ସେହି ଧାରାଟି ପ୍ରାୟ ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ କିଛି ପରିବର୍ତ୍ତିତ ଓ ବିବର୍ତ୍ତିତ ସାମାଜିକ ପୃଷ୍ଠପଟକୁ ନେଇ ପ୍ରବାହିତ ହୋଇ ଆସିଥିଲା । ସେହି ଧାରାରେ ବଳିଷ୍ଠ ସ୍ୱର ହୋଇ ରହିଥିଲା ନୈତିକତାବୋଧ, ସକଳ ଦୁଃଖ ଓ ଯନ୍ତ୍ରଣା ସତ୍ତ୍ୱେ ସରଳ ଗ୍ରାମ୍ୟ ଜୀବନ

ପ୍ରତି ଶ୍ରଦ୍ଧା, ଶୋଷକ ସଇତାନମାନଙ୍କର ବିପର୍ଯ୍ୟୟ, ଭାରତୀୟ ସଂସ୍କୃତି ପ୍ରତି ମମତ୍ୱବୋଧ, ସାମାଜିକ ସଂସ୍କାରପ୍ରାଣତା, ସ୍ୱଦେଶ ପ୍ରୀତି, ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ସମାଜର ସତ୍ୟ ଅହିଂସା ଓ ତ୍ୟାଗ ପ୍ରତି ଆଦର ଇତ୍ୟାଦି ନାନା ପ୍ରସଙ୍ଗ । ଠିକ୍ ସ୍ୱାଧୀନତାର ସନ୍ଧିକ୍ଷଣ ବେଳକୁ ଓଡ଼ିଆ ସାହିତ୍ୟର ଔପନ୍ୟାସିକମାନେ ଗୋଟାଏ ନୂତନ ମାନବିକ ଚେତନାରେ ଉଦ୍‌ବୁଦ୍ଧ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ଚେତନାର ଅଗ୍ରଦୂତ ହେଲେ କାହ୍ନୁଚରଣ । ସେ ଅନୁଭବ କଲେ ସ୍ୱାଧୀନତା ଲାଭ ପୂର୍ବରୁ ପ୍ରାୟ ଦୁଇ ଦଶନ୍ଧି ଧରି ଗାନ୍ଧିବାଦ ଓ ମାର୍କସବାଦ ଭିତରେ ଯେଉଁ ଦ୍ୱନ୍ଦ୍ୱ ଦେଖା ଦେଇଥିଲା ତାହା ଦୁଇଟି ବିପରୀତମୁଖୀ ଧାରା ହୋଇଯାଉଛି; ଅଥଚ ଉଭୟ ତତ୍ତ୍ୱ ଚାହୁଁଛି ସମାଜ ଓ ମଣିଷର ମଙ୍ଗଳ । ଗୋଟିଏ ମାର୍ଗ ଚାହୁଁଛି ସମାଜର ଉପରବର୍ଗର, ଅର୍ଥାତ୍ ଥିଲାବାଲାମାନଙ୍କର ହୃଦୟ ପରିବର୍ତ୍ତନ ଓ ନଥିଲାବାଲାମାନଙ୍କୁ ଉତ୍ତୋଳନ କରି ନେଇ ଥିଲାବାଲାମାନଙ୍କ ସହିତ ମିଶାଇ ଏକ ସମାଜବାଦୀ ସମାଜ-ଗଠନ । ଅନ୍ୟ ମାର୍ଗଟି ତାହାକୁ ଭାବବାଦୀ ଦର୍ଶନ କହି ବସ୍ତୁବାଦୀ ମାର୍ଗଟିକୁ ପ୍ରାଧାନ୍ୟ ଦେଉଛି ଓ ସେଥିରେ ବୁର୍ଜୁୟା ବା ଧନତାନ୍ତ୍ରିକ ଗୋଷ୍ଠୀ ଓ ସେହି ଗୋଷ୍ଠୀକୁ ପୃଷ୍ଠପୋଷକତା ଦେଉଥିବା ରାଜନେତା, ପ୍ରଶାସକ, ପୋଲିସ ଓ ବିଚାରକ ଗୋଷ୍ଠୀର ବିନାଶ କରି ସର୍ବହରାର ଏକ-ନାୟକତ୍ୱ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଉଛି । ତେବେ ଭାରତ ହେଉଛି କେବଳଇ ଭାରତ । ଏହା ଅନ୍ୟ କୌଣସି ଦେଶ ପରି ନୁହେଁ । ଏହାର ମୂଳଭିତ୍ତି ଆଧ୍ୟାତ୍ମିକତା ଓ ଆଦର୍ଶ 'ସର୍ବେ ଭବନ୍ତୁ ସୁଖୀନଃ ।' କାହ୍ନୁଚରଣ ଏହି କଥାକୁ ଉପଲବ୍ଧ କଲେ ପ୍ରଥମେ । ସେ ମାର୍କସବାଦ ଓ ଗାନ୍ଧିବାଦର ସଂଘର୍ଷ ନୁହେଁ; ସମନ୍ୱୟ ଚାହିଁଲେ ଓ ଚାହିଁଲେ ମଧ୍ୟ ଏହି ଉଭୟ ଦର୍ଶନର ସମନ୍ୱୟ ଭିତ୍ତିରେ ନୂତନ ଶୋଷଣମୁକ୍ତ ସମାଜ ଗଠନ । ତେଣୁ ତାଙ୍କର 'ଶାସ୍ତି' (୧୯୪୬) ଉପନ୍ୟାସ ହୋଇଗଲା ଯୁଦ୍ଧ ପରବର୍ତ୍ତୀ ଓ ସ୍ୱାଧୀନତା ଲାଭ ଠିକ୍ ପୂର୍ବବର୍ତ୍ତୀ ସନ୍ଧିକ୍ଷଣର ଏକ ମାର୍ମିକ ଆଲେଖ୍ୟ । ଏହି ଉପନ୍ୟାସର ନାୟକ ଦୁର୍ଭିକ୍ଷର କରାଳ ଗ୍ରାସରୁ ବଂଚିଯାଇଛି । ଫେରିଆସିଛି ଗାଁକୁ । ଧୋବୀର ଅମୃତ ପରଶରେ ତା' ଭିତରେ ନୂଆ ଜୀବନ କଅଁଳି ଉଠିଛି । ପ୍ରାୟଶ୍ଚିତ୍ତ ହୋଇ ଜାତିରେ ମିଶିଛି । କିନ୍ତୁ ଅଚିରେ ତା'ର ମୋହଭଙ୍ଗ ହୋଇଛି । ସେ ହୋଇଛି ନୂତନ ମାନବତାବାଦୀ ଚେତନାର ମଣିଷ । ତା'ର ସୃଷ୍ଟି ହୋଇଛି ପ୍ରତିକ୍ରିୟା ସମାଜପତି ଜମିଦାର-ମହାଜନ-ପ୍ରାଶାସନିକ ବ୍ୟବସ୍ଥା ଓ ପୌରୋହିତ୍ୟ ପ୍ରଥା ପ୍ରତି । ତା'ର ଗୋଟିଏ ଧାରଣା ବଳବତ୍ତର ହୋଇଛି ସେ 'ମଣିଷ', ତା'ର ଧର୍ମ ମଧ୍ୟ ମଣିଷ । ସେଠି ଧର୍ମର ଭେଦ ନାହିଁ, ଜାତିର ଭେଦ ନାହିଁ । ତେଣୁ ସେ ଘୋଷଣା କରିଛି– "ଏ ଘର ସଭିଙ୍କର । ଏଠି ଜାତିଭେଦ, ଧର୍ମଭେଦ, ବର୍ଣ୍ଣଭେଦ ରହିବ ନାହିଁ । ସମସ୍ତେ ଦେହରୁ ଝାଳ ନିଗାଡ଼ି ପରିଶ୍ରମ କରିବେ । ମା' ଧରିତ୍ରୀର ଛାତି ଚିରି ଖାଦ୍ୟ କାଢ଼ିବେ – ସମସ୍ତେ ଖାଇବେ । କେହି କାହାର ଧର୍ମ ଉପରେ, ରୁଚି ଉପରେ ବାଧା ଦେବେ ନାହିଁ । ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେଖେଇବେ, ଭଲପାଇବେ, ଦୁନିଆର ଲୋକେ ଯାହାକୁ ଘୃଣା କରି ଗୋଇଠା ମାରି ଦୂରକୁ ଠେଲିଦେବେ; ସେ ଆସି ଏଇଠି ଆଶ୍ରା ନେବେ । ଏ କୁଡ଼ିଆ ତଳେ ନୂଆ ଦୁନିଆ ଗଢ଼ିବା ଆମେ ରହିମ । ନୂଆ ସମାଜ ଗଢ଼ିବା, ମଣିଷ ସମାଜ ।" ଏହି ଉକ୍ତି ଭିତର ଦେଇ ଗାନ୍ଧିବାଦ ସହିତ ମାର୍କସବାଦର ସମନ୍ୱୟ ପାଇଁ ଆହ୍ୱାନ ଦିଆଯାଇଛି । ଏହି ଉପନ୍ୟାସରେ ପୁଣି କୁହାଯାଇଛି – "ଏ ଘର ମୂଲିଆର, ନ ଥିଲାର, ନିଜର ମନ ବୁଝିବାକୁ, ଆନନ୍ଦ ପାଇଁ ଯିଏ ଯାହାର ଦେବତା ନେଇ ବସୁ । କେହି କାହାର ରୁଚିରେ ବାଧା ଦେବେ ନାହିଁ କିନ୍ତୁ ଶକ୍ତି ଅନୁଯାୟୀ ସଭିଏଁ କରିବେ କାମ । ଯାହା ଭେଇବେ ସମସ୍ତେ ବାଣ୍ଟି ଖାଇବେ ।"

କାହ୍ନୁଚରଣଙ୍କର ଏହି ନୂତନ ସମାଜବାଦୀ ଚେତନା ସ୍ୱାଧୀନତା ଲାଭର ଠିକ୍ ପୂର୍ବ ବର୍ଷରୁ ପ୍ରକାଶ ପାଇ ପାଠକଙ୍କ ଉପରେ ପ୍ରଭାବ ପକାଇଥିଲା ଓ ଏହି ଚିନ୍ତନ ପୁଣି ତାଙ୍କର 'ଝଞ୍ଜା' (୧୯୪୯) ଓ 'ବଜ୍ରବାହୁ' (୧୯୫୮) ଉପନ୍ୟାସ ଦ୍ୱୟରେ ପ୍ରତିଫଳିତ । 'ଝଞ୍ଜା' ଉପନ୍ୟାସରେ ଜମିଦାର ପରଶୁରାମ ବାବୁଙ୍କର ଜମିଦାରୀ ଅହଙ୍କାର ଲୋପ ପାଇଗଲା ପରେ ସେ ସହରରୁ ଗାଁକୁ ଫେରି ଆସିଛନ୍ତି ଓ ମିଶିଛନ୍ତି ଗାଁ ଲୋକଙ୍କ ସହିତ । ସେମାନଙ୍କୁ ଭଲ ପାଇଛନ୍ତି ଓ ଘୋଷଣା କରିଛନ୍ତି – "ଆସନ୍ତୁ, ନୂଆ ଉଦ୍ୟମରେ ଲାଗି ପଡ଼ିବା, ନୂଆ ଦୁନିଆ ଗଢ଼ିବା ।" ପୁନଶ୍ଚ ସେ କହିଲେ, "ଆମେ ସମସ୍ତେ ଗୋଟିଏ ଜାତି, ମଣିଷ ଜାତି । ଜାତିର ନାଆଁ ଥାଉ; ଚାରି ପୁଅଙ୍କର ଚାରିଟି ନାମ ଦେଉଛ ତ, ସେମିତି । ସବୁ ଜାତି ବଡ଼, ସବୁ ଧର୍ମ ବଡ଼, କେହି ସାନ ନୁହେଁ । ଆମ ଭିତରେ ଭେଦ ଭାବ ରଖିବା ନାହିଁ । ସମସ୍ତେ ଆମେ ଏକାଠି ହେବା, ବଡ଼ ହେବା, ସୁଖରେ ରହିବା, ଆନନ୍ଦରେ ରହିବା ।" ଏହି ନୂଆ ସମାଜ, ନୂଆ ଜୀବନର ଭାବ ମଧ୍ୟ 'ବଜ୍ରବାହୁ' ଉପନ୍ୟାସରେ ପ୍ରତିଫଳିତ । ଏଥିରେ ଭାଷାଭେଦ, ଧର୍ମଭେଦ,

ବର୍ଣ୍ଣଭେଦ, ଛୁଆଁ-ଅଛୁଆଁଭେଦ, ଶ୍ରେଣୀଭେଦର ବିଲୋପ ସହିତ କୁଶିକ୍ଷା, ଅଶିକ୍ଷା, କୁସଂସ୍କାର, ଭୟ, ସଂକୋଚ, ସନ୍ଦେହ ଓ ଦାରିଦ୍ର୍ୟର ବିଲୋପ ପାଇଁ ମଧ୍ୟ ଆହ୍ୱାନ ପ୍ରଦାନ କରାଯାଇଛି । ୧୯୫୦ ମସିହାରେ ଭାରତର ସମ୍ବିଧାନ ସ୍ୱୀକୃତି ଲାଭ କଲା । ଏଥିରେ ଧର୍ମ ନିରପେକ୍ଷତା (Secularism) ଉପରେ ଗୁରୁତ୍ୱ ଦିଆଗଲା । ଏବେ ମଧ୍ୟ ଧର୍ମ ନିରପେକ୍ଷତା ଭାରତବର୍ଷର ଆଦର୍ଶ ହୋଇ ରହିଛି । ଏବେ ମଧ୍ୟ ଦାରିଦ୍ର୍ୟ ନିରାକରଣ, ସାମାଜିକ ସମାନତା ଓ କର୍ମ-ସଂଗ୍ରହ କଥା କୁହାଯାଉଛି । ଏହା କ'ଣ କାହ୍ନୁଚରଣଙ୍କ ଉପନ୍ୟାସର ସମାଜ ଉପରେ ପ୍ରଭାବ ନୁହେଁ? ସମାଜ ଓ ରାଷ୍ଟ୍ର ସଚେତନ ମଣିଷମାନଙ୍କ ଉପରେ ତାଙ୍କ ଉପନ୍ୟାସର ପ୍ରଭାବକୁ କ'ଣ ଲକ୍ଷ୍ୟ କରିହୁଏ ନାହିଁ ?

କାହ୍ନୁଚରଣ ସମାଜ ଓ ମଣିଷମାନଙ୍କ ପାଇଁ ଯେଉଁ ନୂତନ ଚେତନା ପ୍ରଦାନ କଲେ ତାହା ଗୋପୀନାଥ ମହାନ୍ତିଙ୍କ 'ହରିଜନ' (୧୯୪୮), 'ଅମୃତର ସନ୍ତାନ' (୧୯୪୯), 'ଶିବ ଭାଇ' (୧୯୫୧), 'ଅପହଞ୍ଚ' (୧୯୬୧) ଓ 'ମାଟିମଟାଳ' (୧୯୬୪) ଉପନ୍ୟାସରେ ମଧ୍ୟ ପ୍ରତିଫଳିତ ହୋଇଛି । ଘନ ଜଙ୍ଗଲ ଭିତରେ ଜୀବନ ବିତାଉଥିବା ଜନଜାତିଙ୍କର ସାମାଜିକ ଓ ସାଂସ୍କୃତିକ ସ୍ଥିତି-ସଂଘର୍ଷ, ଶୁଚିପୂତ ବିଶ୍ୱାସ, ସେମାନଙ୍କର ସରଳତା ଓ ଧର୍ମ ଧାରଣାର ସୁଯୋଗ ନେଇ ସଭ୍ୟ ଶିକ୍ଷିତ ବୋଲାଉଥିବା ମଣିଷମାନଙ୍କର ଶୋଷଣ, ଗୋତି ଜୀବନର ଦୁଃଖ ଓ ଦୁର୍ଦ୍ଦଶା ଇତ୍ୟାଦି ଉପନ୍ୟାସମାନଙ୍କରେ ବେଶ୍ ମାର୍ମିକ ଭାବରେ ପ୍ରକାଶ ପାଇଛି । ଶୋଷଣର କାରଣ ରୂପେ ଧର୍ମ, ପୌରୋହିତ୍ୟ ପ୍ରଥା, ଶାସ୍ତ୍ର, ପୋଥି, ଆଇନ୍ କାନୁନ୍, ପୋଲିସ, ସରକାରୀ କର୍ମଚାରୀ, ବିଚାର ପ୍ରଥା ଇତ୍ୟାଦିକୁ ଯେପରି ଭାବରେ ଗୋପୀନାଥ ମହାନ୍ତିଙ୍କ 'ପରଜା', 'ଅମୃତର ସନ୍ତାନ', 'ଅପହଞ୍ଚ', 'ଅନାମ', ପ୍ରତିଭା ରାୟଙ୍କର 'ଆଦିଭୂମି' ବା ନାରାୟଣ ମହାପାତ୍ରଙ୍କର 'କାଡ଼ାଗୋମାଙ୍ଗ', 'ସବୁଜ ଅରଣ୍ୟର ଉପତ୍ୟକା' ଇତ୍ୟାଦିରେ ଉଲ୍ଲେଖ କରାଯାଇଛି ତାହା କ'ଣ ଗୋତିପ୍ରଥାର ବିଲୋପ ଓ ଆଦିବାସୀ କଲ୍ୟାଣ ସମ୍ପର୍କିତ ଯୋଜନାର ପ୍ରେରଣା ନୁହେଁ କି ? କାହ୍ନୁଚରଣ ଯେଉଁ ଶୋଷଣମୁକ୍ତ ସମାଜର ପରିକଳ୍ପନା ପ୍ରଥମେ କରିଥିଲେ ତାହା ଗୋପୀନାଥଙ୍କ 'ଅପହଞ୍ଚ' (୧୯୬୧) ଉପନ୍ୟାସରେ ଧ୍ୱନିତ ହୋଇଛି । ଆଦିବାସୀ କନ୍ଧ ଯୁବକ ଟିମା ପାଠ ପଢ଼ିଛି । ଆଦିବାସୀମାନେ ତା' ଉପରେ ଆସ୍ଥା ସ୍ଥାପନ କରିଛନ୍ତି ଯେ ସେ ପାଠ ପଢ଼ି ବଡ଼ ହେଲେ ସେମାନଙ୍କୁ ସାହୁକାର, ସଭ୍ୟ ଶିକ୍ଷିତ କୌଶଳୀ ମଣିଷ ଓ ସରକାରୀ ଅମଲାଙ୍କ କବଳରୁ ରକ୍ଷା କରିବ । ମାତ୍ର ଟିମା ବଡ଼ ହୋଇ ଆଦିବାସୀ ସମାଜରୁ କ୍ରମଶଃ ଦୂରେଇ ଯାଇଛି । ଲେଲିଗୁଡ଼ାର କଣ୍ଟ୍ରାକ୍ଟରର ଝିଅକୁ ବାହା ହୋଇ ନାଁ ବଦଳାଇ ପରିଚିତ ହେଲା କେ. ଟିମାୟା. ଦୋରା ଭାବରେ । ନିର୍ବାଚନରେ ଜିତି ମନ୍ତ୍ରୀ ହେଲା । ରାଜଧାନୀରେ ରହିଲା । ତା' ବାପା ହେଲା ସାହୁକାର । ଆଦିବାସୀମାନଙ୍କ ସହିତ ମିଶିଲା ନାହିଁ । ସେମାନଙ୍କୁ ଅବହେଳା କଲା । ପରବର୍ତ୍ତୀ ନିର୍ବାଚନରେ ସେହି ସରଳ ଶୋଷିତ ଆଦିବାସୀମାନେ ଏକତ୍ର ହୋଇ ତାକୁ ପରାସ୍ତ କରିଦେଲେ । ଏଥର ତା'ର ପରିବର୍ତ୍ତନ ଆସିଲା । ଗାଁକୁ ଫେରିଆସି ସମସ୍ତଙ୍କ ସହିତ ମିଶିଲା । ନିଜ ଜମିକୁ ସେ ସମର୍ପଣ କଲା ସମସ୍ତଙ୍କ କଲ୍ୟାଣ ପାଇଁ । ନିଜ ଜମି ସହିତ ସମସ୍ତଙ୍କ ଜମିକୁ ମିଶାଇଦେଲା ଓ ଘୋଷଣା କଲା ଯେ ଏ ଜମି ସମସ୍ତଙ୍କର । ସମସ୍ତେ ଖଟିବେ ଓ ସମସ୍ତେ ବାଣ୍ଟି ଖାଇବେ । ଏହି ଉପନ୍ୟାସରେ ଶିକ୍ଷିତ ଆଦିବାସୀ ମଣିଷ ରାଜନୀତି ଓ ପ୍ରାଶାସନିକ କ୍ଷେତ୍ରରେ ଯୋଗଦେଇ କିପରି ନିଜ ସମାଜ ଓ ସଂସ୍କୃତିରୁ ଦୂରେଇଯାଇ ନାଗରିକ ସଂସ୍କୃତିକୁ ଆପଣେଇ ନେଉଛନ୍ତି ଓ ନିଜେ ସୁଖଭୋଗୀ ପାଲଟି ଯାଉଛନ୍ତି ତାହା ପ୍ରତି କ'ଣ ତିର୍ଯ୍ୟକ୍ ଦୃଷ୍ଟି ପ୍ରକାଶ ପାଇ ନାହିଁ କି? ଏହା କ'ଣ ସମାଜ ଉପରେ ଓ ସଚେତନ ବ୍ୟକ୍ତିମାନଙ୍କ ଉପରେ ସମାଜର ରୂପାନ୍ତରଣ ପାଇଁ ପ୍ରଭାବ ପକାଇ ନାହିଁ କି? ତାଙ୍କର 'ଅମୃତର ସନ୍ତାନ' (୧୯୪୯) ଉପନ୍ୟାସ କ'ଣ ଓଡ଼ିଆ ସାହିତ୍ୟରେ ବିସ୍ଥାପିତ ସମସ୍ୟାର ପ୍ରଥମ ଓଁକାର ଧ୍ୱନି ନୁହେଁ କି? ଏହି ଉପନ୍ୟାସର ନାୟିକା ପୁୟୁ ସ୍ୱାମୀ ପରିତ୍ୟକ୍ତା ହେଲେ ହେଁ ଶିଶୁ ପୁତ୍ରକୁ କୋଳେଇ ନେଇ ଯେପରି ଜୀବନ-ବଂଚିବା ପାଇଁ ସଂକଳ୍ପ ନେଇଛି ଓ ଉପନିଷଦୀୟ ବାଣୀ-ମନ୍ତ୍ର ପରି ନୈରାଶ୍ୟ ଓ ମୃତ୍ୟୁ-କାତରତାକୁ ଛାଡ଼ି ଜୀବନ-ପଥରେ ଆଗେଇ ଯାଇଛି ତାହା କ'ଣ ନାରୀ-ସ୍ୱାତନ୍ତ୍ର୍ୟର ଉଚ୍ଚାରଣ ନୁହେଁ କି ?

ଗୋପୀନାଥଙ୍କ 'ମାଟିମଟାଳ' (୧୯୬୪) ଗ୍ରାମ୍ୟଜୀବନ ଭିତ୍ତିକ ଏକ ମହାକାବ୍ୟିକ ଉପନ୍ୟାସ । ସହର ଜୀବନର ମୋହଗ୍ରସ୍ତତାରୁ ମୁକ୍ତ ହୋଇ ଗାଁର ପୁନର୍ଗଠନ ପାଇଁ ଗାଁକୁ ଫେରି ଆସିଥିବା ଶିକ୍ଷିତ ଯୁବକ ରବିର ତ୍ୟାଗ, ସହିଷ୍ଣୁତା ଓ ମାନବ-ସେବାର ଭିତ୍ତିଭୂମିରେ ଗଢ଼ି ଉଠିଛି ଏହି ଉପନ୍ୟାସ । ସେ ଗ୍ରାମ-ସଙ୍ଗଠନ କରିଛି । ଗାଁ ଲୋକଙ୍କ ଭିତରେ ଥିବା ଯାବତୀୟ

ସଂକୀର୍ଣ୍ଣତା, କ୍ଷୁଦ୍ର ସ୍ୱାର୍ଥ ଓ ସଂଘର୍ଷକୁ ବିଲୋପ କରି ସମସ୍ତଙ୍କୁ ଗୋଟିଏ ଭାବବିନ୍ଦୁକୁ ଆଣିବା ଓ ଗାଁ ଗାଁ ଭିତରେ ଥିବା ଭ୍ରାନ୍ତ ଆଞ୍ଚଳିକ ଅହଙ୍କାରକୁ ଦୂରେଇ ଦେବା ହେଲା ରବିର ଆଦର୍ଶ । ଗାଁ ଲୋକଙ୍କ ସଂଘର୍ଷକୁ ବନ୍ଦ କରିବାକୁ ଯାଇ ନିଜେ ତୀବ୍ର ଆଘାତ ପାଇ ତଳେ ପଡ଼ିଗଲା ପରେ ସମସ୍ତଙ୍କର ଚେତନା ଫେରିଛି, ଭୁଲ ବୁଝିଛନ୍ତି, ସଂଘର୍ଷ ନୁହେଁ; ପାରସ୍ପରିକ ମୈତ୍ରୀ ଉପରେ ଗୁରୁତ୍ୱ ଦେଇଛନ୍ତି । ରବିର ବିଜୟ ହୋଇଛି; ଅନ୍ୟ ଅର୍ଥରେ ଗାନ୍ଧିବାଦର ବିଜୟ ହୋଇଛି । ଶୋଷଣମୁକ୍ତ ସାମ୍ୟ ସମାଜ ପାଇଁ ଯେପରି ରବି କଣ୍ଠରେ ଉଚ୍ଚାରିତ ହୋଇଛି ତହା ସେହି କାହ୍ନୁଚରଣୀୟ ଦୃଷ୍ଟି ଓ ଦର୍ଶନର ପରିଚୟ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଗ୍ରାମ-ଓଡ଼ିଶାର ଉନ୍ନତି ଓ ମଙ୍ଗଳ ପାଇଁ ଯେଉଁ ଉଦାର ମାନବୀୟ ଧାରାଟିଏ ପ୍ରବାହିତ ହୋଇ ଆସିଥିଲା ତାହା ୧୯୭୦ ମସିହା ପରେ ବଦଳିବାକୁ ଲାଗିଲା । ଆଦିବାସୀ ଓ ହରିଜନ ସମାଜର ଅବସ୍ଥା ପରିବର୍ତ୍ତିତ ହେଲା । ସେମାନେ ପାଠ ପଢ଼ିଲେ, ଶିକ୍ଷିତ ହେଲେ, ଚାକିରି କଲେ, ନେତା ଓ ମନ୍ତ୍ରୀ ହେଲେ । ଯେଉଁମାନେ ହେଲେ, ସେମାନେ ବ୍ୟକ୍ତିକୈନ୍ଦ୍ରିକ ହେଲେ । ମୁଖ୍ୟ ସ୍ରୋତରୁ ଅପସରି ଗଲେ । ଏଣେ ଆଦିବାସୀ ଓ ହରିଜନ ସମାଜ ଯେଉଁ ତିମିରେକୁ ସେଇ ତିମିରେ ରହିଲେ । ସେମାନଙ୍କ ସ୍ତ୍ରୀ ଝିଅଙ୍କ ଇଜ୍ଜତ ଗଲା, ନିଜ ଭିଟାମାଟିରୁ ବିସ୍ଥାପିତ ହେଲେ । ଅଥଚ ସେମାନଙ୍କ ସମସ୍ୟା ସମ୍ପର୍କରେ କେହି ସଚେତନ ହେଲେ ନାହିଁ । ଶିଳ୍ପାୟନ ନାମରେ ରାଜନେତା, ପ୍ରାଶାସନିକ ଅଧିକାରୀ, ବସ୍ତୁବାଦୀ ଓ ସୁଖଭୋଗୀ ଲୋକଙ୍କର ଆକାଂକ୍ଷା ଏପରି ଗଗନସ୍ପର୍ଶ କରିଗଲା ଯେ ସେଥିରେ କୃଷି, ଜଙ୍ଗଲ ଜମି ଧ୍ୱଂସ ପାଇଗଲା ଓ ଗଢ଼ି ଉଠିଲା ଶିଳ୍ପ କାରଖାନା । ଗୋପୀନାଥ ମହାନ୍ତି ସ୍ୱାଧୀନତା ପରେ ପରେ 'ହରିଜନ' (୧୯୪୮) ଉପନ୍ୟାସ ଲେଖି ଗରିବ ହରିଜନ ମେହେନ୍ତରମାନଙ୍କୁ ବିସ୍ଥାପନ କରିବାର ଯେଉଁ ଅପକର୍ମ କରାଗଲା ତାହାର ଏକ କରୁଣ ଓ ଅଗ୍ନିଗର୍ଭ ଧ୍ୱନି ଉଚ୍ଚାରଣ କଲେ । ଏହି ଅପକର୍ମରେ ସାମିଲ ହୋଇଗଲେ ରାଜନେତା, ପ୍ରଶାସକ ଓ ପୋଲିସ । ଧନକୁବେରମାନେ ଅର୍ଥ ବଳରେ ସମସ୍ତଙ୍କୁ କରାୟତ୍ତ କରି ସ୍ୱାର୍ଥ ସାଧନ କଲେ । ଅପରପକ୍ଷରେ ଏହି ଧନକୁବେରମାନେ ଦିନର ଆଲୋକରେ ଯେଉଁମାନଙ୍କୁ ଅସ୍ପୃଶ୍ୟ କହି ଘୃଣା କରନ୍ତି ରାତ୍ରିର ଅନ୍ଧକାର ଭିତରେ ସେହି ଶ୍ରେଣୀର ନାରୀକୁ ଓ ଯୁବତୀକୁ ଶଯ୍ୟାସଙ୍ଗିନୀ କରନ୍ତି ଓ ଦିନରେ ଝାଡ଼ିଝୁଡ଼ି ସଭ୍ୟ ବୋଲାନ୍ତି । ଏହି ସମସ୍ୟା ପ୍ରତି ଗୋପୀନାଥ ପ୍ରଥମେ ଯେଉଁ ଦୃଷ୍ଟିପାତ କଲେ ତାହା ଯେ ପରବର୍ତ୍ତୀ ସାମାଜିକ ଜୀବନରେ କେତେ ପ୍ରଭାବ ପକାଇଛି ତାହାକୁ ଉପଲବ୍ଧି କରାଯାଇଥାଏ । ଏହି ବିସ୍ଥାପିତ ସମସ୍ୟାକୁ ନେଇ ପରବର୍ତ୍ତୀ ସମୟରେ ଡକ୍ଟର ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' ଓ ଅନ୍ନଦା ପ୍ରସାଦ ରାୟଙ୍କର 'ମାଟିର ଲୁହ' ଉପନ୍ୟାସ ରଚିତ ହୋଇଛି ଓ ଏହି ସାମାଜିକ ଅବବୋଧଟି ଯେ କେତେ ପ୍ରଭାବ ପକାଇଛି ତାହା ଜଣାଯାଇଥାଏ । ଏତାଦୃଶ ଉପନ୍ୟାସମାନ ଯେ ସମାଜ ଉପରେ ପ୍ରଭାବ ପକାଇ ନାହିଁ; ନୁହେଁ, ପ୍ରଭାବ ପକାଇଛି କିଛି ସଚେତନ ପାଠକମାନଙ୍କ ଉପରେ ।

ସ୍ୱାଧୀନତା ପରେ ପରେ ଗଣତନ୍ତ୍ର ପ୍ରତିଷ୍ଠା ଲାଭ କଲା । ଗାଣତନ୍ତ୍ରିକ ସମାଜବାଦ କଥା କୁହାଗଲା ମାତ୍ର ସବୁ ହୋଇଗଲା ପୋଥି ବାଇଗଣ । ଗାଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ରମଶଃ ରାଜନୀତି, ପ୍ରଶାସନ ଓ ଶିଳ୍ପ ବ୍ୟବସାୟକୁ କେନ୍ଦ୍ର କରି ବ୍ୟକ୍ତି ମଣିଷଟି ପ୍ରାଧାନ୍ୟ ଲାଭ କରିଗଲା । 'ସମଗ୍ର' କଥା କୁହାଗଲା ମାତ୍ର 'ସମଗ୍ର' ହୋଇଗଲେ ଉପେକ୍ଷିତ । ପୂର୍ବରୁ କୁହାଯାଇଥିବା ତିନି ଶ୍ରେଣୀରୁ ଉଦ୍‌ଭୂତ ବ୍ୟକ୍ତିମାନେ ହୋଇଗଲେ ସୁଖଭୋଗୀ ଓ ବ୍ୟକ୍ତିମୁଖୀ । ଏହି ଶ୍ରେଣୀର ଚତୁରମାନେ ଗଣତନ୍ତ୍ର, ସମାଜବାଦ, ସାମ୍ୟବାଦ, ଲୋକ-କଲ୍ୟାଣ ଇତ୍ୟାଦି ନାନା ମନ ଭୁଲାଣିଆ କଥା କହି ଲୋକଙ୍କୁ ଶୁଆଇ ପକାଇଲେ ଓ ନିଜେ ଅର୍ଥ କୁବେର ସାଜି ନବ ସାମନ୍ତବାଦୀ ବୋଲାଇଲେ । ସାଧାରଣ ଲୋକେ ଏକଥା ଜାଣୁଛନ୍ତି, କିଛି କହିପାରୁ ନାହାନ୍ତି ବା କରିପାରୁ ନାହାନ୍ତି । ଔପନ୍ୟାସିକମାନେ ଏହି କଥାକୁ ସେମାନଙ୍କ ଉପନ୍ୟାସରେ ଯେ ପ୍ରକାଶ କରୁନାହାନ୍ତି; ନୁହେଁ । ଅଳ୍ପ କିଛି ଔପନ୍ୟାସିକ, ଯେଉଁମାନେ ଏପରି ସାମାଜିକ ପରିବର୍ତ୍ତନକୁ ଉପଲବ୍ଧି କରୁଛନ୍ତି, ସେମାନେ ହିଁ ଉପନ୍ୟାସରେ ତା'ର ଚିତ୍ର ଦେଉଛନ୍ତି । ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ମନୋଜ ଦାସ, କିଶୋରୀ ଚରଣ ଦାସ, ରାମଚନ୍ଦ୍ର ବେହେରା, ପ୍ରତିଭା ରାୟ, ଦେବ୍ରାଜ ଲେଙ୍କା ପ୍ରମୁଖ ଔପନ୍ୟାସିକଙ୍କ ଉପନ୍ୟାସରୁ ଏହାର ପରିଚୟ ମିଳିଥାଏ । ଗୋପୀନାଥ ମହାନ୍ତିଙ୍କ 'ବୁନ୍ଦାଏ ପାଣି' ଉପନ୍ୟାସ ଠିକ୍ ସ୍ୱାଧୀନତା ପରବର୍ତ୍ତୀ ସମୟର ରାଜନୀତିକ ପୃଷ୍ଠଭୂମିକୁ ନେଇ ରଚିତ । ସେଇ ପୃଷ୍ଠଭୂମିରେ ଲୋକଙ୍କଠାରୁ ଭୋଟ ନେଇ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ହୋଇଥିବା ନେତାଙ୍କ ପାଖରେ ସମୟ ନ ଥାଏ ଲୋକଙ୍କୁ ସାକ୍ଷାତ ଦେଇ ସେମାନଙ୍କ କଥା ଶୁଣିବା

ପାଇଁ, ଅଥଚ ସମୟ ଥାଏ ଟଙ୍କା ଥଳି ଧରି ଆସିଥିବା ବ୍ୟବସାୟୀ ଓ ଶିଳ୍ପପତିଙ୍କ ପାଇଁ । ଔପନ୍ୟାସିକ ଏହି ଚିତ୍ରକୁ ଯେପରି ରୂପ ଦେଇଛନ୍ତି ତାହା ସମାଜ ଉପରେ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଏ । ସୁରେନ୍ଦ୍ର ମହାନ୍ତି ମଧ୍ୟ 'ଅନ୍ଧ ଦିଗନ୍ତ'(୧୯୬୪) ଉପନ୍ୟାସରେ ଏହି କଥାକୁ ବ୍ୟଙ୍ଗାତ୍ମକ ଭାବରେ ଦର୍ଶାଇ ଦେଇଛନ୍ତି । ସୂଚାଇ ଦେଇଛନ୍ତି ଯେଉଁ ରାଜନେତା ଛଳନା କରେ, ପ୍ରତାରଣା କରେ, ନାରୀ-ଉପଭୋଗକୁ ବିଳାସ ମନେ କରେ ସିଏ ଝାଡ଼ିଝୁଡ଼ି ହୋଇ ବେଶ୍ ଉଚ୍ଚକୁ ଯାଏ, ପ୍ରଶାସନକୁ ନିଜ ହାତ ମୁଠାରେ ରଖେ, ଶୁଦ୍ଧୋଦନ ମହାପାତ୍ରଙ୍କ ପରି ମୁଖ୍ୟମନ୍ତ୍ରୀ ହୋଇ ଦିନକୁ ଦଶବାରଟା ସଭା କରେ, ଉଦ୍‌ଘାଟନ କରେ, ଫୁଲମାଳ ପାଏ । ଏହା କ'ଣ ସାମାଜିକ ଜୀବନରେ ପ୍ରଭାବ ପକାଇ ନାହିଁ? ନିଧିଦାସଙ୍କ ପରି ସର୍ବତ୍ୟାଗୀ ଓ ସମ୍ବେଦନଶୀଳ ଗାନ୍ଧିବାଦୀ ମଣିଷ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ସ୍ୱାଧୀନତା ପରେ ତଥାକଥିତ ଉପଭୋଗୀର ରାଜନୀତି ଭିତରେ ଯେପରି ଉପେକ୍ଷିତ ହୋଇଯାଇଛି ତାହା କ'ଣ ସମାଜ-ମଣିଷଙ୍କୁ ପ୍ରଭାବିତ କରି ନାହିଁ?

ଶାନ୍ତନୁ ଆଚାର୍ଯ୍ୟଙ୍କର 'ଶକୁନ୍ତଳା' (୧୯୮୦) ସ୍ୱାଧୀନତା ପରବର୍ତ୍ତୀ କାଳର ଏକ ନୂତନ ଚେତନାଧର୍ମୀ ଉପନ୍ୟାସ । ଏହି ଚେତନା ହେଉଛି ନକ୍‌ସାଲବାଦୀ ହିଂସାଦ୍ୱାରା ସମାଜର ପରିବର୍ତ୍ତନ ସମ୍ଭବ ନୁହେଁ; ସମ୍ଭବ ଅଧାତ୍ମ ଚେତନାର ଉତ୍ତରଣଦ୍ୱାରା । ସେ ଅନୁଭବ କରିଛନ୍ତି ଯେ ସ୍ୱାଧୀନତା ପରେ ନବ ସାମନ୍ତବାଦ, ଅର୍ଦ୍ଧସାମନ୍ତବାଦ ଓ ବୁର୍ଜୁୟା ବିଳାସ ଏପରି ବୃଦ୍ଧି ପାଇଯାଇଛି ଯେ ସେଥିରେ ସାଧାରଣ ମଣିଷମାନେ ହୋଇଯାଇଛନ୍ତି ଅସହାୟ । ସେଥିରେ ମୁଣ୍ଡ ଟେକି ଉଠିଛି ନକ୍‌ସାଲବାଦ, ମାଓବାଦ । ଏହି ଆନ୍ଦୋଳନରେ ଯେଉଁ ଶିକ୍ଷିତ ଯୁବକ ଯୁବତୀମାନେ ଯୋଗ ଦେଇ ହିଂସାକୁ ପାଥେୟ କରି ନେଇଛନ୍ତି ସେମାନେ ଚାହୁଁଛନ୍ତି– 'ସର୍ବତୋଭାବେ ସମାନ ଓ ବୈଷମ୍ୟହୀନ ମନୁଷ୍ୟ ସମାଜ ।' ତେଣୁ ସେମାନେ ହତ୍ୟା କରୁଛନ୍ତି ଶ୍ରେଣୀ ଶତ୍ରୁମାନଙ୍କୁ । ସେମାନେ ପୋଲିସ ଆକ୍ରମଣର ଶିକାର ହେଉଥିଲେ ମଧ୍ୟ ଘୋଷଣା କରୁଛନ୍ତି– 'ଆମେ ନବମାନବ! ନବ ମାନବ!! ନିର୍ଭୟରେ ଆସିଥିଲୁ । ଯାଉଚୁ ନିର୍ଭୟରେ । କାହାରି ଧାରି ନାହୁଁ । କାହାରି ଖାଇ ନାହୁଁ । ଏ ସଂସାର ଚିହ୍ନିବ ଦିନେ କିଏ ଆମେ ।' ପୁନଶ୍ଚ ସେମାନେ କୁହନ୍ତି– 'ଆମେ ଉତ୍ସର୍ଗୀକୃତ । ନବମାନବର ଜନ୍ମ ଅଛି ମୃତ୍ୟୁ ନାହିଁ । ସେ କେବଳ ଆତ୍ମବଳି ଦେଇପାରେ ।' ନକ୍‌ସାଲମାନଙ୍କ ନାରକୀୟ ହତ୍ୟାକାଣ୍ଡ ଭିତରେ କଣ୍ଢଆର ଜଗନ୍ନାଥଙ୍କୁ ଆଣି ଯେପରି ସେମାନଙ୍କୁ ଜଗନ୍ନାଥ-ଚେତନା ଭିତର ଦେଇ ନୂତନ ସମାଜ ପାଇଁ ଆହ୍ୱାନ ଦେଇଛନ୍ତି ତାହା ବିଚାର କରିବାର କଥା । ଏହାର ପ୍ରଭାବ ଆମେ ଲକ୍ଷ୍ୟ କରୁ ପରବର୍ତ୍ତୀ ସମାଜ ଉପରେ । ଡକ୍ଟର ହରେକୃଷ୍ଣ ମହତାବ ରାଜନେତା ଓ ଗାନ୍ଧିବାଦୀ ମଣିଷ । ସେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସ୍ୱାଧୀନତା ପରେ ପରେ କେତେ କେତେ ପଦପଦବୀରେ ଥିଲେ । ସେ ଉପଲବ୍ଧି କରିଥିଲେ ଯେ ସ୍ୱାଧୀନତା ପରେ ରାଜନେତା, ମନ୍ତ୍ରୀ ସମସ୍ତେ ସମାଜ-ସ୍ରୋତରୁ ଅଲଗା ହୋଇ ବ୍ୟକ୍ତିବାଦୀ ଓ ଉପଭୋଗୀ ହୋଇଗଲେ । ତେଣୁ ମୁଣ୍ଡ ଟେକି ଉଠିଲା ନକ୍‌ସାଲବାଦ । ଏହି ବିଷୟକୁ ନେଇ ସେ ରଚନା କଲେ 'ତୃତୀୟ ପର୍ବ' (୧୯୭୭) ଉପନ୍ୟାସ । ଏଥିରେ ସେ ନିଜେ ନାୟକ ପାଲଟିଗଲେ, ଉପନ୍ୟାସର ନାୟକ ରାମହରି ବାବୁଙ୍କ ସହିତ ଏକାତ୍ମ ହୋଇ । ତେଣୁ ସେ ନକ୍‌ସଲବାଦୀ ଯୁବକମାନଙ୍କୁ ଘୃଣା କଲେ ନାହିଁ । ସେମାନଙ୍କ ପ୍ରତି ସେ ସହାନୁଭୂତି ପ୍ରଦର୍ଶନ କଲେ । ସେମାନଙ୍କ ଲକ୍ଷ୍ୟ ଓ ଆଦର୍ଶକୁ ପ୍ରଂଶସା କଲେ, ଦେଶପ୍ରେମ ଓ ମାନବପ୍ରେମକୁ ପ୍ରଶଂସା କଲେ ମାତ୍ର ସେମାନଙ୍କ ହିଂସାତ୍ମକ ମାର୍ଗକୁ ନିନ୍ଦା କଲେ । ତାଙ୍କର ଆଦର୍ଶ ହେଲା ସେହି ଯୁବକମାନଙ୍କ ସହିତ ମିଶି ଓ ଆଲୋଚନା କରି ସେମାନଙ୍କୁ ଜାତୀୟ ସ୍ରୋତକୁ ଆଣିବା । ତାଙ୍କର '୧୯୭୫' ଉପନ୍ୟାସ ମଧ୍ୟ ଏହି ଚିନ୍ତାର ଅନ୍ୟ ଏକ ସୃଷ୍ଟି । ଏହି ନକ୍‌ସାଲବାଦୀ ଆଦର୍ଶକୁ ନେଇ ଅନାଦି ସାହୁଙ୍କ 'ମୁଣ୍ଡ ମେଖଳା' (୧୯୮୧) ମଧ୍ୟ ରଚିତ ହୋଇଛି ଓ ସେଥିରେ ନକ୍‌ସାଲବାଦୀଙ୍କ ହିଂସାକୁ ନିନ୍ଦା କରାଯାଇ ତାଙ୍କର ଲକ୍ଷ୍ୟକୁ ପ୍ରଶଂସା କରାଯାଇଛି । ମଦନମୋହନ ମିଶ୍ର, ସୃଷ୍ଟିଧର ପରିଡ଼ା, ଅନ୍ନଦା ପ୍ରସାଦ ରାୟ ପ୍ରମୁଖ ମଧ୍ୟ ଏହି ନକସାଲବାଦୀ ଚେତନାକୁ ନେଇ ରଚନା କରିଛନ୍ତି ଉପନ୍ୟାସ । ଏସବୁ ଉପନ୍ୟାସ ଯେ ସମାଜ ଉପରେ ପ୍ରଭାବ ପକାଇ ନାହିଁ; କହିବା ଠିକ୍ ହେବ ନାହିଁ । କିନ୍ତୁ ଦେଖାଯାଇଛି ଯେ ଗାନ୍ଧିବାଦୀ ଦର୍ଶନ ଭିତ୍ତିରେ ରଚିତ ଉପନ୍ୟାସମାନଙ୍କର ନୂତନ-ସମାଜ-ପରିକଳ୍ପନା ଯେପରି ବିଡ଼ମ୍ବିତ ହୋଇଯାଇଛି ସେହିପରି ମଧ୍ୟ ମାର୍କସ୍-ଲେନିନ-ମାଓ-ଦର୍ଶନ ଆଧାରିତ ନକ୍‌ସାଲବାଦ ଓ ନବମାନବବାଦ ମଧ୍ୟ ହୋଇଯାଇଛି ବିଲୋପ । ଯେଉଁ ବ୍ୟକ୍ତିବାଦୀ ଉପଭୋଗୀ ଗୋଷ୍ଠୀର ପ୍ରସାର ଘଟିଛି ସେହିମାନେ ଏତେ ପ୍ରଭାବ ବିସ୍ତାର କରି ଯାଇଛନ୍ତି ଯେ ସବୁ ଆଦର୍ଶ ଯେପରି ହୋଇଯାଇଛି ବିଡ଼ମ୍ବିତ । ଏହି ଗୋଷ୍ଠୀ ଉପନ୍ୟାସର ପାଠକ ନୁହନ୍ତି ।

ଏମାନଙ୍କୁ ଛାଡ଼ିଦେଲେ ଅନ୍ୟ ଯେଉଁମାନେ ରହିଗଲେ ସେମାନଙ୍କ ଭିତରୁ କେତେକ ପଢ଼ନ୍ତି । ସେମାନେ ବିଚାର କରନ୍ତି ଯେ ବାହାର ଦେଶର ଚିନ୍ତାକୁ ଆଣି ଭାରତ ମାଟିରେ ରୋପଣ କରିଦେଲେ ତାହା ଉଧେଇ ପାରିବ ନାହିଁ । ଯେଉଁ ସମାଜବାଦୀ ବା ନବମାନବବାଦୀ ଚେତନା କଥା କୁହାଯାଉଛି ତାହା ଭାରତ-ମାଟିରୁ ହିଁ ଉନ୍ମେଷ ଘଟିବ । ଏହାହିଁ ଶାନ୍ତନୁ ଆଚାର୍ଯ୍ୟଙ୍କର 'ନରକିନ୍ନର' (୧୯୬୨) ଉପନ୍ୟାସରେ ବଡ଼ ମାର୍ମିକ ଭାବରେ କୁହାଯାଇଛି । ସ୍ୱାଧୀନତା ପରବର୍ତ୍ତୀ ମଣିଷ ଯେ 'ନର' ନୁହେଁ ବା 'କିନ୍ନର' ନୁହେଁ; ଉଭୟର ଏକ କାରୁଣ୍ୟମୁଗ୍ଧ 'ନରକିନ୍ନର' ତାହାକୁ ଦର୍ଶାଇ ଦେବା ସହିତ ଯେଉଁସବୁ ନୂଆ ନୂଆ ରାଜନୀତିକ ଦର୍ଶନ ଆସିଛି ତାହାର ଅନୁଶୀଳନାତ୍ମକ ଦୃଷ୍ଟିକୋଣର ଏକ ଭିନ୍ନ ଶୈଳୀର ପରିଚୟ ଦେଇଛି । ପ୍ରଥମ ଥର ପାଇଁ ଅସ୍ତିତ୍ୱବାଦ ଭିତ୍ତିରେ ନର୍ଦ୍ଦମାରେ ପରିତ୍ୟକ୍ତ ଶିଶୁ ଜର୍ଜକୁ ଯେପରି ଉପନ୍ୟାସ ନାୟକ କରାଯାଇ ଗୋଦରୀ ବୁଢ଼ୀ, ହୋମିଓପାଥି ଡାକ୍ତର ଓ ରିକ୍ସାବାଲାକୁ ଉପନ୍ୟାସର ଭାବ-କକ୍ଷ ସହିତ ଏକାତ୍ମ କରି ଦିଆଯାଇଛି ତାହା – ଅନନ୍ୟ ।

ରାଜନୀତିକୁ ନେଇ ସ୍ୱାଧୀନତା ପରବର୍ତ୍ତୀ କାଳରେ ଅନେକ ଉପନ୍ୟାସ ରଚିତ ହୋଇଛି । ନିତ୍ୟାନନ୍ଦ ମହାପାତ୍ରଙ୍କ 'ହିଡ଼ମାଟି' (୧୯୪୬), 'ଭଙ୍ଗାହାଡ଼' (୧୯୫୬), 'ଘରଡ଼ିହ' (୧୯୮୦) ତିନୋଟି ଉପନ୍ୟାସ ଏକ କ୍ରମପ୍ରବାହୀ ଉପନ୍ୟାସ । ପ୍ରଥମଟି ଲବଣ ସତ୍ୟାଗ୍ରହ, ଗାନ୍ଧିଜୀଙ୍କର ଅହିଂସ ଆନ୍ଦୋଳନ, ଗ୍ରାମ ଲୋକଙ୍କ ଉପରେ ତାହାର ପ୍ରଭାବ, ସାଧାରଣ ଲୋକଙ୍କୁ ଟାଉଟର ଶ୍ରେଣୀୟ ଲୋକଙ୍କର ନାନା ଭାବରେ ହଇରାଣ କରିବା ଇତ୍ୟାଦିର ସ୍ୱର ଝଙ୍କୃତ କରିବା ସହିତ ଗାଁ ମାଟି ପ୍ରତି ମମତ୍ୱବୋଧର ଏକ ମାର୍ମିକ ଆଲେଖ୍ୟ ହୋଇଥିଲା ବେଳେ 'ଭଙ୍ଗାହାଡ଼' ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭ ଧ୍ୱନି, ନେତାଜୀ ସୁଭାଷ ବୋଷଙ୍କର ଭାରତୀୟ ରାଜନୀତିରେ ଭୂମି ଓ ଭୂମିକାର ଏକ ମନ୍ମୟ ଆଲେଖ୍ୟ । 'ଘରଡ଼ିହ' ସ୍ୱାଧୀନତା ପରବର୍ତ୍ତୀ ଗାଣତନ୍ତ୍ରିକ ରାଜନୀତିର ଅବକ୍ଷୟ, କ୍ଷମତା-ତୃଷ୍ଣା, ଚୀନ ଓ ଭାରତର ବନ୍ଧୁତା ଓ ପଞ୍ଚଶୀଳ ନୀତିର ବ୍ୟର୍ଥତା, ଭାରତକୁ ଚୀନର ଆକ୍ରମଣ ପର୍ଯ୍ୟନ୍ତ ବିଷୟବସ୍ତୁ ଆଧାରରେ ରଚିତ । ଏହି ଉପନ୍ୟାସ ତ୍ରୟୀ ତିନୋଟି କାଳର ରୂପଚିତ୍ର ହେଲେ ହେଁ ମୁଖ୍ୟ ଚରିତ୍ରମାନେ ତିନୋଟିରେ ଧାରାବାହିକତା ରକ୍ଷା କରିଛନ୍ତି । ଯେଉଁ ସାମାଜିକ ଚିନ୍ତନଟି ଏହି ତିନୋଟି ଉପନ୍ୟାସରେ ପ୍ରକାଶ ପାଇଅଛି ଓ ଯେଉଁ ମାନବିକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିପାରିଛି ତାହା ପାଠକମାନଙ୍କ ହୃଦୟରେ ରେଖାପାତ କରିବାକୁ ସମର୍ଥ ହୋଇପାରିଛି । ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧ ଦିଗନ୍ତ' (୧୯୬୪) ଉପନ୍ୟାସ ଯଦିଓ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଦେଇ ସ୍ୱାଧୀନତା ଲାଭ, ଗାଣତନ୍ତ୍ରିକ ଶାସନ-ବ୍ୟବସ୍ଥା-ପ୍ରଚଳନ ବିଷୟର ବର୍ଣ୍ଣନାରେ ଋଦ୍ଧିମନ୍ତ ହୋଇଅଛି, ସେଥିରେ କିନ୍ତୁ ମୁଖ୍ୟ ହୋଇଯାଇଛି ସ୍ୱାଧୀନତା ପରେ ଯେଉଁ ରାଜନେତାମାନଙ୍କର ଆବିର୍ଭାବ ଘଟିଛି ସେମାନଙ୍କର ଛଳନା, ପ୍ରତାରଣା, ଲୋକ-ସେବା ଓ ଦେଶସେବା ନାମରେ ଆତ୍ମ ସୁଖ, ବିଳାସ ଓ ଉପଭୋଗ-ତୃଷ୍ଣା । ଗାନ୍ଧି ଦର୍ଶନକୁ ଜୀବନରେ ବ୍ରତ କରି ନେଇ ଯେଉଁ କର୍ମୀ, ସଂଗ୍ରାମୀ, ତ୍ୟାଗୀମାନେ ଜେଲ ଯାଇ ସର୍ବସ୍ୱ ହରାଇଥିଲେ, କଷ୍ଟ ସହିଥିଲେ ସେମାନେ ସ୍ୱାଧୀନତା ପରେ କ୍ଷମତା-ରାଜନୀତିରେ ହୋଇଗଲେ ଉପେକ୍ଷିତ ଓ ଯେଉଁ ରାଜା ଜମିଦାରମାନେ ସ୍ୱାଧୀନତା ପୂର୍ବରୁ ଇଂରେଜ ସରକାରଙ୍କର ପଦଲେହନ କରି ସ୍ୱରାଜ-ସଂଗ୍ରାମକୁ ବିରୋଧ କରୁଥିଲେ ଓ ଲୋକଙ୍କ ଉପରେ ନାନା ଅତ୍ୟାଚାର କରୁଥିଲେ ସେମାନେ ଗଣତନ୍ତ୍ରୀ ପୋଷାକରେ ହୋଇଗଲେ ନେତା ଓ ମନ୍ତ୍ରୀ । ଏହି କଥାକୁ ଅନ୍ଧଦିଗନ୍ତ ଯେପରି ଭାବରେ ରୂପାୟନ କରିଛି ତାହା ସମାଜ ଉପରେ କ'ଣ ପ୍ରଭାବ ପକାଇ ନାହିଁ? ସମାଜର ବିବେକକୁ ଏହା କ'ଣ ସଚେତନ ହେବାକୁ ପ୍ରେରଣା ଦେଇନାହିଁ? ଡକ୍ଟର ହରେକୃଷ୍ଣ ମହାତାବଙ୍କ 'ତୃତୀୟ ପର୍ବ' ଓ '୧୯୭୫' ଉପନ୍ୟାସ ଦୁଇଟି ଗାନ୍ଧିବାଦ ଓ ନକ୍ସାଲବାଦର ଚିତ୍ତ ସଘର୍ଷ ଉପରେ ଆଧାରିତ । ବିଶେଷତଃ 'ତୃତୀୟ ପର୍ବ' ଏପରି ବିଶ୍ଳେଷଣାତ୍ମକ ଓ ସଂଳାପିକ ଶୈଳୀରେ ସାଧାରଣ ଲୋକଙ୍କ ଭାଷାରେ ରଚିତ ହୋଇଛି ଯେ ତାହା ସମାଜର ମଣିଷମାନଙ୍କୁ ପ୍ରକୃତ ପରିସ୍ଥିତି ସମ୍ପର୍କରେ ସଚେତନ ହେବାକୁ ପ୍ରେରଣା ଦେଇଥାଏ । ଏହା ସହିତ ଏହି ଉପନ୍ୟାସ ମଧ୍ୟ କ୍ଷମତା-ସିଂହାସନରେ ବସିଥିବା ରାଜନେତାଙ୍କ ପ୍ରତି ପ୍ରକାଶ କରିଛି ତିର୍ଯ୍ୟକ୍ ଦୃଷ୍ଟି । ଲକ୍ଷ୍ମୀଧର ନାୟକଙ୍କର 'ହା'ରେ ଦୁର୍ଭାଗା ଦେଶ', 'ମୋ ସ୍ୱପ୍ନର ସହର' ଗୋପୀନାଥ ମହାନ୍ତିଙ୍କ 'ବୁନ୍ଦାଏ ପାଣି', ଚନ୍ଦ୍ରଶେଖର ରଥଙ୍କର 'ଅସୂର୍ଯ୍ୟ ଉପନିବେଶ', ଗଣେଶ୍ୱର ମିଶ୍ରଙ୍କର 'ନେତା', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ', 'ଶକୁନ୍ତଳା', 'ଧରିତ୍ରୀର କାନ୍ଦ', ବ୍ରଜମୋହନ ମହାନ୍ତିଙ୍କର 'ନିଃଶବ୍ଦ ଆକାଶ ଅନ୍ଧ ପୃଥିବୀ', ବିଭୂତି ପଟ୍ଟନାୟକଙ୍କର 'ଛପଳ ଛନ୍ଦା', ପ୍ରତିଭା ରାୟଙ୍କର 'ଉତ୍ତର

ମାର୍ଗ', ଅନାଦି ସାହୁଙ୍କର 'କ୍ଷଣଭଙ୍ଗୁର' ଇତ୍ୟାଦି ଉପନ୍ୟାସ କେବଳ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିର ଚିତ୍ର ମାତ୍ର ନୁହେଁ; ବରଂ ରାଜନୀତିକୁ ଆଶ୍ରୟ କରି ଗଢ଼ି ଉଠିଥିବା ନେତା, ମନ୍ତ୍ରୀ, ଅଧିକାରୀ, କର୍ମଚାରୀ, ବ୍ୟବସାୟୀ ଇତ୍ୟାଦିଙ୍କର କପଟତା, ଛଳନା, ପ୍ରତାରଣା, ଶୋଷଣ, ପୀଡ଼ନ, ବ୍ୟଭିଚାର ଓ ଉପଭୋଗ ତୃଷ୍ଣାର ଜୀବନ୍ତ ଅଭିବ୍ୟକ୍ତି । ସମାଜ ମଣିଷମାନଙ୍କୁ ଏସବୁ ଉପନ୍ୟାସ ଯେ ପ୍ରଭାବିତ କରିଛି, କହିଲେ ଭୁଲ ହେବ ନାହିଁ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବଦଳି ଯାଇଛି ଗ୍ରାମ-ସମାଜ; ଏପରିକି ଆରଣ୍ୟକ ସମାଜ ମଧ୍ୟ । ତେବେ ଏହି ବଦଳିବା ସମଗ୍ର ଗ୍ରାମ ମଣିଷମାନଙ୍କର ବା ସମଗ୍ର ଅରଣ୍ୟବାସୀଙ୍କର ନୁହେଁ । ଯେଉଁମାନେ ରାଜନୀତିରେ ମିଶିଛନ୍ତି, ଚାକିରି କରିଛନ୍ତି ବା ଠିକାଦାରି କରିଛନ୍ତି ସେମାନେ ବଦଳିଛନ୍ତି ଅର୍ଥବାଦ ଦ୍ୱାରା । ସେଇମାନେ ହିଁ ନେତାଙ୍କର ଓ ଅଧିକାରୀମାନଙ୍କର ହାତବାରିସି ସାଜି ଲୋକଙ୍କର ସର୍ବନାଶ ଘଟାଇଛନ୍ତି । ଶ୍ରମିକ ଶ୍ରେଣୀ ମଧ୍ୟ ହୋଇଛନ୍ତି ବିପର୍ଯ୍ୟସ୍ତ । ସ୍ୱାଧୀନତା ପରେ ମଧ୍ୟ ଦାଦନ ଶ୍ରମିକ ଶ୍ରେଣୀ ନାନା ଭାବରେ ଦୁଃଖ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଅରଣ୍ୟବାସୀ ଓ ଉପକୂଳବର୍ତ୍ତୀ ଅଞ୍ଚଳର କୃଷିଜୀବୀ ମଧ୍ୟ ହୋଇଛନ୍ତି ବିସ୍ଥାପିତ । ଲକ୍ଷ୍ମୀଧର ନାୟକ ତାଙ୍କ 'ହା'ରେ ଦୁର୍ଭାଗା ଦେଶ' ଉପନ୍ୟାସରେ ଦୈନ୍ୟ, ସଂଘର୍ଷଶୀଳ ଜୀବନ, ଅଶ୍ରୁ, କାରୁଣ୍ୟ ଓ ଯକ୍ଷ୍ମାରୋଗୀ ପରି ମୁମୂର୍ଷୁ ଅବସ୍ଥାକୁ ଦର୍ଶାଇ ଦେଇଛନ୍ତି । ଏହି ଶ୍ରମିକମାନେ ଖଟି ଖାଇବାର ବ୍ୟସ୍ତତା ଅପେକ୍ଷା ଅପ୍ରଶସ୍ତ ଘରକୋଣରେ ଅନିଦ୍ରା ରହି ଅତିଷ୍ଠ ହୋଇପଡ଼ନ୍ତି । ତାହାର ଦେହ ଥାଏ ଅଥଚ ଆତ୍ମା ନ ଥାଏ । ସେ ମଣିଷ ପରି ଦେଖାଯାଏ; କିନ୍ତୁ ନ ଥାଏ ତା'ର ପ୍ରାଣ । ସେ ଯନ୍ତ୍ର ପରି କାମ କରେ । ସକାଳେ ପୁଙ୍ଗା ବାଜିଲେ ସେ ମିଲ୍‌କୁ ଛୁଟେ । ଛୁଟିର ହୁଇସିଲ ବାଜିଲେ ସେ ସନ୍ଧ୍ୟାରେ ଘରକୁ ଫେରେ । ସେ ଘରେ ନ ଥାଏ ସୁଖ ବା ସ୍ୱପ୍ନର ଆବେଷ୍ଟନୀ । ଲକ୍ଷ୍ମୀଧରଙ୍କର 'ମୋ ସ୍ୱପ୍ନର ସହର' ମଧ୍ୟ ଶ୍ରମିକ ସମାଜର ଦୁଃଖ ଓ ଦୁର୍ଦ୍ଦଶାର ଅନ୍ୟ ଏକ ସାର୍ଥକ ଉପନ୍ୟାସ । ବ୍ରଜମୋହନ ମହାନ୍ତିଙ୍କର 'ଅରକ୍ଷିତ ଉପନିଷଦ' ଦାଦନ-ଶ୍ରମିକ-ସମସ୍ୟା ଓ ସେମାନଙ୍କର ଅଶ୍ରୁ ଓ କାରୁଣ୍ୟର ଏକ ଆବେଗଦୀପ୍ତ ଉପନ୍ୟାସ । ଆଦିବାସୀ, ହରିଜନ, ମୁସଲମାନ ସମ୍ପ୍ରଦାୟ ଓ ହିନ୍ଦୁ ସମ୍ପ୍ରଦାୟର ନାନା ସଂଘର୍ଷ ଓ ଚିତ୍ତ ସଂଘର୍ଷକୁ ନେଇ ରଚିତ ହୋଇଛି ନାନା ଉପନ୍ୟାସ । ଜ୍ଞାନୀନ୍ଦ୍ର ବର୍ମା 'ଭୂମିକା' (୧୯୪୮) ଉପନ୍ୟାସରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ସଂଘର୍ଷ ନୁହେଁ ସଂହତିର ମହାମନ୍ତ୍ର ଉଚ୍ଚାରଣ କରିଥିଲେ । ଏହା ଥିଲା ସ୍ୱାଧୀନତାର ସନ୍ଧିକ୍ଷଣରେ ଭାରତ ବିଭାଜନକୁ ନେଇ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଦେଖା ଦେଇଥିବା ଅନ୍ଧବିଶ୍ୱାସ ଓ ଧର୍ମାନ୍ଧତାର ବିଲୋପ ପାଇଁ ଏକ ଆହ୍ୱାନ । ଏହା ପରେ ପରେ ମନ୍ମଥନାଥ ଦାସ, କାହ୍ନୁଚରଣ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଅନାଦି ସାହୁ ପ୍ରମୁଖ ଔପନ୍ୟାସିକ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂହତି ପାଇଁ ଉପନ୍ୟାସମାନଙ୍କରେ ପ୍ରେରଣା ଦେଇଛନ୍ତି । ଏସବୁ ଉପନ୍ୟାସର ଯେ କିଛି ପ୍ରଭାବ ନାହିଁ; କହିବା ଠିକ୍ ହେବ ନାହିଁ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଅଧିକାଂଶ ଉପନ୍ୟାସ ଗ୍ରାମ-ଜୀବନକୁ ନେଇ ରଚିତ ହୋଇଥିବା ଦେଖାଯାଏ । ଷାଠିଏ ସତୁରୀ ମସିହା ସମୟରୁ ନଗର ଜୀବନ ପ୍ରତି ଉପନ୍ୟାସମାନଙ୍କରେ ପ୍ରବଣତା ପ୍ରକାଶ ପାଇଛି । ଏହି ସମୟରେ ମଧ୍ୟ ରଚିତ ହୋଇଛି ଐତିହାସିକ ଓ ପୌରାଣିକ ଉପନ୍ୟାସ । ସ୍ୱାଧୀନତା ପୂର୍ବରୁ ଫକୀରମୋହନ, କାଳିନ୍ଦୀଚରଣ, କାହ୍ନୁଚରଣ ଓ ନିତ୍ୟାନନ୍ଦ ମହାପାତ୍ର ଗ୍ରାମ୍ୟ ଜୀବନର ଯେଉଁ ସମ୍ବେଦନଶୀଳ ଚିତ୍ର ଅଙ୍କନ କରିଥିଲେ ଓ ସେଥିରେ ଯେଉଁ ଆଦର୍ଶବାଦର ସ୍ୱର ଝଙ୍କୃତ ହୋଇଥିଲା ସ୍ୱାଧୀନତା ପରେ ହୁଏତ ସେଇ ସ୍ୱରରେ ଭଟ୍ଟା ପଡ଼ିଯାଇଛି, ତଥାପି ଆତ୍ମାକୁ ହରାଇ ଗ୍ରାମ-ସମାଜର ଦୀର୍ଘଶ୍ୱାସ ଯେ ସକଳ ଅସଂଗତି ଭିତରେ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଯାଉଛି, ଅନୁଭବ କରିହୁଏ । ଏସବୁ ଉପନ୍ୟାସରେ ନାହିଁ ଗ୍ରାମ ଜୀବନର ସରଳ ଶୁଚିପୂତ ବିଶ୍ୱାସ, ପାରସ୍ପରିକ ସହଯୋଗ; ଅଛି କ୍ଷୁଦ୍ର ରାଜନୀତିକୁ ନେଇ କନ୍ଦଳ ଓ ବିସଂହତି । କାହ୍ନୁଚରଣଙ୍କ 'ଝଞ୍ଜା', 'ବଜ୍ରବାହୁ', 'ଚୁଣ୍ଟବାଇବ', 'କ୍ଷଣ କ୍ଷଣକେ ଆନ', 'ଛୁଟିଲେ ଘଟ', 'ତମସା ତୀରେ', ଗୋପୀନାଥ ମହନ୍ତିଙ୍କ 'ମାଟିମଟାଳ', 'ଦିଗଦିହୁଡ଼ି', ସୁରେନ୍ଦ୍ର ମହାନ୍ତିଙ୍କ 'କାଳାନ୍ତର', 'ଫଟାମାଟି', ବିଭୂତି ପଟ୍ଟନାୟକଙ୍କର 'ଏଇ ଗାଁ ଏଇ ମାଟି', 'ଓଦାମାଟିର ସ୍ୱର୍ଗ', 'ହସକାନ୍ଦର ଛନ୍ଦ', ଯଦୁନାଥ ଦାଶ ମହାପାତ୍ରଙ୍କର 'ଗ୍ରାମ୍ୟ ନଦୀର ତୀରେ', ପ୍ରତିଭା ରାୟଙ୍କର 'ପୁଣ୍ୟତୋୟା', 'ମାଟିମଗ୍ନ', 'ଉତ୍ତରମାର୍ଗ', କୁଞ୍ଜବିହାରୀ ଦାଶଙ୍କ 'ମଶାଣି ତୁଳସୀ', ବସନ୍ତ କୁମାରୀ ପଟ୍ଟନାୟକଙ୍କର 'ଅମଡ଼ାବାଟ', 'ଚୋରାବାଲି', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ଧରିତ୍ରୀର କାନ୍ଦ', 'ଦକ୍ଷିଣାବର୍ତ୍ତ', 'ମନ୍ତ୍ରୀଙ୍କ ସେୟାର', ମନୋଜ ଦାସଙ୍କ 'ଅମୃତ

ଫଳ', 'ଆକାଶର ଇସାରା', 'ଗୋଧୂଳିର ବାଘ', 'ଚନ୍ଦ୍ରାଲୋକର ପ୍ରହରୀ', ପରଶୁରାମ ମୁଣ୍ଡଙ୍କର 'ମୂଲିଆ ପିଲା', 'ବସୁନ୍ଧରାର ମାଟି', ଦେବ୍ରାଜ ଲେଙ୍କାଙ୍କର 'ଅନ୍ଧ ମୁହାଣି', ଦୂର ଆକାଶର ତରା', 'ଗାଁ ଗାଁ ଆହା ଆହା', 'ସତ୍ୟପାଠ', ରାମଚନ୍ଦ୍ର ବେହେରାଙ୍କର 'ପାଦ ତଳର ମାଟି', 'ମୁକ୍ତିର ରୂପରେଖ', 'ଅଭିନୟର ପରିଧି', 'ଧୂସର ସୂର୍ଯ୍ୟାସ୍ତ', ବୀଣାପାଣି ମହାନ୍ତିଙ୍କର 'କୁନ୍ତୀ କୁନ୍ତଳା ଶକୁନ୍ତଳା', ସୁଲୋଚନା ଦାସଙ୍କର 'ନୀଳସ୍ୱର୍ଗ', 'ମରୁତୀର୍ଥ', 'ଭୋର ବେଳାର ସନ୍ନ୍ୟାସୀ', 'ଅବନ୍ତିକା', ବିପିନ ବିହାରୀ ମିଶ୍ରଙ୍କର 'ସହରର ଉପକଣ୍ଠେ', 'ଗାଁର ନାଁ ସୁଜନପୁର', ସ୍ୱରାଜଲକ୍ଷ୍ମୀ ମିଶ୍ରଙ୍କର 'ନିଃଶବ୍ଦ ସଂଳାପ', 'ସିନ୍ଦୂରା ଫାଟିବାର ବେଳ', 'ଏକା ଏକା ସୁମେଧା', 'ଏ ରାସ୍ତାଟି ମୋର ନ ଥିଲା', 'ଲଟିପୁର କାହାଣୀ' ଆଦି ନାନା ଉପନ୍ୟାସ ଗ୍ରାମ-ସମାଜର ପରିବର୍ତ୍ତିତ ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ତଥାପି ତିଷ୍ଠି ରହିଥିବା ସ୍ନେହ, ପ୍ରେମ, ମମତା ଓ ମାନବିକତାର ସ୍ୱରକୁ ଉତ୍ତୋଳନ କରିଥିବା ଦେଖାଯାଏ ।

ଗ୍ରାମ-ସମାଜର ସାମାଜିକ ଅବସ୍ଥା ଓ ସାମାଜିକ ଦିଗର ତାତ୍ତ୍ୱିକ ବିଶ୍ଳେଷଣ ସହିତ ଗ୍ରାମ ଜୀବନରେ ଦେଖା ଦେଉଥିବା ନାନା ବିସଙ୍ଗତି ଓ ରାଜନୀତିକ ପ୍ରଭାବକୁ ନେଇ ଦେଖା ଦେଉଥିବା ସଂଘର୍ଷକୁ ମଧ୍ୟ ଉପନ୍ୟାସମାନଙ୍କରେ ବାସ୍ତବ ଭାବରେ ରୂପ ପ୍ରଦାନ କରାଯାଉଛି । ଅପରପକ୍ଷରେ ନଗର ଜୀବନର ବସ୍ତୁତାନ୍ତ୍ରିକ ମନୋଭାବ, ଚାକିରିଜୀବୀ ମଣିଷମାନଙ୍କର ଦାନାପାଣି ପାଇଁ ସଂଘର୍ଷ ଓ ପ୍ରତିଯୋଗିତା, ପଦୋନ୍ନତି ଓ ଚାକିରିରେ ସୁବିଧା ପାଇବା ପାଇଁ ଉପରିସ୍ଥଙ୍କୁ ତୋଷାମୋଦ କରି ନିଜର ସ୍ୱାଭିମାନ ଓ ଇଜ୍ଜତ ବିକ୍ରି, ପଦୋନ୍ନତି ପାଇ ଶୀର୍ଷ ସ୍ଥାନରେ ବସିଗଲା ପରେ ଚରମ ଅସହାୟତା ଉପଲବ୍ଧି ଗୋପୀନାଥ 'ଦାନାପାଣି' ଉପନ୍ୟାସରେ ଜୀବନ୍ତ ଭାବରେ ଦର୍ଶାଇ ଦେଇଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କର 'ହଂସଗୀତି' ମଧ୍ୟ ଦେହସର୍ବସ୍ୱ ସହରୀ ମଣିଷଙ୍କର ଉତ୍କଟ ଭୋଗ-ଲାଳସା, ନରନାରୀ ନିର୍ବିଶେଷରେ ନିର୍ବିଚାର ଯୌନ ତୃଷ୍ଣା, ମୂଲ୍ୟବୋଧହୀନତା, ଅର୍ଥବାଦର ବିକଳ ପରିଣତି ଓ ଆଗାମୀ ପିଢ଼ିର ସନ୍ତାନ ସନ୍ତତିଙ୍କ ଉପରେ ତାହାର କୁପ୍ରଭାବକୁ ଚମତ୍କାର ଭାବରେ ରୂପ ଦେଇଛି । ଚନ୍ଦ୍ରଶେଖର ରଥଙ୍କର 'ଅସୂର୍ଯ୍ୟ ଉପନିବେଶ', କୃଷ୍ଣ ପ୍ରସାଦ ମିଶ୍ରଙ୍କର 'ସିଂହକଟୀ', 'ନେପଥ୍ୟେ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ନରକିନ୍ନର', କିଶୋରୀ ଚରଣ ଦାସଙ୍କର 'ସ୍ୱର୍ଗ-ସୀମା', 'ନେତା ଓ ନେତ୍ରମଣି', 'ସାତଟି ରାତିର ସତୀ', ପଦ୍ମଜ ପାଳଙ୍କର 'ଦୁର୍ଗପତନର ବେଳ', ରାଜେନ୍ଦ୍ର କିଶୋର ପଣ୍ଡାଙ୍କର 'ଚିଦାଭାସ', ରାଜେନ୍ଦ୍ର କୁମାର ଦାସଙ୍କ 'ଏକକ ଦଶକ ଶତକ' ଆଦି ନାନା ଉପନ୍ୟାସ ସ୍ୱାଧୀନତା ପରବର୍ତ୍ତୀ ଗ୍ରାମ ଓ ନଗର ଜୀବନର ଗୋଟିଏ ଗୋଟିଏ ସଫଳ ଅଭିବ୍ୟକ୍ତି । ଅଶୀ ଦଶକରୁ ଉପନ୍ୟାସ ରଚନା କରି ଆସିଥିବା ଡକ୍ଟର ହୃଷୀକେଶ ପଣ୍ଡା ଯେପରି ଗ୍ରାମ, ଆଦିବାସୀ ପଲ୍ଲୀ ଓ ନଗର ଜୀବନର ଚିତ୍ର ତାଙ୍କର ବିବିଧ ଉପନ୍ୟାସରେ ପ୍ରଦାନ କରିଛନ୍ତି ଓ ସେଥିରେ ମଣିଷ ଚରିତ୍ରର ରହସ୍ୟକୁ ଉଦ୍‌ଘାଟନ କରିଛନ୍ତି, ଯେପରି କ୍ଷମତାଦୃପ୍ତ ତଥା ଲୋକ-କଲ୍ୟାଣ କରୁଥିବା ଛଳନାସର୍ବସ୍ୱ ବ୍ୟକ୍ତିମାନଙ୍କର ମୁଖା ଖୋଲି ଦେଇଛନ୍ତି ତାହା ବାସ୍ତବିକ ଅନନ୍ୟ । ତାଙ୍କର 'ସୁନାପୁଟର ଲୋକେ' ଉପନ୍ୟାସରେ ଏକ ଆଦିବାସୀ ଗ୍ରାମକୁ ପୃଷ୍ଠଭୂମି ଭାବରେ ନେଇ ଶିଳ୍ପ-ପ୍ରତିଷ୍ଠା ନାମରେ ଯେପରି ସରଳ ନିରୀହ ଆଦିବାସୀମାନଙ୍କୁ ବିସ୍ଥାପନ କରାଯାଇଛି ତାହାକୁ ଜୀବନ୍ତ ରୂପ ଦେଇଛନ୍ତି ଓ ଅଶ୍ରୁ ଭିତରେ ଅନଳର ଦେଇଛନ୍ତି ଇଙ୍ଗିତ । ତାଙ୍କର 'ସୁବର୍ଣ୍ଣ ଦ୍ୱୀପ', 'ଶୂନ୍ ସଙ୍ଗେ ସାମୟିକ ସନ୍ଧି' ଉପନ୍ୟାସ ସାମ୍ପ୍ରତିକ ଜୀବନର ମନ୍ମୟ ବିଶ୍ଳେଷଣ ହୋଇଥିଲା ବେଳେ 'ଗର୍ବ କରିବାର କଥା' ଓଡ଼ିଆ ଜାତିର ହୃତଗୌରବ ନୌବାଣିଜ୍ୟର ଇତିହାସ, ଐତିହ୍ୟ, ପରମ୍ପରା ଓ ବାଲେଶ୍ୱର ଜିଲ୍ଲାର ସମୁଦ୍ର କୂଳବର୍ତ୍ତୀ ଗ୍ରାମାଞ୍ଚଳର ଜନଗଣଙ୍କର ଜୀବନ-ବଂଚିବା ଓ ସ୍ୱାଭିମାନର ଚିତ୍ର ଯେପରି ପ୍ରଦାନ କରିଛନ୍ତି ତାହା ମର୍ମସ୍ପର୍ଶୀ । ଗୋଟିଏ କଥା ଲକ୍ଷ୍ୟ କରାଯାଉଛି ଯେ ସ୍ୱାଧୀନତା ପରେ କ୍ରମଶଃ ଛିନ୍ନମୂଳ ହୋଇ ଯାଉଥିବା ଓ ଆପଣାର ସଂସ୍କୃତିକୁ ଭୁଲି ଯାଉଥିବା ଓଡ଼ିଶାର ଜନଗଣଙ୍କୁ ପୁଣି ଥରେ ଗ୍ରାମ ଜୀବନର ପୁନଃ ନିର୍ମାଣ ଓ ଆପଣାର ସଂସ୍କୃତି ପ୍ରତି ଆକର୍ଷଣ ପାଇଁ ଔପନ୍ୟାସିକମାନେ ଶ୍ରଦ୍ଧାର ସହିତ ମନୋନିବେଶ କରୁଥିବା ମନେହୁଏ । ସ୍ୱାଧୀନତା ପରେ ଓଡ଼ିଆ ଉପନ୍ୟାସରେ ଆଉ ଗୋଟିଏ ପ୍ରବଣତା ପ୍ରକାଶ ପାଇଛି ମହାକାବ୍ୟିକ, ଉପନ୍ୟାସ ରଚନା ପାଇଁ । ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ', ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳାଶୈଳ', କାହ୍ନୁଚରଣଙ୍କର 'ତମସା ତୀରେ', ଶାନ୍ତନୁ ଆଚାର୍ଯ୍ୟଙ୍କର 'ନରକିନ୍ନର', 'ଶକୁନ୍ତଳା', ପ୍ରତିଭା ରାୟଙ୍କର 'ମହାମୋହ', 'ମହାରାଣୀଙ୍କ ପୁତ୍ର' ଆଦି ଏହାର ନିଦର୍ଶନ ।

॥ ୬ ॥

ଓଡ଼ିଆ ଉପନ୍ୟାସ ଯେ କେବଳ ଗ୍ରାମ, ନଗର, ଆଦିବାସୀ ଅଞ୍ଚଳକୁ ନେଇ ଆପଣାର କାୟାବିସ୍ତାର କରି ଆସିଛି, ତାହା ନୁହେଁ; ତତ୍ ସହିତ ସ୍ୱାଧୀନତା ପରେ ବିଶେଷ ଭାବରେ ଇତିହାସ ଓ ପୁରାଣର ବିଷୟକୁ ଆଧାର କରି ସ୍ୱକୀୟ ଦ୍ୟୁତି ପ୍ରକଟ କରୁଥିବା ଦେଖାଯାଏ । ସ୍ୱାଧୀନତା ପୂର୍ବରୁ ଐତିହାସିକ ଉପନ୍ୟାସ ରଚିତ ହୋଇଥିଲା ମାତ୍ର ସେସବୁ ପ୍ରାୟତଃ ଥିଲା ଘଟଣା ଆଧାରିତ । ସ୍ୱାଧୀନତା ପରେ ଇତିହାସର ବିଷୟକୁ ନିଆଯାଇଛି, ଚରିତ୍ରକୁ ମଧ୍ୟ ନିଆଯାଇଛି ମାତ୍ର ତାହା ଆଉ ଘଟଣାସର୍ବସ୍ୱ ହୋଇ ରହି ନାହିଁ । ତା'ରି ଭିତରୁ ଫୁଟି ଉଠିଛି ମାନବିକ ସ୍ୱର୍ଣ୍ଣ ଦ୍ୟୁତି । ସୁରେନ୍ଦ୍ର ମହାନ୍ତିଙ୍କର 'ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀର ସନ୍ଧ୍ୟା', ନୃସିଂହ ଚରଣ ପଣ୍ଡାଙ୍କର 'ଖାରବେଳ', 'ଚଣ୍ଡାଶୋକ', 'ଧର୍ମାଶୋକ', ଅନାଦି ସାହୁଙ୍କର 'ରାକାରାୟ', 'ଛିନ୍ନନାଗ', 'ରାଣୀ କର୍ପୂର ଶ୍ରୀ', ପ୍ରତିଭା ରାୟଙ୍କର 'ମହାରାଣୀ ପୁତ୍ର', ହେମନ୍ତ କୁମାର ଦାସଙ୍କର 'ସୂର୍ଯ୍ୟବଂଶୀ', ଶାନ୍ତି ବଳଙ୍କର 'ନୁରଜାହାନ' ଆଦି ନାନା ଉପନ୍ୟାସ ଇତିହାସର ପ୍ରାଣସ୍ପନ୍ଦନ ସହିତ ମାନବାତ୍ମାର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରିଥାଏ । ଐତିହାସିକ ଉପନ୍ୟାସ ସହିତ ସ୍ୱାଧୀନତା ପରେ, ବିଶେଷତଃ ବିଂଶ ଶତାବ୍ଦୀର ସତୁରୀ ଦଶନ୍ଧିରୁ ପୌରାଣିକ ଓ ଆଧ୍ୟାତ୍ମିକ ଚେତନା ପ୍ରବାହୀ ଉପନ୍ୟାସ ରଚନା କରାଯିବାର ଏକ ନୂତନ ପ୍ରବଣତା ସୃଷ୍ଟି ହେଲା । ଏ ଦିଗରେ କାହ୍ନୁଚରଣଙ୍କର 'ସତ୍ୟବତୀ' (୧୯୭୭) ପ୍ରଥମ ପ୍ରତିଶ୍ରୁତି । ଏହା ପରେ ପ୍ରତିଭା ରାୟଙ୍କର 'ଯାଜ୍ଞସେନୀ' ଓ 'ମାହାମୋହ' ଦୁଇଟି ପୌରାଣିକ ଆଧାର ହୋଇ ମଧ୍ୟ ନାରୀ ସ୍ୱାତନ୍ତ୍ର୍ୟବୋଧର ସାର୍ବକାଳିକ ଆହ୍ୱାନ ହୋଇଯାଇଛି । ଅନାଦି ସାହୁଙ୍କର 'ମୟ', 'ଜରାସନ୍ଧ', ନୃସିଂହ ଚରଣ ପଣ୍ଡାଙ୍କର 'ସପ୍ତସିନ୍ଧୁ', ଶାନ୍ତି ମହାପାତ୍ର (ବଳ)ଙ୍କ 'ଯଯାତି', ବିଜୟିନୀ ଦାସଙ୍କର 'ଦେବକୀ' ଆଦି ନାନା ଉପନ୍ୟାସ କେବଳ ପୁରାଣ କଥା କହନ୍ତି ନାହିଁ; ପୁରାଣର କଥାକୁ ଓ ଚରିତ୍ରକୁ ସାମ୍ପ୍ରତିକ ସମାଜ ଓ ମଣିଷମାନଙ୍କ ସହିତ ଯୋଡ଼ି ଦେଇ ଏକ ମାନବିକ ଭାବାଲୋକ ବିଚ୍ଛୁରିତ କରି ଦେଇଛନ୍ତି ।

ଓଡ଼ିଆ ଉପନ୍ୟାସରେ ବ୍ୟାସକବି ଫକୀରମୋହନ ସେନାପତି ପ୍ରଥମ ଥର ପାଇଁ ଉପନ୍ୟାସରେ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇଥିଲେ । ସଇତାନର ହୃଦୟ ପରିବର୍ତ୍ତନ ପାଇଁ ଅଦୃଷ୍ଟର ଆଘାତରେ ଆଧ୍ୟାତ୍ମିକତାର ଉତ୍ତରଣ ଘଟାଇ ମଣିଷର ନବଜନ୍ମ ପାଇଁ ସେ ତାଙ୍କର ଉପନ୍ୟାସରେ ଦର୍ଶାଇ ଦେଇଥିଲେ । ତେବେ ଗୋଟିଏ କଥା ଲକ୍ଷ୍ୟ କରାଯାଏ ଯେ ପ୍ରାୟ ଓଡ଼ିଆ ଉପନ୍ୟାସମାନଙ୍କରେ ଆଧ୍ୟାତ୍ମିକ ଅନୁଭବଟି ବେଶ୍ ମାର୍ମିକ ଭାବରେ ପ୍ରକାଶ ପାଇଅଛି । ଏପରି ଚେତନା ମଣିଷର ଚୈତ୍ୟର ରୂପାନ୍ତର ଘଟାଏ । ବ୍ୟକ୍ତି ଚେତନାକୁ ଅତିକ୍ରମ କରି ଏହା ମଣିଷକୁ ନେଇଯାଏ ବିଶ୍ୱ ଚେତନାକୁ । ସ୍ୱାଧୀନତା ପରେ ଗୋପୀନାଥ ମହାନ୍ତିଙ୍କ 'ଲୟ ବିଲୟ' (୧୯୬୪) ଉପନ୍ୟାସରେ ତରୁଣ ରାୟଙ୍କର ଜଗନ୍ନାଥ ଭାବନାକୁ ନେଇ ଯେପରି ଆଧ୍ୟାତ୍ମିକ ଉଲ୍ଲାସବୋଧ ସୃଷ୍ଟି ହୋଇଛି ତାହା ଏକାନ୍ତ ହୃଦୟସ୍ପର୍ଶୀ । ତାଙ୍କ ପରେ ସୁରେନ୍ଦ୍ର ମହାନ୍ତିଙ୍କର 'ନୀଳଶୈଳ', 'କାଳାନ୍ତର', ଚନ୍ଦ୍ରଶେଖର ରଥଙ୍କର 'ଯନ୍ତ୍ରାରୂଢ଼', 'ନବଜାତକ', ନୃସିଂହ ଚରଣ ପଣ୍ଡାଙ୍କର 'ବିଶ୍ୱାମିତ୍ର ଉବାଚ', ପ୍ରତିଭା ରାୟଙ୍କର 'ମହାମୋହ', 'ଦେହାତୀତ', 'ଶେଷ ଈଶ୍ୱର', ମନୋଜ ଦାସଙ୍କର 'ଅମୃତ ଫଳ', 'ଆକାଶର ଇସାରା', 'ଚନ୍ଦ୍ରାଲୋକର ପ୍ରହରୀ', ଶାନ୍ତନୁ ଆଚାର୍ଯ୍ୟଙ୍କର 'ଅନୁ ହଜିଗଲା ପରେ', 'ଦକ୍ଷିଣାବର୍ତ୍ତ', 'ତୃଷ୍ଣା' (ଭ୍ରମଣ ଉପନ୍ୟାସ), ନବକିଶୋର ରାଜଙ୍କର 'ପୁନରପି ଜନନମ୍', 'ଛାୟାପୁରୁଷ', 'ତନ୍ମାତ୍ର', 'ପୌର୍ଣ୍ଣମାସୀ', 'ସୁବର୍ଣ୍ଣ କଳସ', 'ମାୟାନଦୀ', 'ବୀତରାଗ', 'ରାସେଶ୍ୱରୀ', ଅର୍ଚ୍ଚନା ନାୟକଙ୍କର 'ରାଣୀ ଶ୍ୟାମାବତୀ', 'ସାତପଦ୍ମର ଦ୍ୱୀପ', ଭାଗବତ ବେହେରାଙ୍କର 'ପୂତନା' ଆଦି ନାନା ଉପନ୍ୟାସରେ ଯେପରି ଅଧ୍ୟାତ୍ମ ଉଦ୍ଦୀପିତ ଦିବ୍ୟପ୍ରେମ, ଭକ୍ତି ଭାବନା, ସମର୍ପଣ, ଦୃଢ଼ ବିଶ୍ୱାସ ଓ ସର୍ବୋପରି ମାନବାତ୍ମାର ଏକତ୍ୱ ପ୍ରତିଷ୍ଠା ମାଧ୍ୟମରେ ବିଶ୍ୱକୁ ମଧୁମୟ କରିବା ପାଇଁ ପ୍ରେରଣା ଦିଆଯାଇଛି ତାହା ବାସ୍ତବିକ ଅଭିନନ୍ଦନୀୟ । ଏହିପରି ଜଗନ୍ନାଥଙ୍କୁ ଉପନ୍ୟାସରେ କେନ୍ଦ୍ରରେ ରଖି ସୁରେନ୍ଦ୍ର ମହାନ୍ତି ଓ ଗୋପୀନାଥ ମହାନ୍ତି ଯେପରି ଉପନ୍ୟାସ ରଚନା କରିଛନ୍ତି ସେହିପରି ଅମରେଶ ପଟ୍ଟନାୟକ 'ଆରତ ଅବିରତ' ପରି ଉପନ୍ୟାସ ରଚନା କରି ଆଧ୍ୟାତ୍ମିକ ଚେତନାକୁ ପ୍ରାଧାନ୍ୟ ଦେଇଅଛନ୍ତି ।

॥ ୭ ॥

ସ୍ୱାଧୀନତା ଲାଭ ପରବର୍ତ୍ତୀ ସମୟରୁ ଏଯାବତ୍ ବିତିଗଲାଣି ସାତଟି ଦଶନ୍ଧି । ଏବେ ଅଷ୍ଟମ ଦଶନ୍ଧି ଚାଲିଛି । ଏହାରି ଭିତରେ ରଚିତ ହୋଇଗଲାଣି ପ୍ରାୟ ସହସ୍ରାଧିକ ଉପନ୍ୟାସ । ସବୁ ଉପନ୍ୟାସ ଯେ କାଳୋତ୍ତୀର୍ଣ୍ଣ ଓ ସମାଜ ଉପରେ ପ୍ରଭାବ ପକାଇଛି; ଏକଥା କୁହାଯାଇ ନ ପାରେ । କିଛି ଉପନ୍ୟାସରେ ତରଳ ପ୍ରେମ ଓ ଯୌନର ଏପରି ବର୍ଣ୍ଣନା ଅଛି ଯେ ତାହା ହୁଏତ ଯୁବକ ଯୁବତୀଙ୍କୁ ଆକର୍ଷଣ କରିଛି ବା କରୁଛି ମାତ୍ର ତାହାକୁ ନେଇ ଆମେ ଆମ ଉପନ୍ୟାସର ମାନ ନିର୍ଦ୍ଧାରଣ କରିପାରିବା ନାହିଁ । ଯେଉଁମାନେ ସମାଜକୁ, ସଂସ୍କୃତିକୁ, ମଣିଷମାନଙ୍କୁ, ଜୀବନକୁ ଓ ସମାଜର ବହିଃରୂପ ତଥା ଅନ୍ତଃରୂପକୁ ଗଭୀର ଭାବରେ ଅନୁଶୀଳନ କରିଥାନ୍ତି ସେହିମାନେ ଯେଉଁ ଉପନ୍ୟାସ ଲେଖନ୍ତି ସେଥିରେ ହିଁ ଥାଏ ସମାଜ ମଣିଷମାନଙ୍କୁ ଉତ୍ତୋଳନ କରିନେବାର ପ୍ରେରଣା । ସେହି ଉପନ୍ୟାସ ହିଁ ସମାଜରେ ପ୍ରଭାବ ପକାଏ । ଓଡ଼ିଆ ଉପନ୍ୟାସରେ ସ୍ୱାଧୀନତା ଲାଭର ପ୍ରାକ୍ କାଳରୁ, ସ୍ୱାଧୀନତା ଲାଭର ସନ୍ଧିକ୍ଷଣରୁ, ଗାଣତନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳନ ହେବାଠାରୁ ଏ ପର୍ଯ୍ୟନ୍ତ ଦୀର୍ଘକାଳ ଧରି ସାମାଜିକ ଜୀବନକୁ ଯେପରି ଗୁରୁତ୍ୱ ଦେଇଛି, ସେହିପରି ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଯେଉଁ ଭୂଇଁଛଡ଼ା ମଣିଷମାନଙ୍କର ବିଚଳନ ସୃଷ୍ଟି ହୋଇଛି, ଯେପରି ରାଜନୀତି ପ୍ରଭାବରେ ଜାତି ଜାତି, ଧର୍ମ ଧର୍ମ ନାମରେ ସଂଘର୍ଷ ଦେଖା ଦେଇଛି, ଭୋଗୀବାଦୀ ଦୃଷ୍ଟିକୋଣଟି ଯେପରି ବୃଦ୍ଧି ପାଇଛି, ସମଗ୍ର ଚେତନାରୁ କ୍ରମଶଃ ଦୂରେଇ ଯାଇ ଯେପରି ଏକକ ଚେତନା ପ୍ରକାଶ ପାଉଛି, ଯେପରି ମୂଲ୍ୟବୋଧକୁ ଛାଡ଼ି ମୂଲ୍ୟ ଉପରେ ପ୍ରାଧାନ୍ୟ ପ୍ରଦାନ କରାଯାଉଛି, ସେସବୁକୁ ଜୀବନ୍ତ ଭାବରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମଣିଷକୁ ଦେଉଛି ପ୍ରାଧାନ୍ୟ । ଆଧୁନିକତାରୁ ଉତ୍ତର-ଆଧୁନିକତାକୁ ଗତି କଲାବେଳେ ଓଡ଼ିଆ ଉପନ୍ୟାସ ଆବାହନ କରିଛି ଆପଣାର ସଂସ୍କୃତିକୁ । ଇତିହାସ ପ୍ରତି ନିଷ୍ପକ୍ଷ ଦୃଷ୍ଟିପାତ କରିଛି, ଓଡ଼ିଆ ଜାତିର ଆତ୍ମା ଓ ବିଶ୍ୱବୋଧର ପ୍ରତିଭୂ ଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଛି, ପୁରାଣ ଓ ବେଦବେଦାନ୍ତ ପ୍ରତି ଆକୃଷ୍ଟ ହୋଇ ସେଥିରୁ ନାନା ଉପାଦାନ ଚୟନ କରି ତାହାକୁ ନୂତନ ଭାବରେ ରୂପ ଦେଇଛି, ଲୋକାନୁଷଙ୍ଗ ଓ ଲୋକ ତତ୍ତ୍ୱକୁ ନେଇଛି । ଉପନ୍ୟାସ ହୋଇଯାଇଛି ଚଳନ୍ତି ସମୟର ଓଡ଼ିଆ ଜାତିର ଆତ୍ମଲିପି । ସେହି ଆତ୍ମଲିପି ଆଉ ଓଡ଼ିଶା ଭିତରେ ସୀମାବଦ୍ଧ ହୋଇ ରହିନାହିଁ; ସଂକ୍ରମିତ ହୋଇଯାଇଛି ଭାରତକୁ ଓ ବିଶ୍ୱକୁ । ମନସ୍ତତ୍ତ୍ୱକୁ ନେଇଛି, ଦର୍ଶନକୁ ନେଇଛି, ସମାଜତତ୍ତ୍ୱକୁ ନେଇଛି, ଆଧ୍ୟାତ୍ମିକତାକୁ ନେଇଛି, ବିବିଧ ସମସ୍ୟାକୁ ନେଇଛି; ସବୁ ଭିତରେ ଦେଇଛି ମଣିଷକୁ ଗୁରୁତ୍ୱ । ଏପରି ଉପନ୍ୟାସ ଯେ ସମାଜକୁ ପ୍ରଭାବିତ କରିବାରେ ସମର୍ଥ; ଏହା କହିଲେ ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ । ଆଉ ଗୋଟିଏ କଥା କହିଲେ ବୋଧହୁଏ ଅତିକଥନ ହେବ ନାହିଁ, ସ୍ୱାଧୀନତା ପରବର୍ତ୍ତୀ କାଳରେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ପ୍ରତିଭା ରାୟଙ୍କ ଭଳି କେତେକଙ୍କ ଉପନ୍ୟାସ ସର୍ବଭାରତୀୟ ସ୍ତରରେ ଯେ ପ୍ରଭାବ ବିସ୍ତାର କରିବା ସହିତ ଆନ୍ତର୍ଜାତିକ କୋଟିକୁ ସ୍ପର୍ଶ କରିଯାଇଛି ତାହାକୁ ସ୍ୱୀକାର କରିବାକୁ ହେବ ।

■

ଚାଉଳିଆଗଞ୍ଜ, ନୂଆବଜାର
କଟକ - ୭୫୩୦୦୪
ମୋ.: ୯୯୩୮୩୯୨୬୮୭

# ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟ-ସମାଲୋଚନା

**ପ୍ରଫେସର ଡ. ପଞ୍ଚାନନ ମିଶ୍ର**

**॥ ଏକ ॥**

ସମଗ୍ର ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ସମ୍ପ୍ରତି ସମାଲୋଚନା ଯେ ସାହିତ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ ଓ ବିଭାବ – ଏଥିରେ ଦ୍ୱିମତ ନାହିଁ । ସାରା ପୃଥିବୀର ବିଶ୍ୱବିଦ୍ୟାଳୟ ସ୍ତରରେ ଭାଷା ଓ ସାହିତ୍ୟ ବିଭାଗରେ ସାହିତ୍ୟ ସମାଲୋଚନାର ଅଧ୍ୟୟନ ଖୁବ୍ ଜରୁରୀ ହୋଇପଡ଼ିଛି । ମାତ୍ର ପ୍ରବନ୍ଧ ଏକ ସ୍ୱତନ୍ତ୍ର ବିଭାଗ ସାହିତ୍ୟ ସମାଲୋଚନାଠାରୁ । ପ୍ରବନ୍ଧ ରଚନା କ୍ଷେତ୍ରରେ ବିଷୟବସ୍ତୁ ଚୟନର ବ୍ୟାପ୍ତି ଓ ବହୁବିଧତା ଦୃଷ୍ଟିଗୋଚର ହୋଇଥାଏ । ସାମାଜିକ ଅଥବା ରାଜନୀତିକ, ଐତିହାସିକ ଅଥବା ସାମ୍ପ୍ରତିକ ଘଟଣା ସମ୍ପର୍କିତ, ସାଂସ୍କୃତିକ ଅଥବା ବୌଦ୍ଧିକ, ଦାର୍ଶନିକ ଅଥବା ନିତ୍ୟ ଜୀବନଚର୍ଯ୍ୟାର ଅନୁଭବ ଓ ଉପାଦାନ, କୃଷି ଅଥବା କମ୍ପ୍ୟୁଟର, ମନ୍ଦିର, ଭାସ୍କର୍ଯ୍ୟ ଅଥବା ସୂର୍ଯ୍ୟର ଉତ୍ପତ୍ତି, ଗତି ଓ ସ୍ଥିତି, ଧର୍ମ ଅଥବା ବିଜ୍ଞାନ – କୌଣସିଟି ବିଷୟବସ୍ତୁ ଉପରେ ପ୍ରବନ୍ଧ ଲେଖା ଯାଇପାରେ । ଏଥିପାଇଁ ଆବଶ୍ୟକ ପ୍ରାବନ୍ଧିକର ନୈର୍ବ୍ୟକ୍ତିକ ପରିପ୍ରକାଶ, ବସ୍ତୁନିଷ୍ଠ ଦୃଷ୍ଟି ଓ ନିରପେକ୍ଷ ମତାମତ ।

ବ୍ୟବହୃତ ଭାଷା ଓ ଶୈଳୀ ମୁଖ୍ୟତଃ ଗଦ୍ୟଧର୍ମୀ ହୋଇଥିଲେ ହେଁ କାବ୍ୟିକ ଭାଷା ବ୍ୟବହାରର ସ୍ୱାଧୀନତା ମଧ୍ୟ ପ୍ରାବନ୍ଧିକର ରହିଛି । ଉଦାହରଣ ସ୍ୱରୂପ, ଇଂରାଜୀ ରୋମାଣ୍ଟିକ୍ ଯୁଗର ପ୍ରାବନ୍ଧିକ ଚାର୍ଲସ୍ ଲାମ୍ବ 'Essays of Elia' ଭଳି ଚମତ୍କାର ପ୍ରବନ୍ଧ ପୁସ୍ତକ ରଚନା ପାଇଁ ଖ୍ୟାତି ଅର୍ଜନ କରିଥିଲେ । ଯେଉଁଥିରେ ସେ ଏକ ଆତ୍ମନିଷ୍ଠ ରଚନାଶୈଳୀ ଓ କାବ୍ୟିକ ଭାଷାର ପ୍ରୟୋଗ କରିଥିଲେ । ତେଣୁ ପ୍ରବନ୍ଧର ଗଦ୍ୟ-ଆଙ୍ଗିକ ଥିବା ସତ୍ତ୍ୱେ ଏଥିରେ ଜଣେ ଲେଖକ ଚିତ୍ରକଳ୍ପ ଓ ବିମ୍ବ, ପ୍ରତୀକ ଓ ବିରୋଧାଭାସ, ଶ୍ଳେଷ ଓ ବକ୍ରୋକ୍ତି ଭଳି ଆଳଙ୍କରିକ ଭାଷା ପ୍ରୟୋଗ କରିପାରେ । ମାତ୍ର ମୁଖ୍ୟତଃ ଗଦ୍ୟଶୈଳୀର ମୁଖ୍ୟ ଉପାଦାନ ହେଲା ତର୍କ ଓ ଚାତୁର୍ଯ୍ୟୋକ୍ତି, ବୌଦ୍ଧିକତା ଓ ପ୍ରଜ୍ଞା, ବିଶ୍ଳେଷଣ ଓ ଦୃଷ୍ଟାନ୍ତ । ପ୍ରବନ୍ଧର ତିନୋଟି ବିଭାଗ ଥାଏ : ଆଦ୍ୟ, ମଧ୍ୟ ଓ ଅନ୍ତ ଓ ଏମାନଙ୍କ ମଧ୍ୟରେ ସଂହତି ରହିବା ନିହାତି ଆବଶ୍ୟକ ।

ପାଠକକୁ ଜ୍ଞାନାଲୋକ ପ୍ରଦାନ କରିବା, ଚେତନାର ପରିସୀମାକୁ ବୃଦ୍ଧି କରିବା, ନୂତନ ତଥ୍ୟ ମାଧ୍ୟମରେ ଜ୍ଞାନର ଭିନ୍ନ ଏକ ଦିଗନ୍ତ ଉନ୍ମୋଚନ କରିବା ଓ ବ୍ୟକ୍ତିର ଜୀବନ ଦୃଷ୍ଟିକୁ ରୁଚିପୂର୍ଣ୍ଣ କରାଇବା ଦିଗରେ ପ୍ରବନ୍ଧ ସହାୟକ ହୋଇଥାଏ । ବିଷୟର ଉପସ୍ଥାପନାରେ ମୌଳିକତା ଓ ସ୍ୱକୀୟତା ପ୍ରଦର୍ଶନ ତଥା ତଥ୍ୟ ପ୍ରଦାନରେ ପ୍ରାମାଣିକତା ଓ ସ୍ୱଷ୍ଟତା, କଳ୍ପନା ବଦଳରେ ବାସ୍ତବତା ଉପରେ ନିର୍ଭରଶୀଳତା ଉତ୍ତମ ପ୍ରବନ୍ଧ ରଚନାର ଲକ୍ଷଣୀୟ ଦିଗ । ମଣ୍ଟେନ୍ ଓ ଫ୍ରାନ୍‌ସିସ୍ ବାକନ୍, ଷ୍ଟିଲ୍ ଓ ଆଡ଼ିସନ, ଲାମ୍ବ ଓ ହଜଲିଟ୍, ରବର୍ଟ ଲିଣ୍ଡ ଓ ଏ.ଜି. ଗାର୍ଡ଼ିନର୍, ଜର୍ଜ୍ ଅରୱେଲ ଓ ହାଲ୍‌ଡେନ୍ ଓ ଶତାଧିକ ବିଶ୍ୱପ୍ରସିଦ୍ଧ ପ୍ରାବନ୍ଧିକଙ୍କୁ କିଏ ନ ଜାଣେ ? ଠିକ୍ ସେହିପରି ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଚିତ୍ତରଞ୍ଜନ ଦାସ, ରତ୍ନାକର ପତି ଓ ଶରତ ମହାନ୍ତି, ମୋହିନୀ ମୋହନ ସେନାପତି, ବାମାଚରଣ ମିତ୍ର ଓ ଗୋପାଳ ଚନ୍ଦ୍ର ପ୍ରହରାଜ ଆଦି ବିଶିଷ୍ଟ ଓଡ଼ିଆ ପ୍ରାବନ୍ଧିକଙ୍କ ଗଦ୍ୟସୃଷ୍ଟି ଅଭୂତପୂର୍ବ । ତେବେ ପ୍ରବନ୍ଧ କ'ଣ ? 'An essay is a systematic arrangement of facts.' ତେଣୁ 'facts' ବା ତଥ୍ୟ ହେଉଛି ପ୍ରବନ୍ଧ ରଚନାର ମୂଳ ପ୍ରାଣସତ୍ତା । ମାତ୍ର ପ୍ରବନ୍ଧର ବିଷୟବସ୍ତୁକୁ ସୁହାଇବା ଭଳି ଭାଷା ଓ ଶୈଳୀ, ଦୃଷ୍ଟାନ୍ତ ଓ ଉପଧା (allusions), ଯୁକ୍ତି ପ୍ରବଣତା ଓ ବିଶ୍ଳେଷଣାତ୍ମକ ଉପସ୍ଥାପନା, ଚିନ୍ତାଧାରାର ନିରବଚ୍ଛିନ୍ନ ପ୍ରବାହ ଓ ସଂହତି ପ୍ରବନ୍ଧର ଆବଶ୍ୟକୀୟ ଉପାଦାନ । ଏହା ସହ ସାମ୍ପ୍ରତିକ କାଳର ତଥା ଚିରକାଳର ସତ୍ୟ ଉଦ୍‌ଘୋଷ ଏହାର ଏକମାତ୍ର ଆଭିମୁଖ୍ୟ ।

ମାତ୍ର ସମାଲୋଚନା ହେଉଛି ସାହିତ୍ୟ ସମ୍ପର୍କିତ ଏକ ଗଦ୍ୟ ରଚନା ଓ ବ୍ୟାଖ୍ୟା । ସାହିତ୍ୟ ଓ ସାହିତ୍ୟର ବିଭିନ୍ନ ବିଭାବମାନଙ୍କର ସଂଜ୍ଞା ନିରୂପଣ କରିବା ଓ ସେମାନଙ୍କ ବର୍ଗୀକରଣ କରିବା, ସେମାନଙ୍କ ମୌଳିକ ଲକ୍ଷଣ ଓ ଉପାଦାନ ସମ୍ପର୍କରେ ଆଲୋଚନା କରିବା ସମାଲୋଚନାର ନିର୍ଦ୍ଦିଷ୍ଟ ଆଭିମୁଖ୍ୟ । କାରଣ ଯୁଗାନୁକ୍ରମେ ସାହିତ୍ୟର ସଂଜ୍ଞା ବଦଳି ଯାଇଛି ଏଥିପାଇଁ ଯେ ସାମାଜିକ, ରାଜନୀତିକ, ଆର୍ଥନୀତିକ ଓ ସାଂସ୍କୃତିକ ଦୃଶ୍ୟପଟ୍ଟରେ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳି ଚାଲିଛି ଓ ସାହିତ୍ୟରେ ତଥା ସାହିତ୍ୟ ସମାଲୋଚନାରେ ଏହା ପ୍ରତିଫଳିତ ହେବା ଖୁବ୍ ସ୍ୱାଭାବିକ । ଏତଦ୍‌ବ୍ୟତୀତ କୌଣସି ସାହିତ୍ୟକୃତିର ବ୍ୟାଖ୍ୟା ଓ ସମୀକ୍ଷା ସହ ଏହାର ମୂଲ୍ୟାୟନ କରିବା ସମାଲୋଚନାର ନିର୍ଦ୍ଦିଷ୍ଟ ପଦ୍ଧତି । ସର୍ଜନଶୀଳ ସାହିତ୍ୟ ଓ ସମାଲୋଚନା – ଏ ଦୁହେଁ ପରସ୍ପରର ବିରୋଧୀ ନୁହନ୍ତି, ବରଂ ପରସ୍ପରର ପରିପୂରକ । ଗୋଟିଏ ଅନ୍ୟଟି ପାଇଁ ସହାୟକ ଓ ଗୋଟିକର ବିକାଶ ଏବଂ ପରିପୁଷ୍ଟିରେ ଅନ୍ୟଟିର ଅବଦାନ ଯେ ନିଶ୍ଚିତ ଭାବରେ ରହିଛି, ଏହା ଦର୍ଶାଇଛନ୍ତି ଟି.ଏସ୍. ଏଲିଅଟ୍ ତାଙ୍କ ବହୁଚର୍ଚ୍ଚିତ ସମାଲୋଚନା ପୁସ୍ତକ 'The use of poetry and the use of criticism' ରେ । ସେହିପରି ଜଣେ କବି ମଧ୍ୟ ଉନ୍ନତମାନର ସମାଲୋଚକ ହୋଇପାରେ, ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । କାରଣ ଇଂରାଜୀ ସାହିତ୍ୟରେ ଡ୍ରାଇଡେନ୍, କଲରିଜ୍, ମାଥ୍ୟୁ ଆର୍ଣ୍ଣୋଲ୍ଡ୍, ଟି. ଏସ୍. ଏଲିଅଟ୍ ଓ ଓଡ଼ିଆ ସାହିତ୍ୟରେ ଡକ୍ଟର ମାୟାଧର ମାନସିଂହ ଉଭୟ ଚମତ୍କାର କବି ଓ ସମାଲୋଚକ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି । ଏଲିଅଟ୍ ନିଜେ ତାଙ୍କ ସମାଲୋଚନାମୂଳକ ଲେଖାକୁ, 'A byproduct of my private poerty workshop.' ଭାବରେ ବର୍ଣ୍ଣନା କରନ୍ତି । ତେଣୁ ଉଭୟ ସାହିତ୍ୟ ଓ ସମାଲୋଚନା ପରସ୍ପରକୁ ପ୍ରଭାବିତ ଓ ପରିପୁଷ୍ଟ କରିବା ଏକ ସ୍ୱାଭାବିକ ଐତିହାସିକ ପ୍ରକ୍ରିୟା । ଷୋଡ଼ଶ ଶତାବ୍ଦୀଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏ ପ୍ରକ୍ରିୟା କିପରି ଇଂରାଜୀ ସାହିତ୍ୟର ଇତିହାସ କ୍ଷେତ୍ରରେ ସଂଘଟିତ ହୋଇଛି, ତାହା ଏଲିଅଟ୍ ତାଙ୍କର ସେହି ସମାଲୋଚନା ପୁସ୍ତକରେ ଦର୍ଶାଇଛନ୍ତି ।

ସମାଲୋଚକ ହେଉଛି ସାହିତ୍ୟିକ ଓ ପାଠକ ମଧ୍ୟସ୍ଥ ସେତୁ, ସଂଯୋଜକ, ଏକ ନିର୍ଦ୍ଦିଷ୍ଟ ସାହିତ୍ୟକୃତି ଅଥବା କାବ୍ୟକୃତିରେ ଯଦି ଥାଏ ଦୁର୍ବୋଧତା ଓ କ୍ଲିଷ୍ଟତା, ତାକୁ ପାଠକ ପକ୍ଷରେ ବୋଧଗମ୍ୟ କରାଇବା ସମାଲୋଚକର କର୍ତ୍ତବ୍ୟ ଓ ଦାୟିତ୍ୱ । ଏଲିଅଟ୍ କହନ୍ତି, 'Understanding leads to enjoyment and enjoyment leads to appreciation.' ସମାଲୋଚକ ଜଣେ ଆଦର୍ଶ ପାଠକ ଓ ଶ୍ରଦ୍ଧାଶୀଳ ପାଠକ ହେବା ତଥା ସାହିତ୍ୟକୃତିର ମର୍ମ ଅବବୋଧ କରିବାର ଯୋଗ୍ୟତା ଥିବା ଆବଶ୍ୟକ । ସମାଲୋଚନାମୂଳକ ଲେଖା ନିର୍ଦ୍ଦିଷ୍ଟ ସାହିତ୍ୟିକର ଓ ତା' କୃତିର ସମ୍ପୂର୍ଣ୍ଣ ନିନ୍ଦା ଅଥବା ପ୍ରଶଂସା ନୁହେଁ, ବରଂ ଏହାର ସାମଗ୍ରିକ ଅନୁଶୀଳନ, ବ୍ୟାଖ୍ୟା ଓ ମୂଲ୍ୟାୟନ ଉପରେ ନିର୍ଭର କରେ । ଏଠାରେ 'appreciation' ଅର୍ଥ ପ୍ରଶଂସା ନୁହେଁ, ବରଂ ଉପଯୁକ୍ତ ତର୍ଜମା ସହ ନିରପେକ୍ଷ ମତ ପ୍ରଦାନ । ସଂସ୍କୃତ କାବ୍ୟତତ୍ତ୍ୱରେ କାବ୍ୟର ବିଭାଗୀକରଣ ହୋଇଛି: ଉତ୍ତମ କାବ୍ୟ, ମଧ୍ୟମ କାବ୍ୟ ଓ ଅଧମ କାବ୍ୟ । ସେହିପରି ଇଂରାଜୀରେ ମଧ୍ୟ 'Poetry of the highest order', 'Mediocre Poetry' ଓ 'Inferior Poetry' ଭାବରେ କାବ୍ୟର ବିଭାଗୀକରଣ କରାଯାଇଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ କାବ୍ୟ କେଉଁ ପ୍ରକାରର, ସେ ସମ୍ପର୍କରେ ମତାମତ ଦେବା ପାଇଁ ସମାଲୋଚକର ଅନ୍ତର୍ଦୃଷ୍ଟି, ପ୍ରଜ୍ଞା ସମ୍ପନ୍ନତା, କାବ୍ୟବୋଧ, ଭାଷାର ସମ୍ପୂର୍ଣ୍ଣ ଜ୍ଞାନ, ତୁଳନାତ୍ମକ ଓ ବିଶ୍ଳେଷଣାତ୍ମକ ପଦ୍ଧତି ଥିବା ଆବଶ୍ୟକ । ସେଥିପାଇଁ ଏଲିଅଟ୍ ସମାଲୋଚନାର ଦୁଇଟି ଆବଶ୍ୟକୀୟ ଉପାଦାନ ସମ୍ପର୍କରେ ଉଲ୍ଲେଖ କରନ୍ତି : Comparison (ତୁଳନା) ଓ Analysis (ବିଶ୍ଳେଷଣ) । ଏ ଦୁଇଟି ବିନା ସାର୍ଥକ ଓ ସଫଳ ସମାଲୋଚକୀୟ କୃତି ସୃଷ୍ଟି ହୋଇ ପାରେ ନାହିଁ । ସମାଲୋଚକ ଯେଉଁ ଯୁଗରେ ଲେଖୁଅଛି, ସେହି ଯୁଗ ପାଇଁ ଏକ ନିର୍ଦ୍ଦିଷ୍ଟ କୃତିର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇପାରୁଥିବ । ଏପରିକି ଏକ ନିର୍ଦ୍ଦିଷ୍ଟ କୃତି ବହୁବର୍ଷ ପୂର୍ବେ ରଚିତ ହୋଇଥିବ, ମାତ୍ର ତା'ର ମୂଲ୍ୟବୋଧ ସାମ୍ପ୍ରତିକ କାଳ ପାଇଁ ଉପାଦେୟ– ଏହା ସମାଲୋଚକ ଉପସ୍ଥାପନା କରିପାରୁଥିବ । ତେଣୁ ନିଜ ସମୟର ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଚିନ୍ତାଧାରା ସମ୍ପର୍କରେ ତା'ର ସଠିକ୍ ଅବଧାରଣା ଥିବା ସହ ପ୍ରାଚୀନ ବା ମଧ୍ୟଯୁଗୀୟ ସାହିତ୍ୟକୃତିର ଶାଶ୍ୱତ ମୂଲ୍ୟବୋଧକୁ ମଧ୍ୟ ଅବବୋଧ କରିପାରୁଥିବ । ଏହା କମ୍ ପ୍ରଜ୍ଞା ସମ୍ପନ୍ନତାର ପରିଚୟ ନୁହେଁ । ସେଥିପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡସୁନ୍ଦରୀ'ରେ ଲେଖନ୍ତି :

"ଯେ କବି ଅର୍ଥୀ ପଣ୍ଡିତ ସୁହୃଦ
ରସିକ ଯେହି ଘେନି ଏ ଛାନ୍ଦ ।"

ସେହିପରି କବି ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି'ରେ ଲେଖନ୍ତି :

"ବିବେକ ଗ୍ରାହକ କୋଟି କବି ଆୟୁ ଘେନି
ବର୍ତ୍ତିଥିବେ କବି କବିତ୍ୱ କି ହେବ ମ୍ଳାନି ।"

କବି ଦୀନକୃଷ୍ଣ ଦାସ ତାଙ୍କ କାବ୍ୟ 'ରସକଲ୍ଲୋଳ' (ଶେଷ ଛାନ୍ଦ)ରେ ସମାଲୋଚକ ଓ ସମାଲୋଚନାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ କହି ଯାଇଛନ୍ତି :

"କବିତା ବନିତା କବି ତା' ପିତା
କହିବା ଲୋକ ତା'ର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେତେ ହେଁ ଅବା ରହଇ ଯୋଗ୍ୟତା,
କୁମତି ଗୁଆଁର
କେବଳ ବଇମାତ୍ର ଭାଇ ତା'ର ।"

× × ×

କବିତ୍ୱ-କୋଷେ ନାନା ଦ୍ରବ୍ୟ ଥାଇ
କିଛି ଯାର ଜ୍ଞାନ-ଚକ୍ଷୁ ନ ଥାଇ
କରନ୍ତି ଯାଇ ତହିଁ ଅଧିକାର
କିଞ୍ଚିତ ଲାଜ ନ ଥାଇ ତାଙ୍କର,
କାର୍ଯ୍ୟ ପଡ଼ିଗଲେ,
କେବଳ ବେଭାର ସରଇ ଭଲେ ।"

ସମାଲୋଚକ ଯଦି ନ ରହେ, କାବ୍ୟାଲୋକକୁ ବିଚ୍ଛୁରିତ କରିବ କିଏ ? ସାହିତ୍ୟ କୃତିରେ ଅନ୍ତର୍ନିହିତ ସତ୍ୟକୁ ଜଣେ ପାଠକ ଠିକ୍ ଭାବରେ ଉପଲବ୍ଧି କରିପାରେ, ଯଦି ସେ ସମାଲୋଚନା ଶାସ୍ତ୍ର ଅଧ୍ୟୟନ କରୁଥାଏ । ସେଥିପାଇଁ ସମାଲୋଚକକୁ ହେବାକୁ ପଡ଼ିଥାଏ ବିଦଗ୍ଧ ରସପିପାସୁ, ବହୁପାଠୀ, ଅଭିଜ୍ଞ, ତତ୍ତ୍ୱଦର୍ଶୀ ଓ ସାହିତ୍ୟ ଇତିହାସ ସଚେତନ । ସମାଲୋଚକ ଜଣେ ସାହିତ୍ୟକୃତିର ନବନିର୍ମାଣ ଓ ପୁନର୍ବିନ୍ୟାସ କରିଥାଏ ତା'ର ବ୍ୟାଖ୍ୟା ମାଧ୍ୟମରେ । କୃତି ଭିତରେ ଥିବା ନାନ୍ଦନିକ ସୌନ୍ଦର୍ଯ୍ୟବୋଧକୁ ଆବିଷ୍କାର କରି ପାଠକକୁ ସେହି ଆନନ୍ଦରେ ରସାପ୍ଲୁତ କରୁଥିବାରୁ ସମାଲୋଚନା ମଧ୍ୟ କାବ୍ୟ କବିତା ପରି ଏକ ସୃଜନଶୀଳ କୃତି । (Recreating the poet's experience) ।

ସମାଲୋଚକର ଅନ୍ୟ ଏକ ଆଭିମୁଖ୍ୟ ରହିଛି ଓ ତାହା ହେଉଛି Literary Canon (ସାହିତ୍ୟିକ ନୀତି, ଆଦର୍ଶ ଓ ମୂଲ୍ୟବୋଧ) ନିରୂପଣ କରିବା, ବିଶ୍ୱସାହିତ୍ୟ, ୟୁରୋପୀୟ ସାହିତ୍ୟ, ଜାତୀୟ ସାହିତ୍ୟ ଓ ନିର୍ଦ୍ଦିଷ୍ଟ ଭାଷା ସାହିତ୍ୟ କ୍ଷେତ୍ରରେ ଏହାର ପରିକଳ୍ପନା କରାଯାଇଥାଏ । ଯେଉଁମାନେ Classics (କାଳଜୟୀ କୃତି / ଗୌରବ ଗ୍ରନ୍ଥ) ରଚନା କରିବାରେ ସମର୍ଥ ହୋଇଛନ୍ତି, ସେମାନଙ୍କୁ Canonical authors ଭାବରେ ସମାଲୋଚକଗଣ ସ୍ୱୀକୃତି ଦେଇଥାନ୍ତି । ଅବଶ୍ୟ ଯେଉଁ ମାପଦଣ୍ଡକୁ ଭିତ୍ତି କରି ଏପରି ରାୟ ଦିଆଯାଇଥାଏ, ତାହା ସମୟେ ସମୟେ ବିବଦମାନ ପ୍ରସଙ୍ଗ ହୋଇଥାଏ । ଏ ପ୍ରକାରର ସାହିତ୍ୟାଦର୍ଶ ଓ ଲକ୍ଷଣର ଚଉହଦି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଚିହ୍ନଟ ହୋଇ ନ ଥାଏ, କାରଣ ଏହାର ସୀମାରେଖା ଯୁଗାନୁକ୍ରମେ ସମ୍ପ୍ରସାରିତ ହୋଇଥାଏ । କେନ୍ଦ୍ରସ୍ଥଳରେ ଥିବା ପ୍ରମୁଖ ଲେଖକ ପରିବର୍ତ୍ତିତ ସମୟ ଧାରାରେ ଜଣେ ଗୌଣ ଲେଖକ ବୋଲି ବିବେଚନା କରାଯାଏ । ସେହିପରି ପରିଧିସ୍ଥ ଜଣେ ସାମାନ୍ୟ ଲେଖକ ଅନ୍ୟ ଏକ ଯୁଗରେ ଜଣେ ଉଚ୍ଚାଙ୍ଗ ସ୍ତରର ଲେଖକର ପରିଚୟ ପାଇଥାଏ ।

ଉଦାହରଣ ସ୍ୱରୂପ, ସପ୍ତଦଶ ଶତାବ୍ଦୀର ଇଂରାଜୀ କବି ଜନ୍ ଡନ୍ ଜଣେ ଗୌଣ କବି ଭାବରେ ତାଙ୍କ ସମୟରେ ବିବେଚିତ ହେଉଥିଲେ, ମାତ୍ର ବିଂଶ ଶତାବ୍ଦୀରେ ଏଲିଅଟ୍‌ଙ୍କ ସମାଲୋଚକୀୟ ଦୃଷ୍ଟିଭଙ୍ଗୀରେ ସେ ଜଣେ ବଶିଷ୍ଟ କବିର ମାନ୍ୟତା ପାଇଲେ । କାରଣ ଯୁଗ ବଦଳିଲେ କାବ୍ୟାଦର୍ଶ ଓ ସାହିତ୍ୟିକ ମୂଲ୍ୟବୋଧର ସ୍ୱରୂପ ସ୍ଥୁଳ ବିଶେଷରେ ଭିନ୍ନ ଧରଣର ହୋଇଯାଏ । ୧୯୭୦ ମସିହା ପରବର୍ତ୍ତୀ କାଳରେ Canon ସମ୍ବନ୍ଧିତ ପ୍ରସଙ୍ଗ ଉପରେ ବାଦ ବିବାଦ ଲାଗି ରହିଛି । ପାରମ୍ପରିକ ସାହିତ୍ୟାଦର୍ଶକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ କେନ୍ଦ୍ର କରି ବିଗଠନବାଦୀ, ନାରୀବାଦୀ, ମାର୍କସବାଦୀ, ଉତ୍ତର ଉପନିବେଶବାଦୀ ଓ ନବ୍ୟ ଇତିହାସବାଦୀମାନେ ବହୁମୁଖୀ ବିମର୍ଶରେ ନିମଜ୍ଜିତ ଅଛନ୍ତି ।

ଏତେସବୁ ବାଦ ବିବାଦର ସମାଧାନ ରହିଛି ଗୋଟିଏ ସୂତ୍ରରେ । Canon (ସାହିତ୍ୟାଦର୍ଶ ଓ ସାହିତ୍ୟିକ ମୂଲ୍ୟବୋଧ) ପ୍ରଣୟନ ଅନ୍ତରାଳରେ ନିର୍ଦ୍ଦିଷ୍ଟ ଶ୍ରେଣୀ, ଲିଙ୍ଗ ଓ ଜାତିର ଭୂମିକା ଥାଇପାରେ । ମାତ୍ର ସେ କଥାକୁ ଦୃଷ୍ଟି ନ ଦେଇ ସାର୍ବଜନୀନ ସାହିତ୍ୟିକ ମୂଲ୍ୟବୋଧ ସମ୍ପର୍କରେ ସମାଲୋଚକ ପକ୍ଷେ ଅବଧାରଣା କରିବା ଅତି ସହଜ ଓ ସୁଗମ । ଯେଉଁ ସାହିତ୍ୟକୃତି ପାଠକମାନଙ୍କ ମଧ୍ୟରେ ଚିରନ୍ତନ ଆନନ୍ଦ ଓ ଜ୍ଞାନାଲୋକ ବିତରଣ କରିଥାଏ ଓ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥାଏ, ତାହା କାଳ ଓ ସ୍ଥାନ ନିର୍ବିଶେଷରେ ଏକ ଶ୍ରେଷ୍ଠ ସାହିତ୍ୟକୃତିର ମାନ୍ୟତା ପାଇବାରେ କିଛି ଅସୁବିଧା ନାହିଁ । ଏ ପ୍ରକାର କୃତିର ସଠିକ୍ ଚିହ୍ନଟ କରିବା ସମାଲୋଚନାର ମୁଖ୍ୟ ଆଭିମୁଖ୍ୟ ବୋଲି ମନେହୁଏ । ତେବେ କୌଣସି ସମାଲୋଚନା ଶେଷ ସମାଲୋଚନା ନୁହେଁ, ବରଂ ପରବର୍ତ୍ତୀ ସମାଲୋଚନାର ସମ୍ଭାବ୍ୟ ସୃଷ୍ଟି ପାଇଁ ଏକ ସଙ୍କେତ ଓ ଆଭାସ ।

ମୁଖ୍ୟତଃ ସମାଲୋଚନା ଦୁଇ ପ୍ରକାରର : (୧) ତାତ୍ତ୍ୱିକ ସମାଲୋଚନା ଓ (୨) ପ୍ରାୟୋଗିକ ସମାଲୋଚନା । ତାତ୍ତ୍ୱିକ ସମାଲୋଚନା ନିର୍ଦ୍ଦିଷ୍ଟ ସାହିତ୍ୟତତ୍ତ୍ୱମାନଙ୍କ ରୂପରେଖ ଦେଇଥାଏ, ଯାହା ଆଧାରରେ ସାହିତ୍ୟ କୃତିମାନଙ୍କ ଆକଳନ ହୋଇପାରିବ । ପାଶ୍ଚାତ୍ୟ ଜଗତରେ ଏ ପ୍ରକାର ତାତ୍ତ୍ୱିକ ସମାଲୋଚନାର ଧାରା ସୃଷ୍ଟି କରିଥିଲେ ଆରିଷ୍ଟୋଟଲ ତାଙ୍କ 'Poetics' ଗ୍ରନ୍ଥରେ । ସେହିପରି ଗ୍ରୀସ୍‌ରେ ଲଞ୍ଜାଇନସ୍, ରୋମରେ ହୋରେସ୍, ଜର୍ମାନୀରେ ଗେଟେ, ଇଂଲଣ୍ଡରେ ଡ୍ରାଇଡେନ୍, କଲରିଜ୍, ରିଚାର୍ଡସ ଓ ଏଲିଅଟ ଏବଂ ଆମେରିକାରେ ଆଲାନ୍ ପୋ ଓ ଏମରସନ୍ ତାତ୍ତ୍ୱିକ ସମାଲୋଚନା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଥାନ୍ତି । ଭାରତରେ ସଂସ୍କୃତ ଭାଷାରେ ସାହିତ୍ୟ ତତ୍ତ୍ୱ ପ୍ରଣୟନ କରିଛନ୍ତି ଭରତମୁନି, ଜଗନ୍ନାଥ, ବିଶ୍ୱନାଥ, ମମ୍ମଟ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତ ଆଦି ପଣ୍ଡିତ ଓ ତତ୍ତ୍ୱଦର୍ଶୀଗଣ । ରସ, ଧ୍ୱନି, ରୀତି, ଗୁଣ, ଅଳଙ୍କାର ଓ ଔଚିତ୍ୟ ସମ୍ପର୍କିତ ତତ୍ତ୍ୱ ସେମାନଙ୍କ ଅପୂର୍ବ ପାଣ୍ଡିତ୍ୟର ପରିଚାୟକ । ଦ୍ୱିତୀୟ ପ୍ରକାର ସମାଲୋଚନା ହେଉଛି Practical Criticism ଅଥବା Applied Criticism (ପ୍ରାୟୋଗିକ ସମାଲୋଚନା) । ନିର୍ଦ୍ଦିଷ୍ଟ ସାହିତ୍ୟିକଙ୍କ ଏକ କୃତିକୁ ଏକ ନିର୍ଦ୍ଦିଷ୍ଟ ସାହିତ୍ୟତତ୍ତ୍ୱ ଆଧାରରେ ସମୀକ୍ଷା ଓ ମୂଲ୍ୟାୟନ କରିବା ଏହାର ସ୍ୱଷ୍ଟ ଆଭିମୁଖ୍ୟ । ପ୍ରାୟୋଗିକ ସମାଲୋଚନା ମୁଖ୍ୟତଃ ଏକ ବୈଜ୍ଞାନିକ ପଦ୍ଧତି, ଯେଉଁଥିରେ ତର୍କ ଓ ତର୍ଜମା, ବୌଦ୍ଧିକତା ଓ ଜଟିଳ ଅବବୋଧ ଆବଶ୍ୟକ ଉପାଦାନ । ସେଥିପାଇଁ ନିର୍ଦ୍ଦିଷ୍ଟ Model (ନମୁନା)ର ରୂପରେଖ ନିର୍ମାଣ କରାଯାଏ ଓ ତାହାକୁ ଭିତ୍ତି କରି ଏକ ସାହିତ୍ୟକୃତିର ସମୀକ୍ଷା ଓ ମୂଲ୍ୟାୟନ କରାଯାଏ । ଉଦାହରଣ ସ୍ୱରୂପ, କଲରିଜଙ୍କ 'Biographia Literaria' ପୁସ୍ତକରେ ୱାର୍ଡ୍‌ସ୍‌ୱର୍ଥଙ୍କ କବିତା ସମ୍ପର୍କରେ ମତଦାନ, ମାଥ୍ୟୁ ଆର୍‌ନୋଲ୍‌ଡ୍‌ଙ୍କ ଲିଖିତ 'Essays in Criticism', ରିଚାର୍ଡ୍‌ସ୍‌ଙ୍କ 'Practical Criticism', ଟି.ଏସ୍. ଏଲିଅଟ୍‌ଙ୍କ 'Selected Essays', ଭର୍ଜିନିଆ ଉଲ୍‌ଫଙ୍କଦ୍ୱାରା ଲିଖିତ ପ୍ରବନ୍ଧ ସମୂହ ଓ କ୍ଲିନିଥ୍ ବ୍ରୁକେସଙ୍କ 'The Well Wrought Urn' ଏହି ପ୍ରାୟୋଗିକ ସମାଲୋଚନାର ଚମତ୍କାର ବୌଦ୍ଧିକ ପ୍ରଦର୍ଶନ । ସେହିପରି ନବ୍ୟ ସମାଲୋଚକଙ୍କଦ୍ୱାରା ପ୍ରଦତ୍ତ 'Close reading of the text' (କୃତିର ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟା) ମଧ୍ୟ ପ୍ରାୟୋଗିକ ସମାଲୋଚନାର ଯଥାର୍ଥ ନମୁନା ।

ପ୍ରାୟୋଗିକ ସମାଲୋଚନା ସହ ସମ୍ପର୍କିତ ଅଛି କିଛି ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ (Background knowledge) ଯଦି ବି ପ୍ରତ୍ୟକ୍ଷ ଭାବରେ ସାହିତ୍ୟକୃତି ସହ ଏହାର କିଛି ସମ୍ପର୍କ ନାହିଁ । ତେବେ ପ୍ରଶ୍ନ ଉଠେ, ଯଦି ସାହିତ୍ୟ କୃତିଟିଏ ଅତୀତର କେଉଁ ଯୁଗରୁ ଲିଖିତ ହୋଇଥିଲା, ସେ ଯୁଗର ଐତିହାସିକ ପୃଷ୍ଠଭୂମି କ'ଣ ଜାଣିବା ଆବଶ୍ୟକ ? ସେହି ଲେଖକଙ୍କ ଜୀବନୀ ସମ୍ପର୍କରେ ଆମର ଜ୍ଞାନ ଥିବା ଆବଶ୍ୟକ କି ? ସେହି ଲେଖକ କେଉଁ କେଉଁ ପୁସ୍ତକ ପଢୁଥିଲେ, ସେ ସମ୍ପର୍କରେ ଅନୁସନ୍ଧାନ ପ୍ରାସଙ୍ଗିକ କି ?

କେଉଁ ପ୍ରକାରର ସମାଜ ଭିତରେ ସେ ଜୀବନ ବ୍ୟତୀତ କରୁଥିଲେ, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଅପରିହାର୍ଯ୍ୟ କି ? ସେହି ଲେଖକ କେଉଁ ପ୍ରକାର ଦାର୍ଶନିକ ଚିନ୍ତାଧାରାଦ୍ୱାରା ଉଦ୍‌ବୁଦ୍ଧ ଓ ପ୍ରଭାବିତ ହୋଇଥିଲେ, ଜାଣିବା ଜରୁରୀ କି ? ପ୍ରାୟୋଗିକ ସମାଲୋଚନାର ଆବଶ୍ୟକୀୟ ପଦ୍ଧତି କ'ଣ କୃତିର ଗାଠନିକ ରୂପରେଖ, ଚିତ୍ରକଳ୍ପ, ପ୍ରତୀକ ଓ କାବ୍ୟଛନ୍ଦ ଆଦି ସମ୍ପର୍କରେ ଜ୍ଞାନ ? ଯଦି ଅନ୍ୟ କିଛି ଉପାଦାନ ଆବଶ୍ୟକ, ସେଗୁଡ଼ିକ କ'ଣ, ତା'ର ପ୍ରାସଙ୍ଗିକତା କ'ଣ ଓ ସେହି ପଦ୍ଧତିକୁ ଜଣେ ସମାଲୋଚକ କିପରି ବ୍ୟବହାର କରିବ ? ଅବଶ୍ୟ ଏ ସବୁ ପ୍ରଶ୍ନର ଉତ୍ତର ସହଜ ନୁହେଁ ଓ ଉତ୍ତର ବି ଗୋଟିଏ ପ୍ରକାରର ହୋଇ ନ ପାରେ । ଏତଦ୍‌ବ୍ୟତୀତ ସମ୍ପ୍ରତି ସାହିତ୍ୟ ଅଧ୍ୟୟନବେଳେ ସାହିତ୍ୟ ସହ କିଛି non-Literary Knowledgeର ଆବଶ୍ୟକତା ଅନୁଭୂତ ହେଉଅଛି । ଏଥିରେ ଅନ୍ତର୍ଭୁକ୍ତ ଅଛି ସମାଜ ବିଜ୍ଞାନ, ମନସ୍ତତ୍ତ୍ୱ, ମାର୍କସବାଦ, ମିଥ୍ ଓ ଆର୍କିଟାଇପ୍, ସଂସ୍କୃତି ବିଷୟକ ଜ୍ଞାନ, ଇତିହାସ, ନୃତତ୍ତ୍ୱ ଓ ଭାଷା ବିଜ୍ଞାନ ସମ୍ପର୍କରେ ଆମର ସ୍ୱଷ୍ଟ ଓ ସମ୍ୟକ୍ ଧାରଣା । ଏପରି ଆନ୍ତର୍ବିଷୟକ ସମାଲୋଚନା (Interdiscplinary Criticism) ପ୍ରସ୍ତୁତ କରିବାର ଆବଶ୍ୟକତା ଥାଏ, ଯାହା ନିଷ୍ପକ୍ଷ ଓ ବସ୍ତୁନିଷ୍ଠ ।

### ।। ଦୁଇ ।।

ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ଓଡ଼ିଆ ସାହିତ୍ୟ ସମାଲୋଚନାର ଗତି ଓ ପ୍ରକୃତି ତଥା ବିକାଶର ଧାରା ସମ୍ପର୍କରେ ପର୍ଯ୍ୟାଲୋଚନା କଲାବେଳେ ଏ କ୍ଷେତ୍ରରେ ଯୋଗ ଦେଇଥିବା ଦୁଇଜଣ ବିଶିଷ୍ଟ ସମାଲୋଚକଙ୍କ ମନ୍ତବ୍ୟ ଦୃଷ୍ଟିକୁ ଆସେ :

୧) ପଣ୍ଡିତ ବିନାୟକ ମିଶ୍ର କହନ୍ତି ଯେ ଅଧୁନା ଯେଉଁ ଅର୍ଥରେ ସାହିତ୍ୟ ସମାଲୋଚନାର ସ୍ୱରୂପ ଦେଖିବାକୁ ମିଳିଥାଏ, ପ୍ରାଚୀନ ସାହିତ୍ୟରେ ତାହା ଥିଲା ଦୁର୍ଲଭ । ତାଙ୍କ ମତରେ ପ୍ରାଚୀନ ସାହିତ୍ୟରେ ତାହା କେବଳ ସାହିତ୍ୟର ଟୀକା ଟିପ୍ପଣୀ ଥିଲା, "ଏ ଦେଶରେ ସମାଲୋଚନାର ଧାରା ନ ଥିଲା । ପାଶ୍ଚାତ୍ୟ ସାହିତ୍ୟରୁ ସମାଲୋଚନା ପଦ୍ଧତି ଏ ଦେଶର ସାହିତ୍ୟକୁ ଆସିଛି ।" (ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ, ପୃ. ୧୪, ସଂ- ପଠାଣି ପଟ୍ଟନାୟକ) ।

୨) ଏ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତି ମଧ୍ୟ ଉଲ୍ଲେଖ କରନ୍ତି : "ବ୍ୟକ୍ତିଗତ ସ୍ମୃତିଚାରଣର ସ୍ୱର ପରିଲକ୍ଷିତ ହେଲେ ହେଁ, ଐତିହାସିକ ତଥ୍ୟ ଦୃଷ୍ଟିରୁ ଏହା ଉଲ୍ଲେଖଯୋଗ୍ୟ ଯେ, ୧୯୪୮ ବେଳକୁ କଥାସମ୍ରାଟ ଫକୀରମୋହନଙ୍କ ସମ୍ପର୍କରେ ଏହି ଲେଖକ ପ୍ରଥମେ ଆଲୋଚନା କଲାବେଳେ 'ସମାଲୋଚନା' ଶବ୍ଦଟି ଓଡ଼ିଶାର ବହି ବଜାରରେ ଅଶ୍ରୁତପୂର୍ବ ଥିଲା । 'ପ୍ରାଚୀ' ସମିତି ଉଦ୍ୟମରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ଯେଉଁ ୪୦ ଖଣ୍ଡି ମଧ୍ୟଯୁଗୀୟ କାବ୍ୟ ଓ ତାତ୍ତ୍ୱିକ-ପଦ୍ୟ ରଚନାର ମୁଖବନ୍ଧ ପ୍ରକାଶ କରିଥିଲେ, ତାହା ହିଁ ଥିଲା, ଓଡ଼ିଆ ଆଲୋଚନା / ସମାଲୋଚନା ସାହିତ୍ୟର ଏକମାତ୍ର ସମ୍ପଦ । 'ଫକୀରମୋହନ' ଓ 'ଫକୀରମୋହନ ସମୀକ୍ଷା' ଆଧୁନିକ ସମାଲୋଚନା ସାହିତ୍ୟର ଉତ୍ସବିନ୍ଦୁ କହିଲେ ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ ।" ('ଓଡ଼ିଆ ସାହିତ୍ୟର କ୍ରମବିକାଶ', ସୁରେନ୍ଦ୍ର ମହାନ୍ତି, ପୃ. ୩୫୧) ।

ଉପରୋକ୍ତ ଦୁଇଟି ମନ୍ତବ୍ୟ ସୂଚିତ କରେ ଯେ ଓଡ଼ିଆ ସାହିତ୍ୟ ସମାଲୋଚନାର ଉତ୍ପତ୍ତି ଓ କ୍ରମବିକାଶ ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ସଂଘଟିତ ହୋଇଥିଲା । ଦ୍ୱିତୀୟତଃ ସାହିତ୍ୟ ସମାଲୋଚନା ଏପରି ଏକ ପଦ୍ଧତି, ଯାହା ପାଶ୍ଚାତ୍ୟ ସାହିତ୍ୟ ଜଗତରୁ ଆସିଛି । ତୃତୀୟତଃ, ସୁରେନ୍ଦ୍ର ମହାନ୍ତି ଦାବି ରଖନ୍ତି ଯେ ତାଙ୍କ ପ୍ରକାଶିତ ପୁସ୍ତକ 'ଫକୀରମୋହନ' (୧୯୫୦) ହିଁ ଓଡ଼ିଆ ସମାଲୋଚନାର ଭିତ୍ତିଭୂମି ସ୍ଥାପନ କରିଛି । ସେ କହନ୍ତି ଯେ ତାଙ୍କର ଏ ପୁସ୍ତକ ପ୍ରକାଶନ ପରେ ଫକୀରମୋହନଙ୍କ ସାହିତ୍ୟ ସମ୍ପର୍କିତ ସମାଲୋଚନାକୁ ବିସ୍ତାର କଲେ ପ୍ରଫେସର ସର୍ବେଶ୍ୱର ଦାଶ ଓ ଉପେନ୍ଦ୍ର ମିଶ୍ର । ସୁରେନ୍ଦ୍ର ମହାନ୍ତି ପୁନଶ୍ଚ ଘୋଷଣା କରି କହନ୍ତି ଯେ ସେ ସମୟରେ ପତ୍ରପତ୍ରିକାମାନଙ୍କରେ ଯେଉଁସବୁ ସମାଲୋଚନାମୂଳକ ଲେଖା ପ୍ରକାଶ ପାଉଥିଲା, ତାହା ଥିଲା କେବଳ ନିନ୍ଦା ଅଥବା ପ୍ରଶଂସା ଏବଂ ସେଥିରେ ତର୍କନିଷ୍ଠ ପଦ୍ଧତି ଅନୁସୃତ ହେଉ ନ ଥିଲା । ପରେ ପରେ ପଦାର୍ପଣ କଲେ ସମାଲୋଚନା କ୍ଷେତ୍ରରେ ଡ. ନଟବର ସାମନ୍ତରାୟ, ଯାହାଙ୍କ ଗବେଷଣାତ୍ମକ ଲେଖା ଥିଲା ପଣ୍ଡିତ ନୀଳକଣ୍ଠ ଦାଶଙ୍କ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ପର୍ଯ୍ୟାୟର କୃତି । ଏହା ଶ୍ରୀ ମହାନ୍ତିଙ୍କ ମତାମତ ।

ତେବେ ସ୍ୱାଧୀନୋତ୍ତର କାଳରେ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟୟନ ଓ ଏକାଧିକ ବିଶ୍ୱବିଦ୍ୟାଳୟର ତଥା ମହାବିଦ୍ୟାଳୟର ପ୍ରତିଷ୍ଠା, ଗବେଷଣା ଓ ଆଲୋଚନାର ବିସ୍ତାର, ଅଧ୍ୟାପକମାନଙ୍କ ପି.ଏଚ୍‌ଡ଼ି ସନ୍ଦର୍ଭ ରଚନା ଏକ ବୌଦ୍ଧିକ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥିଲା । ଏଥିସହିତ 'ଶଙ୍ଖ', 'ଚତୁରଙ୍ଗ', 'ବୀଣା', 'ଶତାବ୍ଦୀ', 'ଝଙ୍କାର', 'ଆସନ୍ତାକାଲି' ଓ 'କୁଙ୍କୁମ' ଭଳି ସାହିତ୍ୟ ପତ୍ରିକାର ପ୍ରକାଶନ ନିଶ୍ଚିତ ଭାବରେ ଏ ଦୃଷ୍ଟିରୁ ଏକ ବିଶିଷ୍ଟ ଘଟଣା । ଯେଉଁ ଲେଖକମାନେ ଏ ପତ୍ରପତ୍ରିକାରେ ନିଜର  ସମାଲୋଚନାମୂଳକ ଲେଖା ପ୍ରକାଶ କରିବାକୁ ବିଶେଷ ଭାବେ ଆଗ୍ରହୀ ଥିଲେ, ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ନଟବର ସାମନ୍ତରାୟ, ରାଧାମୋହନ ମହାପାତ୍ର, ଚିନ୍ତାମଣି ବେହେରା, ସିଦ୍ଧେଶ୍ୱର ହୋତା, ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବେଣୁଧର ରାଉତ, କୁଞ୍ଜବିହାରୀ ଦାଶ, ଶ୍ରୀନିବାସ ମିଶ୍ର ଓ ପଠାଣି ପଟ୍ଟନାୟକ ।

ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଯୁଗର ସାହିତ୍ୟ ସମ୍ପର୍କିତ ସମାଲୋଚନାମୂଳକ ଲେଖା ମଧ୍ୟ ପ୍ରକାଶ ପାଇଲା, କେତୋଟି ଉଲ୍ଲେଖନୀୟ ଗବେଷଣାଧର୍ମୀ ପତ୍ରିକା ପ୍ରକାଶ ପାଇଲା, ତନ୍ମଧ୍ୟରେ 'ପ୍ରଜ୍ଞା', 'ଇସ୍ତାହାର', 'ମୂଲ୍ୟାୟନ', 'ଏଷଣା' ଓ 'କୋଣାର୍କ' ପ୍ରମୁଖ । ଯେଉଁଥିରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ତାତ୍ତ୍ୱିକ ପ୍ରବନ୍ଧମାନ ଦୃଷ୍ଟିଗୋଚର ହେଲା, ସେଗୁଡ଼ିକ ହେଲା ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖପତ୍ର 'ସୃଷ୍ଟି ଓ ସମୀକ୍ଷା', ବିଶ୍ୱଭାରତୀ ଓଡ଼ିଆ ବିଭାଗର ମୁଖପତ୍ର 'ବିଶ୍ୱଭାରତୀ ଦୀପିକା', ସମ୍ବଲପୁର ବିଶ୍ୱବିଦ୍ୟାଳୟର ପତ୍ରିକା 'ସପ୍ତର୍ଷି' । ଏତଦ୍‌ବ୍ୟତୀତ ଓଡ଼ିଶା ସାହିତ୍ୟ ଏକାଡେମୀ, ଉତ୍କଳ ସାହିତ୍ୟ ସମାଜ ଓ ପ୍ରଜାତନ୍ତ୍ର ପ୍ରଚାର ସମିତି ଭଳି ପ୍ରସିଦ୍ଧ ସାହିତ୍ୟ ଅନୁଷ୍ଠାନମାନଙ୍କ ମାଧ୍ୟମରେ ଅନୁଷ୍ଠିତ ସାହିତ୍ୟ ସଭା, ସମାଲୋଚନାମୂଳକ ପ୍ରବନ୍ଧ ଉପସ୍ଥାପନା ଓ ତତ୍‌ସମ୍ପର୍କିତ ଆଲୋଚନାଦ୍ୱାରା ଓଡ଼ିଆ ସାହିତ୍ୟ ସମାଲୋଚନା ବିକାଶର ବାଟ ଫିଟିଛି । ଉଭୟ ବିଶ୍ୱବିଦ୍ୟାଳୟଗଣ ଓ କେନ୍ଦ୍ର ସାହିତ୍ୟ ଅକାଦେମି ବିଭିନ୍ନ ପ୍ରସଙ୍ଗକୁ ନେଇ ସମ୍ମାନ ଅନୁଷ୍ଠିତ କରିବାର ମହତ୍ତ୍ୱ ମଧ୍ୟ ହୃଦୟଙ୍ଗମ କରିହୁଏ । ଏ ଦିଗରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପ୍ରୋତ୍ସାହନ ପ୍ରଶଂସନୀୟ । ଉଭୟ ଛାତ୍ର ଓ ଅଧ୍ୟାପକ ତଥା ସାହିତ୍ୟାନୁରାଗୀ ବ୍ୟକ୍ତିବିଶେଷଗଣ ଏହାଦ୍ୱାରା ଉପକୃତ ହେଉଛନ୍ତି । ପ୍ରବନ୍ଧ ଉପସ୍ଥାପନା ଓ ସେ ସମ୍ପର୍କରେ ବିଶଦ୍ ଆଲୋଚନା ନିଶ୍ଚିତ ଭାବରେ ଯୁବପିଢ଼ିକୁ ଗବେଷଣା କାର୍ଯ୍ୟରେ ଆଗୁସାର ହେବା ପାଇଁ ପ୍ରେରଣା ଦେଇଛି ।

ସ୍ୱାଧୀନୋତ୍ତର ଓଡ଼ିଆ ସମାଲୋଚନାର କ୍ରମବିକାଶ ସହ ସମ୍ପର୍କିତ ଅଛି ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତି । ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ପରୀକ୍ଷା ନିରୀକ୍ଷା ଆରମ୍ଭ ହେଲା ଓ ଏହା ଅନ୍ତରାଳରେ ଥିଲା ପାଶ୍ଚାତ୍ୟ ସାହିତ୍ୟର ନିଶ୍ଚିତ ପ୍ରଭାବ । କାବ୍ୟ ଜଗତରେ ସଚ୍ଚି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା ଓ ହରପ୍ରସାଦ ଦାସ ଯେଉଁ ନୂଆ ପ୍ରକାରର କବିତା ରଚନା କଲେ, ତା'ର ଗର୍ଭଗୃହକୁ ପ୍ରବେଶ କରିବାକୁ ହେଲେ ଆବଶ୍ୟକ ହେଲା ପାଶ୍ଚାତ୍ୟ କାବ୍ୟତତ୍ତ୍ୱ ସମ୍ପର୍କରେ ସମ୍ୟକ୍ ଜ୍ଞାନ । କବିତାର ଆଙ୍ଗିକର ନୂତନ ପରୀକ୍ଷା, କାବ୍ୟଭାଷାରେ ଚିତ୍ରକଳ୍ପ, ପ୍ରତୀକ, ବିମ୍ବ, ବିରୋଧାଭାସ, ଶ୍ଳେଷ ଆଦିର ପ୍ରୟୋଗ, ମୁକ୍ତଛନ୍ଦର ବ୍ୟବହାର, ମିଥ୍ ଓ ଆର୍କିଟାଇପ୍‌ର ନୂତନ ଦୃଷ୍ଟିକୋଣରୁ କାବ୍ୟିକ ପ୍ରୟୋଗ ସମ୍ପର୍କରେ ସ୍ପଷ୍ଟ ଧାରଣା ନ ଥିଲେ, ଏ ପ୍ରକାର କବିତାର ଅବବୋଧ ଦୁରୂହ । ସେହିପରି ଉପନ୍ୟାସ କ୍ଷେତ୍ରରେ ଚେତନାର ନିରବଚ୍ଛିନ୍ନ ପ୍ରବାହ, ଆଣ୍ଟି ଉପନ୍ୟାସ, ପ୍ଲଟ ବା କଥାବସ୍ତୁର କ୍ରମରେ ଓଲଟ ପାଲଟ ଆଦି ନୂତନ ପ୍ରୟୋଗର ଧାରା ବୁଝିବାକୁ ହେଲେ ଓ ତଦନୁଯାୟୀ ସମାଲୋଚନା ଲେଖିବାକୁ ହେଲେ, ପାଶ୍ଚାତ୍ୟ ଉପନ୍ୟାସ ତତ୍ତ୍ୱର ଅଧ୍ୟୟନ ଓ ସେ ଅନୁସାରେ ବ୍ୟାଖ୍ୟାର ଆବଶ୍ୟକତା ଅନୁଭୂତ ହେଲା । ନାଟକ କ୍ଷେତ୍ରରେ ମନୋରଞ୍ଜନ ଦାସ, ବିଶ୍ୱଜିତ ଦାସ, ବିଜୟ ମିଶ୍ର ଓ କାର୍ତ୍ତିକ ଚନ୍ଦ୍ର ରଥ ଯେଉଁ ନବନାଟ୍ୟ ଆନ୍ଦୋଳନର ପରମ୍ପରାଟିଏ ସୃଷ୍ଟି କଲେ, ତା' ଅନ୍ତରାଳରେ ଥିଲା ପାଶ୍ଚାତ୍ୟ ଉଦ୍ଭଟ ନାଟକର ପ୍ରଭାବ । ତାହାକୁ ବୁଝିବାକୁ ହେଲେ ନିତ୍‌ସେ, କିରକେଗାର୍ଡ଼, ସାର୍ତ୍ତ୍ର, କାମ୍ୟୁ, କାଫ୍‌କାଙ୍କ ଲେଖା ଓ ମାର୍ଟିନ୍ ଏସ୍‌ଲିସ୍‌ଙ୍କ ସମାଲୋଚନା ପୁସ୍ତକ ପଢ଼ିବାର ଆବଶ୍ୟକତା ବଢ଼ିଗଲା । ଏ ଦୃଷ୍ଟିରୁ ପାଶ୍ଚାତ୍ୟ ସାହିତ୍ୟତତ୍ତ୍ୱ ଅବଲମ୍ବନରେ କୃତିମାନଙ୍କ ବ୍ୟାଖ୍ୟା ଅପରିହାର୍ଯ୍ୟ ହୋଇପଡ଼ିଲା । କ୍ଲାସିସିଜିମ୍, ରୋମାଣ୍ଟିସିଜିମ୍, ସ୍ୱଭାବବାଦ, ବାସ୍ତବବାଦ, କୁହୁକବାସ୍ତବବାଦ, ପ୍ରତୀକବାଦ, ମିଥ୍ ତତ୍ତ୍ୱ, ଅସ୍ତିତ୍ୱବାଦ, ଆଧୁନିକବାଦ ଓ ଉତ୍ତର ଆଧୁନିକବାଦ ସମ୍ପର୍କିତ ଦାର୍ଶନିକ ଓ ସାହିତ୍ୟ ତତ୍ତ୍ୱର ଅବଗାହନ ବିନା ଆଧୁନିକ ଓଡ଼ିଆ ସାହିତ୍ୟର ସମାଲୋଚନା ଲେଖିବା ଅସମ୍ଭବ । ସେହିପରି ଉତ୍ତର ଆଧୁନିକ ଯୁଗରେ ବିଭିନ୍ନ ସମାଲୋଚନା ତତ୍ତ୍ୱର

ବିସ୍ଫୋରଣ ହେବାରେ ଲାଗିଛି ଓ ଏସବୁ ତତ୍ତ୍ୱାଶ୍ରିତ ହୋଇ ସାହିତ୍ୟକୃତିର ବ୍ୟାଖ୍ୟା କରିବା ଏକ ବୌଦ୍ଧିକ ଆବଶ୍ୟକତା ହୋଇପଡ଼ିଛି । ଏସବୁ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ ମଧ୍ୟରେ ବିଶେଷ ଉଲ୍ଲେଖନୀୟ ହେଲେ ଆର୍କିଟାଇପାଲ ସମାଲୋଚନା, ନାରୀବାଦ, ମାର୍କସବାଦ, ସଂରଚନାବାଦ, ଉତ୍ତର ସଂରଚନାବାଦ, ବିଗଠନବାଦ, ଶୈଳୀ ବିଜ୍ଞାନ, ମନସ୍ତାତ୍ତ୍ୱିକ ସମାଲୋଚନା ଓ ପରିବେଶ କେନ୍ଦ୍ରିକ ସମାଲୋଚନା । କୌଣସି ପ୍ରାନ୍ତୀୟ ଭାଷା ସାହିତ୍ୟର ସମାଲୋଚନାକୁ ବିଶ୍ୱସ୍ତରକୁ ଉନ୍ନୀତ କରିବାକୁ ହେଲେ, ସମାଲୋଚକ ଏସବୁ ପାଶ୍ଚାତ୍ୟ ତତ୍ତ୍ୱର ସଠିକ୍ ଅବବୋଧ କରି ବ୍ୟାଖ୍ୟା ଓ ତର୍ଜମା କରିବା ଆବଶ୍ୟକ । ଆମ ପାଇଁ ଏହା ଏକ ଜଟିଳ ଆହ୍ୱାନ, ମାତ୍ର ଏ ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ଆମର କଠୋର ଅଧ୍ୟବସାୟ ଆବଶ୍ୟକ । ସେଥିପାଇଁ ସମାଲୋଚନା ଏକ ଆୟାସସାଧ୍ୟ ବ୍ୟାପାର । ପ୍ରଜ୍ଞାର ପରିସୀମା ଉପରେ ନିର୍ଭର କରେ ବ୍ୟାଖ୍ୟାକାରର ଦୃଷ୍ଟିଭଙ୍ଗୀ ଓ ତା'ର ମୌଳିକ ସମାଲୋଚକୀୟ ସୃଷ୍ଟି । ଦୃଷ୍ଟି ଭିନ୍ନ ହେଲେ ସୃଷ୍ଟି ଅବଧାରଣା ହୋଇଯାଏ ଭିନ୍ନ, ଯାହାଦ୍ୱାରା ପାଠକ ମନରେ ଆଲୋଡ଼ନ ସୃଷ୍ଟି କରିହୁଏ ।

**॥ ତିନି ॥**

ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟ ସମାଲୋଚନାକୁ ଯେଉଁ ଲେଖକଗଣ ପରିପୁଷ୍ଟ ଓ ସମୃଦ୍ଧ କରିଛନ୍ତି, ସେମାନଙ୍କ କୃତି ସମ୍ପର୍କରେ ସମ୍ୟକ୍ ଦୃଷ୍ଟିପାତ ଏଠାରେ ଏକ ମୁଖ୍ୟ ପ୍ରସଙ୍ଗ । ସେହି ବିଶିଷ୍ଟ ସମାଲୋଚକଗଣ ହେଲେ :

### ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭)

ପଣ୍ଡିତ ନୀଳକଣ୍ଠ ଥିଲେ ଉଭୟ ପ୍ରାବନ୍ଧିକ ଓ ସମାଲୋଚକ । ଉଭୟ ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ତାଙ୍କ ଚେତନାଧର୍ମୀ ଲେଖାମାନ ପତ୍ର ପତ୍ରିକାରେ ପ୍ରକାଶ ପାଇଥିଲା । 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ନୀତି ଓ ପ୍ରକୃତି', 'ଅଛୁ ଓ ହେବୁ', 'ମୋ ନିଶ', 'ଭାରତର ଧର୍ମ ବିକାଶ', 'ସଂସ୍କୃତ ଓ ସଂସ୍କୃତି' ଆଦି ତାଙ୍କର ଉନ୍ନତମାନର ମୌଳିକ ପ୍ରବନ୍ଧ । ସେହିପରି 'ବିକ୍ରମାଦିତ୍ୟ ଓ କାଳିଦାସ' ଭଳି ଐତିହାସିକ ପ୍ରବନ୍ଧମାନ ସେ ରଚନା କରିଥିଲେ । ଏତଦ୍‌ବ୍ୟତୀତ ତାଙ୍କ ପ୍ରବନ୍ଧମାନଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ସମାଲୋଚନା ଓ ବ୍ୟାକରଣ ଆଲୋଚନା ପରି ଦୁଇ ପ୍ରକାରର ଲେଖା ଦୃଷ୍ଟିଗୋଚର ହୋଇଥାଏ । ତାଙ୍କ ସମାଲୋଚନାମୂଳକ କୃତି ମଧ୍ୟରେ ଅନ୍ତର୍ଭୁକ୍ତ 'ସାରଳା ଦାସ' (୧୯୪୭), 'ଫକୀର ମୋହନଙ୍କ ଆଦର୍ଶବାଦ' (୧୯୫୦), 'ଫକୀରମୋହନ ଓ ଓଡ଼ିଆ ସାହିତ୍ୟ' (୧୯୫୬), 'ନନ୍ଦକିଶୋରଙ୍କ ମୌଳିକତା' (୧୯୫୫), 'ଓଡ଼ିଆ ଭାଷା ଓ ସାହିତ୍ୟ' (୧୯୫୪) । ରାଧାନାଥଙ୍କ କାବ୍ୟ କବିତା ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଜଣେ ସମାଲୋଚକ ଭାବେ ଯେଉଁ ସ୍ୱାଧୀନ ମତାମତ ବ୍ୟକ୍ତ କରନ୍ତି, ତାହା ଡକ୍ଟର ରବିନାରାୟଣ ଦାସଙ୍କ ସମୀକ୍ଷାରେ ଏହିପରି :

> "ରାଧାନାଥଙ୍କ ସ୍ୱାଧୀନତା ପ୍ରାଚୀନ ପନ୍ଥା ଓ ଅଳଙ୍କାର ନିୟମ ପରିତ୍ୟାଗ କରିଥିବା ସେ (ନୀଳକଣ୍ଠ) ଦର୍ଶାନ୍ତି । ତାଙ୍କ 'ନବୀନ ମାର୍ଗ' ହେଉଛି ସଂଗ୍ରହ ଓ ଅନୁକୃତିକୁ ନିଜ ମାର୍ଗରେ ପରିଚାଳିତ କରିବା । ପଣ୍ଡିତ ନୀଳକଣ୍ଠ ଦର୍ଶାଇଛନ୍ତି ଯେ ରାଧାନାଥଙ୍କ ଗ୍ରନ୍ଥମାନଙ୍କରେ ଅନୁବାଦ ଅଧିକ ଭାବରେ ସ୍ଥାନ ପାଇଛି । ନୀଳକଣ୍ଠ ଦର୍ଶାଇଛନ୍ତି ଯେ ବିୟୋଗାନ୍ତ କାବ୍ୟ ଓ ଅମିତ୍ରାକ୍ଷର ଛନ୍ଦ, ରୁଚିର ନୂତନତ୍ୱ, ବର୍ଣ୍ଣନାରେ ଆଡ଼ମ୍ବରହୀନତା ଆଦି ତାଙ୍କ କାବ୍ୟର ଆଦର୍ଶ ଅଟେ । ନୀଳକଣ୍ଠଙ୍କ ମତରେ ସେ କେବଳ ବର୍ଣ୍ଣନାତ୍ମକ ଅଟନ୍ତି ଏବଂ ଦେବଦେବୀଙ୍କ ସାହାଯ୍ୟ ଗ୍ରହଣ କରି କାବ୍ୟ ଲେଖିଥିଲେ ମଧ୍ୟ ପ୍ରାକୃତିକତା ଓ ମାନବୀୟତା ସେଥିରେ ପ୍ରଧାନ ଲକ୍ଷଣ ଅଟେ । ତାଙ୍କ ମତରେ 'ଦରବାର' ଏକ ଉନ୍ମୁକ୍ତ ଗାଳିବର୍ଷଣ । ତାଙ୍କ ସାହିତ୍ୟରେ ସ୍ୱଦେଶ ପ୍ରେମର ଅଭିବ୍ୟକ୍ତି ଏକ ନୂତନ ଭାବ । ଏହା ବ୍ୟତୀତ ଭାଷା ଓ ସାଧାରଣ ଲେଖା ପଦ୍ଧତି ଏବଂ ଅମିତ୍ରାକ୍ଷର ଛନ୍ଦର ପ୍ରଚଳନ ତାଙ୍କ ଲେଖାର ନୂତନତ୍ୱର ବାହକ । ନୀଳକଣ୍ଠ ପ୍ରକାଶ କରନ୍ତି ଯେ ରାଧାନାଥଙ୍କ ଲେଖା ପଦ୍ଧତିରେ ସାହିତ୍ୟିକ ଶବ୍ଦ, ସଂସ୍କୃତ ପଦ, ଜନସାଧାରଣଙ୍କ କଥାରୁ ସଂଗୃହୀତ ଶବ୍ଦ ଓ ତାହାର ବିନ୍ୟାସ ଏକ ଧାରାରେ ରଖି ଭାଷାର ଶକ୍ତି ଓ ସ୍ୱାଭାବିକତା ମାର୍ଜିତ ଭାବରେ ପରିପୁଷ୍ଟ କରିବା ତାଙ୍କର ଆଦର୍ଶ ଅଟେ ।"

(ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ, ସଂ- ପଠାଣି ପଟ୍ଟନାୟକ, ପୃ. ୩୧୫)

ସେହିପରି 'ଫକୀର ମୋହନଙ୍କ ଆଦର୍ଶବାଦ' ଶୀର୍ଷକ ସମାଲୋଚନାମୂଳକ ପ୍ରବନ୍ଧରେ ପଣ୍ଡିତ ନୀଳକଣ୍ଠ ଲେଖନ୍ତି, "ମନୁଷ୍ୟ ବିଚାରିଲା ପରି ପ୍ରକୃତିର ଗତି ଚଲୁ ନାହିଁ । ଏହା ସତ୍ୟ – ଏହାଇ ଚିରନ୍ତନ ସତ୍ୟ... ।" ଭକ୍ତକବି ମଧୁସୂଦନ ରାଓଙ୍କ ସମ୍ପର୍କରେ ଓ ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି ସମ୍ପର୍କରେ ତାଙ୍କ ସମାଲୋଚନା ମଧ୍ୟ ଖୁବ୍ ଉଚ୍ଚକୋଟୀର । ତାଙ୍କ ସମାଲୋଚନାରେ ପ୍ରଚଣ୍ଡ ପାଣ୍ଡିତ୍ୟ, ବିଜ୍ଞତା ଓ ଶାସ୍ତ୍ରଦର୍ଶିତାର ପରିଚୟ ପ୍ରବଳ ଭାବରେ ମହଜୁତ ଥାଏ । ତଥାପି ସେ ଜଣେ ପରମ୍ପରାବାଦୀ, ନୀତିବାନ ଓ ରୁଢ଼ିବାଦୀ ।

### ବିନାୟକ ମିଶ୍ର (୧୮୯୪-୧୯୭୧) :

ସେ 'ଓଡ଼ିଆ ଭାଷାର ଇତିହାସ', 'ଓଡ଼ିଆ ସାହିତ୍ୟର ଇତିହାସ' ଭଳି ଅମ୍ଳାନ କୃତିର ରଚୟିତା । ତାଙ୍କ ସମ୍ପର୍କରେ ଡକ୍ଟର ମାୟାଧର ମାନସିଂହ ଲେଖନ୍ତି, "ଦାୟିତ୍ୱକତାପୂର୍ଣ୍ଣ ବହୁ ଡିଗ୍ରୀଧାରୀ ଅଧ୍ୟାପକ ଲେଖକଙ୍କ ବିପରୀତ ଦିଗରେ ଏକାକୀ ଦଣ୍ଡାୟମାନ । ପଣ୍ଡିତ ବିନାୟକ ମିଶ୍ର, ନିଜର ପାଣ୍ଡିତ୍ୟ ଓ ନିରବ କିନ୍ତୁ ବିସ୍ମୟକର ସିଦ୍ଧି ପାଇଁ, ସମଗ୍ର ଜାତିଠାରୁ ଯେଉଁ ସମ୍ମାନ ପାଇବାର କଥା, ସେସବୁ କିଛି ନ ପାଇ ସେ ଦାରିଦ୍ର୍ୟ ଓ ଅବହେଳାରେ ଶେଷ ଜୀବନ ଯାପନ କରୁଛନ୍ତି ।" (ଓଡ଼ିଆ ସାହିତ୍ୟର ଇତିହାସ, ପୃ. ୩୩୫) 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ', 'ପ୍ରେମ ଓ ସାହିତ୍ୟ', 'ଓଡ଼ିଆ ସାହିତ୍ୟରେ ଗୌଡ଼ୀୟ ବୈଷ୍ଣବ ଧର୍ମ', 'ପ୍ରକୃତି ଓ ସାହିତ୍ୟ' ଓ 'ସମାଲୋଚନା ଓ ସାହିତ୍ୟ' ତାଙ୍କର ଅନବଦ୍ୟ ସମାଲୋଚନା ଗ୍ରନ୍ଥ ।

### ମାୟାଧର ମାନସିଂହ (୧୯୦୫-୧୯୭୩)

ସେ ଏକାଧାରରେ କବି, ନାଟ୍ୟକାର, ପ୍ରାବନ୍ଧିକ ଓ ସମାଲୋଚକ । ତାଙ୍କର 'ଜୀବନ ପଥ' ଓ 'ଜୀବନୀ ଓ ପ୍ରବନ୍ଧ' ଯେଉଁପରି ଓଡ଼ିଆ ଗଦ୍ୟ ସାହିତ୍ୟର ଉତ୍କର୍ଷର ପରିଚାୟକ, ସେହିପରି 'କବି ଓ କବିତା' ବା 'ମାଟିର ମହାକବି ସାରଳା ଦାସ', 'ସାହିତ୍ୟ ପ୍ରଭା', 'ଓଡ଼ିଆ ସମାଜ ଓ ସାହିତ୍ୟ' ସାହିତ୍ୟ ସମାଲୋଚନାର ଚମତ୍କାର ନିଦର୍ଶନ । 'ଜୀବନୀ ଓ ପ୍ରବନ୍ଧ', 'ଶିକ୍ଷାବିତ୍‌ର ଗାଥା', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ତାଙ୍କର ଅବିସ୍ମରଣୀୟ ଗଦ୍ୟ ରଚନା । ତାଙ୍କଦ୍ୱାରା ରଚିତ 'ଓଡ଼ିଆ ସାହିତ୍ୟର ଇତିହାସ' ଓ 'ସରସ୍ୱତୀ ଫକୀରମୋହନ' ଓଡ଼ିଆ ସାହିତ୍ୟର ଅନବଦ୍ୟ ସୃଷ୍ଟି । ସମାଲୋଚନାମୂଳକ ପ୍ରବନ୍ଧ 'କବି ଓ କବିତା'ରେ ସେ ଉଲ୍ଲେଖ କରିଛନ୍ତି :

> "ସାହିତ୍ୟ ସୃଷ୍ଟି ଓ ସାହିତ୍ୟ ପଠନ ଏକା କଥା ନୁହେଁ, ଯାହା ସୃଷ୍ଟି ତାହା ଚିରକାଳ ରହସ୍ୟମୟ । ଯାହା ରହସ୍ୟହୀନ, ତାହା ସୃଷ୍ଟି ନୁହେଁ ଏବଂ ଯାହା ସୃଷ୍ଟି ନୁହେଁ, ତାହା ସାହିତ୍ୟ ନୁହେଁ, କାବ୍ୟ କବିତା ତ ଦୂରର କଥା, ଏହା ଠିକ୍ ଶିଶୁପରି । ମାତୃଗର୍ଭର ଅନ୍ତରାଳରେ, ଲୋକଲୋଚନର ବାହାରେ ସେ କିପରି ପିତାମାତାର ସର୍ବ ଅବୟବର ଛୋଟ ସଂସ୍କରଣ ହୋଇ ବଢ଼ିଉଠେ, ଏ ପୃଥିବୀରେ ଜୀବସଞ୍ଚାରର କୋଟି କୋଟି ବର୍ଷ ପରେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ରହସ୍ୟମୟ । ଯେଉଁ କବିତା ବା ସାହିତ୍ୟ ଏଇ ନବଜାତ ଶିଶୁ ପରି, ନବ ପ୍ରସ୍ଫୁଟିତ ଶିଶୁ ପରି, କୋଷାଦଭିନ୍ନ ପ୍ରଜାପତି ପରି, ପ୍ରଥମ ପ୍ରାବୃଟର ଇନ୍ଦ୍ରଧନୁ ପରି ବିସ୍ମୟ ଓ ଚମତ୍କାରୀ ଭାବ ଜାଗ୍ରତ କରି ନ ପାରେ, ସେ କ'ଣ ପ୍ରକୃତ ସୃଷ୍ଟି ବୋଲି ଧରାଯିବା ଉଚିତ ?"(କବି ଓ କବିତା, ପୃ. ୧୩୧)

ମହାକବି ସାରଳା ଦାସଙ୍କ ସମ୍ପର୍କରେ ବକ୍ତବ୍ୟ ଦେଇ ସେ ଲେଖନ୍ତି :

> "ଆନୁଷ୍ଠାନିକ ବିଦ୍ୟାଶିକ୍ଷା ବିଶେଷ ନ ଥିଲେ ମଧ୍ୟ ପ୍ରତିଭାର ସହଜାତ ଅନ୍ତର୍ଦୃଷ୍ଟି ଓ ପ୍ରତ୍ୟକ୍ଷ ବାସ୍ତବ ଅଭିଜ୍ଞତା ଫଳରେ ସାରଳା ଦାସ ଜୀବନକୁ ସେହିପରି ଚିତ୍ରି ଯାଇଛନ୍ତି, ସେ ଯେପରି ଜୀବନକୁ ଦେଖିଥିଲେ ଓ ଜାଣିଥିଲେ, ସେ ସଂସ୍କୃତ ପୁରାଣମାନଙ୍କର ଅତିମାନବମାନଙ୍କୁ ଆଙ୍କିବାକୁ ଯାଇ ନାହାନ୍ତି, ଆଙ୍କିଛନ୍ତି ରକ୍ତମାଂସର ପୁରୁଷ ଓ ସ୍ତ୍ରୀ । ସାରଳାଙ୍କ ଜଗତଟି ଗୋଟିଏ ସାଧାରଣ କୃଷକର ଜଗତ । ସେଠି ଦେବଦେବୀଙ୍କ ପଦ ମଧ୍ୟ ସାଧାରଣ ଜନପଥର ଧୂଳିରେ ଧୂସରିତ ।"

ମାୟାଧର ମାନସିଂହ ତାଙ୍କ ସାହିତ୍ୟ ସମୀକ୍ଷାରେ ଖୁବ୍ ନିରପେକ୍ଷ ଓ ସ୍ଥଳବିଶେଷରେ ନୀତିବାନ୍ ପ୍ରଜ୍ଞାବାନ୍ ବିଚାରକ । ତାଙ୍କର ଉଜ୍ଜ୍ୱଳ ଗଦ୍ୟସୃଷ୍ଟି ସମ୍ପର୍କରେ ମତାମତ ରଖି ଅଧ୍ୟାପକ ଚିନ୍ତାମଣି ବେହେରା ଉଲ୍ଲେଖ କରନ୍ତି :

> "ସାହିତ୍ୟ ବ୍ୟାପାରରେ ସୃଷ୍ଟି କର୍ମ ହିଁ ହେଉଛି ପ୍ରଧାନ ଏବଂ ସମାଲୋଚନା ହେଉଛି ତା'ର ଅନୁସାରକ ବା ଅନୁଗାମୀ ମାତ୍ର । ପଦ୍ୟ ଓ ଗଦ୍ୟରେ ଏହି ସମଶକ୍ତି ସବ୍ୟସାଚୀତ୍ୱ ହିଁ କବି ମାନସିଂହଙ୍କ ପ୍ରତିଭାର ଏକ ଅନନ୍ୟ-ସାଧାରଣ ଧର୍ମ । ତାଙ୍କର 'ଜୀବନପଥ' ଓ 'ଜୀବନୀ ପ୍ରବନ୍ଧ' ବଳିଷ୍ଠ ଗଦ୍ୟ ସାହିତ୍ୟର ଯେପରି ନମୁନା, ତାଙ୍କର 'କବି ଓ କବିତା' ବା 'ମାଟିର ମହାକବି ସାରଳା ଦାସ' ସାରସ୍ୱତ ସମାଲୋଚନାର ସେହିପରି ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମ ପରିଣାମ ପଥରେ କବି ମାନସିଂହଙ୍କର ଏ ସକଳ ଆଲୋଚନା ବା ପ୍ରବନ୍ଧାବଳୀ ନିଜର ସତ୍ୟ ସୌନ୍ଦର୍ଯ୍ୟ ଓ ସୌଷ୍ଠବ ପାଇଁ ଅବିସ୍ମରଣୀୟ ହୋଇ ରହିବେ ।"
>
> (ଓଡ଼ିଆ ସାହିତ୍ୟର ଇତିହାସ, ମାନସିଂହ, ପରିଶିଷ୍ଟ-୧, ପୃ. ୩୬୦)

ସର୍ଜନାତ୍ମକ ବା ସୃଷ୍ଟିଧର୍ମୀ ଗଦ୍ୟ ରଚନା ମାନସିଂହଙ୍କ ବିପୁଳ ଲେଖକୀୟ ପରିଚୟର ଅବିଚ୍ଛେଦ୍ୟ ଅଙ୍ଗ । ଗଦ୍ୟ ଭିତରେ ବିଶୁଦ୍ଧ କାବ୍ୟିକ ଛଟା ଫୁଟାଇପାରିବା କମ୍ ବିଶେଷତ୍ୱର ଲକ୍ଷଣ ନୁହେଁ । ବିଶ୍ଳେଷଣାତ୍ମକ ଓ ତୁଳନାତ୍ମକ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ମାନସିଂହ ଏକ ଶ୍ରେଷ୍ଠ ମାଇଲଖୁଣ୍ଟ ।

## କୁଞ୍ଜବିହାରୀ ଦାଶ (୧୯୧୪-୧୯୯୩)

କବି, ସମାଲୋଚକ ଓ ଓଡ଼ିଆ ଲୋକସାହିତ୍ୟ ପରମ୍ପରାର ପୁନରୁଦ୍ଧାରକ ତଥା ଜଣେ କୃତବିଦ୍ୟ ଅଧ୍ୟାପକ ଭାବରେ ଡ. କୁଞ୍ଜବିହାରୀ ଦାଶ ସୁପରିଚିତ । 'ସାହିତ୍ୟ ଏକ ଆଲୋକ ଆଲୋକନ' (୧୯୬୮) ଓ 'ସାହିତ୍ୟ ସମାଲୋଚନା' ତାଙ୍କର ଖ୍ୟାତନାମା ସୃଷ୍ଟି । ତାଙ୍କର ଅନ୍ୟ ଏକ ପୁସ୍ତକ 'ସାହିତ୍ୟରେ ବଙ୍ଗଳା ଓ ଓଡ଼ିଆ ପଲ୍ଲୀ ସାହିତ୍ୟ', 'ରବୀନ୍ଦ୍ରନାଥ ଓ ପଲ୍ଲୀସାହିତ୍ୟ', 'କାନ୍ତ ସାହିତ୍ୟ ପରିଚୟ', 'ହିନ୍ଦୀ ସାହିତ୍ୟକୁ ଓଡ଼ିଆ ସାହିତ୍ୟିକଙ୍କ ଦାନ', 'ଜାତୀୟ ସଂହତି ଓ ଲୋକଗୀତ', 'କବିତା ଓ ନୈତିକତା' ଓ 'ଲୋକସାହିତ୍ୟ ଓ ଲକ୍ଷ୍ମୀନାରାୟଣ' ଆଦି ଅନ୍ତର୍ଭୁକ୍ତ । କବି ଓ କବିତା ସମ୍ପର୍କରେ ପ୍ରବନ୍ଧ ସମୂହ ହେଉଛି 'ଓଡ଼ିଆ ସାହିତ୍ୟରେ ଅନ୍ନଦାଶଙ୍କର', 'କୁନ୍ତଳାକୁମାରୀଙ୍କ ଉପନ୍ୟାସ', 'ସାଳନ୍ଦୀ କାବ୍ୟ ଓ ଚିନ୍ତାମଣି', 'କାନ୍ତକବି ପରିଚୟ', 'ଗୋଦାବରୀଶ ମିଶ୍ରଙ୍କ କବିତା', 'ସାରଳା ସାହିତ୍ୟରେ ଉତ୍କଳର ଚିତ୍ର' ଓ 'ନନ୍ଦକିଶୋରଙ୍କ କବି ଜୀବନ' ।

ଏତଦ୍‌ବ୍ୟତୀତ ସେ ଛଅଟି ପ୍ରବନ୍ଧ ସମାଲୋଚନା 'ଚଉତିଶା', 'ପଞ୍ଚସଖା ଭଜନ', 'ଓଡ଼ିଆ ଉପନ୍ୟାସର ଆଦିପର୍ବ', 'ସାହିତ୍ୟିକ ଲକ୍ଷ୍ମୀ ଓ ସାହିତ୍ୟିକ ସୁତ୍ରଳଦେବଙ୍କ ବ୍ୟକ୍ତିତ୍ୱ', 'ଆଧୁନିକ କବିତା' ଓ 'ଓଡ଼ିଆ ସାହିତ୍ୟର ଦୁର୍ଗତି' ରଚନା କରିଛନ୍ତି । ଦୁଇଟି କାବ୍ୟ ଆଲୋଚନା 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଓ 'ବୌଦ୍ଧାବତାର କାବ୍ୟ' ମଧ୍ୟ ପ୍ରଭାବିତ କଲା ଭଳି କୃତି । ତାଙ୍କ ପ୍ରବନ୍ଧ ରଚନାରେ ଅଛି ଅପୂର୍ବ ବ୍ୟାପ୍ତି ଓ ବହୁବିଧତାର ଅସାମାନ୍ୟ ଝଲକ । ଡ. ଦାଶଙ୍କ ମତରେ 'ଆଧୁନିକତା' ଏକ ତାତ୍କାଳିକ ଶବ୍ଦ । ଏହା ଗତିହୀନ ନୁହେଁ, ବରଂ ଚିରକାଳ ପାଇଁ ଗତିଶୀଳ । ଆଜି ଯାହା ଆଧୁନିକ ବୋଲି ପ୍ରତୀତ ହୁଏ, ଆସନ୍ତାକାଲି ତାହା ହୋଇଯିବ ପୁରୁଣା । ଆଧୁନିକ ସାହିତ୍ୟ ନୂଆ ବୋହୂଟିଏ ପରି ନବୀନ । ଏହି ଆଲୋଚନା ପ୍ରସଙ୍ଗରେ ସେ 'କ୍ଲାସିକ୍' ଓ 'ଆଧୁନିକତା' ମଧ୍ୟରେ ଥିବା ପାର୍ଥକ୍ୟକୁ ସୂଚିତ କରିଛନ୍ତି । ଡ. ଦାଶଙ୍କ ମତରେ ଆଧୁନିକ କବିତା ଠିକ୍ ଆଧୁନିକ ରମଣୀ ଭଳି: "ଆଧୁନିକା ରମଣୀର ଅଳଙ୍କାର ସ୍ୱଚ୍ଛ, କିନ୍ତୁ ରୁଚିସମ୍ପନ୍ନ, ସଂଗତ – ପ୍ରାଚୀନ ପରି ରସିକା ନୁହେଁ, ମାତ୍ର ବିଦଗ୍ଧା ।" (ପୃ. ୩୭୬) ଠିକ୍ ସେହିପରି କାବ୍ୟ କବିତା ସହ ନୈତିକତାର ସମ୍ପର୍କ ବିଷୟରେ ଲେଖି ସେ କହନ୍ତି ଯେ ଜଣେ କବିର ସହଜାତ ଧର୍ମ ହେଲା କଳ୍ପନା ବିଳାସ । ନୀତିଶିକ୍ଷା ଦେବା ତା'ର ପ୍ରାଥମିକ କର୍ତ୍ତବ୍ୟ ନୁହେଁ; "କବି ଶିକ୍ଷକ ହେଲେ କଳାର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯାଏ । ଜଗତରେ ବହୁ କବି ଜନସାଧାରଣଙ୍କୁ ଶିକ୍ଷା ଦେବା ନିମିତ୍ତ ନୀତିପୂର୍ଣ୍ଣ କବିତାମାନ ଲେଖି ଯାଇଛନ୍ତି । କିନ୍ତୁ ସେ କବିତା କେବଳ  ସ୍କୁଲ ଗୃହର କାନ୍ଥମାନଙ୍କରେ ଲେଖା ହୋଇଥାଏ ।" (ସାହିତ୍ୟ, ପୃ. ୪୫) ସବୁଜ କବି ଅନ୍ନଦାଶଙ୍କରଙ୍କ ଦୁର୍ବଳତା ନ ଦେଖାଇ ଶକ୍ତିଶାଳୀ ଦିଗଟିକୁ ସେ ଆବିଷ୍କାର କରିଛନ୍ତି । ନାରୀ ଭିତରେ ଲୁଚି ରହିଥିବା ବିପୁଳ ସମ୍ଭାବନା ହେଉଛି

ପ୍ରଣୟିନୀର ଅସଲ ପରିଚୟ । ଅନ୍ନଦା ଏହା ବ୍ୟକ୍ତ କରିଛନ୍ତି ବୋଲି ଶ୍ରୀ ଦାଶ ମତ ରଖିଛନ୍ତି । ଏଠି ପଳାୟନବାଦ କେବଳ ନୁହେଁ, ବରଂ ପ୍ରେମ ଭିତରେ ନୂତନ ଆବିଷ୍କାର ସବୁଜ କବିର ଚମତ୍କାର ଦିଗ । ଚିନ୍ତାମଣିଙ୍କ 'ସାଳନ୍ଦୀ' କାବ୍ୟ ସହ ରାଧାନାଥଙ୍କ 'ଚିଲିକା' କାବ୍ୟର ତୁଳନାତ୍ମକ ଅଧ୍ୟୟନ ସମାଲୋଚକଙ୍କ ମୌଳିକ ଦୃଷ୍ଟିଭଙ୍ଗୀକୁ ଉନ୍ମୋଚିତ କରିଥାଏ । ସେ ଲେଖନ୍ତି, "ଚିଲିକା ରାଧାନାଥଙ୍କ ଶୈଶବର ସାଥୀ ନୁହେଁ, ବାର୍ଦ୍ଧକ୍ୟର ସେବିକା ନୁହେଁ, ଯୌବନର ସଖୀ ମାତ୍ର (ସଖୀ ପ୍ରାୟେ ତୋତେ ଝୁରୁଥିଲି ନିତି) । ସାଳନ୍ଦୀ ଚିନ୍ତାମଣିଙ୍କ ପଡ଼ୋଶିନୀ, ବାଲ୍ୟ ସହଚରୀ, ଯୌବନର ପ୍ରିୟା, ବାର୍ଦ୍ଧକ୍ୟର ଆଶ୍ୱାସଦାୟିନୀ ।" (ସାହିତ୍ୟ, ପୃ. ୭୪)

କୁଞ୍ଜବିହାରୀ ଦାଶ ଉଭୟ କବି ଓ ସମାଲୋଚକ ହୋଇଥିବାରୁ ତାଙ୍କ ସମାଲୋଚନାମୂଳକ ପ୍ରବନ୍ଧରେ କାବ୍ୟିକ ଶୈଳୀ ସୁସ୍ପଷ୍ଟ ହୋଇଉଠେ । ତାଙ୍କ ମୌଳିକ ଚିନ୍ତାଧାରା, ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ଓ ଅର୍ନ୍ତଦୃଷ୍ଟି ତାଙ୍କୁ ଜଣେ ନିଆରା ସମାଲୋଚକର ପରିଚୟ ଦେଇଥାଏ ।

### ନଟବର ସାମନ୍ତରାୟ (୧୯୧୮)

ସ୍ୱାଧୀନତୋତ୍ତର କାଳର ଜଣେ ବିଶିଷ୍ଟ ସାହିତ୍ୟ ସମାଲୋଚକ ହେଉଛନ୍ତି ନଟବର ସାମନ୍ତରାୟ, ଯିଏ ସାମାଜିକ ଓ ଐତିହାସିକ ଦୃଷ୍ଟିକୋଣରୁ ସାହିତ୍ୟକୃତିର ସମୀକ୍ଷା ଆରମ୍ଭ କଲେ । ତାଙ୍କର ସମାଲୋଚନାମୂଳକ ପ୍ରବନ୍ଧ 'ଯୌନରସ ନା ଶୃଙ୍ଗାରରସ' (୧୯୫୪) ଏକ ପ୍ରତିନିଧିସ୍ଥାନୀୟ ରଚନା, ଯେଉଁଥିରେ ସେ ଉଲ୍ଲେଖ କରନ୍ତି :

> "ଆଲୋଚିତ ପାଞ୍ଚଟି ଉଦାହରଣରେ ପ୍ରେମର ପରିପ୍ରକାଶ ସେଇଠି ଚମତ୍କାର ହୋଇଛି, ଯେଉଁଠି ଧ୍ୱନି ଅଛି; ଅର୍ଥାତ୍ ପ୍ରେମର ପ୍ରକୃତ ବିକାଶ ଧ୍ୱନିମୂଳକ ରଚନାରେ କେବଳ ସମ୍ଭବପର ହୋଇପାରେ । ସେଇ ହେତୁରୁ କେବଳ ପ୍ରେମକଥା ବର୍ଣ୍ଣନା କରିଦେଲେ ଯେ ତାହା ଉଚ୍ଚଦରର କବିତା ହୋଇଯିବ, ତା'ର କିଛି ଅର୍ଥ ନାହିଁ । ପ୍ରେମର ବର୍ଣ୍ଣନା ସେଇଠି ସାର୍ଥକ ହେବ, ଯେଉଁଠି ତାହା ପାଠକ ନିକଟରେ ଏକ ସ୍ୱତନ୍ତ୍ର ରୂପରେ ଆତ୍ମପ୍ରକାଶ କରିବ । ପ୍ରତ୍ୟେକ କାବ୍ୟ କବିତାର ଏଇ ନିର୍ଦ୍ଦିଷ୍ଟ ରୂପ-ସମ୍ବାଦ ହିଁ ତା'ର ସମସ୍ତ ଗୌରବ । ଧ୍ୱନିବାଦ ଅଧ୍ୟୟନ କଲାବେଳେ ଏଥିରେ କବିତାର ଏଇ ରୂପ -ପ୍ରକାଶ ପ୍ରତି ସର୍ବତ୍ର ପ୍ରାଧାନ୍ୟ ଦିଆଯାଇଥିବାର ଦେଖିବାକୁ ମିଳେ ।"

ତେଣୁ ଶ୍ରୀ ସାମନ୍ତରାୟଙ୍କ ମତରେ ପ୍ରେମ କବିତାର ବ୍ୟାଖ୍ୟା 'ଧ୍ୱନି' ତତ୍ତ୍ୱ ଦୃଷ୍ଟିକୋଣରୁ ହେବା ଆବଶ୍ୟକ । ଭାରତୀୟ କାବ୍ୟ ତତ୍ତ୍ୱରେ ଯାହା 'ଧ୍ୱନି' କାବ୍ୟ, ତାହା ଇଂରାଜୀ ନବ୍ୟସମାଲୋଚକମାନେ ମଧ୍ୟ ପ୍ରାଧାନ୍ୟ ଦିଅନ୍ତି କାବ୍ୟର ବ୍ୟଞ୍ଜନା ଦୃଷ୍ଟିକୋଣରୁ । ଏ ବ୍ୟଞ୍ଜନାଧର୍ମୀ କାବ୍ୟଭାଷା ଚିତ୍ରକଳ୍ପ, ବିମ୍ବ, ପ୍ରତୀକ, ବିରୋଧାଭାସ ଓ ଶ୍ଳେଷର ବ୍ୟବହାରକୁ ନେଇ ।

'୧୮୯୭ ସାଲ ଅକ୍ଟୋବର' ତାଙ୍କର ଅନ୍ୟ ଏକ ପ୍ରବନ୍ଧର ନାମକରଣ ଏଥିପାଇଁ ଯେ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡର ମହତ୍ତ୍ୱକୁ ସେ ବିଶେଷ ଦୃଷ୍ଟି ଦିଅନ୍ତି । ବିଶେଷ ଭାବରେ ଏହା ଫକୀରମୋହନଙ୍କ "ଛ'ମାଣ ଆଠଗୁଣ୍ଠ" ପ୍ରଥମ ପରିଚ୍ଛେଦର ପ୍ରକାଶ କାଳ । ଏଥିସହ ପ୍ରତିଫଳିତ ହେଲା ଓଡ଼ିଆ ସାହିତ୍ୟର ଏକ ନୂତନ ସ୍ୱର । 'ଗଙ୍ଗାଧର ସାହିତ୍ୟ ସମୀକ୍ଷା' (୧୯୬୦)ରେ ସେ ଲେଖନ୍ତି, "ଯେଉଁ ସମାଜ ଗଙ୍ଗାଧରଙ୍କୁ ବଞ୍ଚି ରହିବାର ସର୍ବନିମ୍ନ ଅଧିକାରରୁ ବଞ୍ଚିତ କରି ରଖିଥିଲା, ଗଙ୍ଗାଧର ସେଇ ସମାଜ ମୁଖକୁ ଟେକି ଦେଇଛନ୍ତି ଅମିୟ କାବ୍ୟରସ, ଯାହା ଗଙ୍ଗାଧର ପରି ସ୍ୱଚ୍ଛ, ଗଙ୍ଗାଜଳ ପରି ପବିତ୍ର । ସମାଜର ଦାନକୁ ଗଙ୍ଗାଧରଙ୍କ ଏ ପ୍ରତିଦାନ କି ବିଚିତ୍ର, କି ମହୀୟାନ!!! 'ବ୍ୟାସକବି ଫକୀରମୋହନ' (୧୯୬୦), 'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ' (୧୯୬୫) ତାଙ୍କର ଦୁଇଟି ସମୁଜ୍ଜ୍ୱଳ ସୃଷ୍ଟି । ଠିକ୍ ସେହିପରି 'ଓଡ଼ିଆ ସାହିତ୍ୟକୁ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ଦାନ' (୧୯୬୫) ଓ 'ଓଡ଼ିଆ ସାହିତ୍ୟର ଇତିହାସ' (୧୮୦୩-୧୯୨୦) ତାଙ୍କର ଦୁଇଟି ଅବିସ୍ମରଣୀୟ କୃତି । ୧୯୭୪ରୁ ୧୯୮୦ ମଧ୍ୟରେ ସେ ପ୍ରାୟ ତିରିଶଟି ପ୍ରବନ୍ଧ ରଚନା କରିଛନ୍ତି । ତନ୍ମଧ୍ୟରୁ ତେରଟି ସମକାଳ ସାହିତ୍ୟ ଓ ସତରଟି ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଲିଖିତ । 'ଓଡ଼ିଆ ପଲ୍ଲୀ ସାହିତ୍ୟ', 'ସାହିତ୍ୟାଦର୍ଶ' ଓ 'ଓଡ଼ିଆ ବୈଷ୍ଣବ ସାହିତ୍ୟ' ଭଳି ପ୍ରବନ୍ଧ ପୁସ୍ତକ ମଧ୍ୟ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । 'ଔଚିତ୍ୟବାଦ' (୧୯୫୦), 'ଅଳଙ୍କାର ଉତ୍ପତ୍ତିର ଇତିହାସ', 'ଭଞ୍ଜ ସାହିତ୍ୟ ସମାଲୋଚନାର ଏକ ସଂକ୍ଷିପ୍ତ ଇତିହାସ',

'ବିଦଗ୍ଧ ଚିନ୍ତାମଣି' (୧୯୪୯), 'ବୈଷ୍ଣବ ସାହିତ୍ୟ ଆଲୋଚନାର ପ୍ରକୃତ ଦୃଷ୍ଟିକୋଣ' (୧୯୫୦), 'ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଗୌଡ଼ୀୟ ବୈଷ୍ଣବ ଧର୍ମଦର୍ଶନର ପ୍ରଭାବ' (୧୯୫୫), 'କବି ବନମାଳୀ' (୧୯୫୫) ଓ 'ବୈଷ୍ଣବ ସାହିତ୍ୟର କଥାବସ୍ତୁ' ଭଳି ଉଚ୍ଚକୋଟୀର ପ୍ରବନ୍ଧ ପ୍ରମାଣିତ କରେ ଯେ ବୈଷ୍ଣବ ଦର୍ଶନାଶ୍ରିତ ଓଡ଼ିଆ ସାହିତ୍ୟ ଆଲୋଚନା ଗବେଷଣାତ୍ମକ ଦୃଷ୍ଟିରୁ କରିବାରେ ସେ ଅପୂର୍ବ ସଫଳତା ହାସଲ କରିଛନ୍ତି । ସେହିପରି 'ରାଧାନାଥ ସାହିତ୍ୟରେ ନାରୀ ଚରିତ୍ର' (୧୯୫୦), 'କବି ଗୋପବନ୍ଧୁ' (୧୯୫୧), 'ମାତ୍ରାବୃତ୍ତ ଛନ୍ଦ ଓ ଓଡ଼ିଆ କବିତା' (୧୯୫୩), 'ଫକୀରମୋହନଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ' (୧୯୫୬), 'ପେଟେଣ୍ଟ ମେଡ଼ିସିନ୍ : ଏକ ଅଧ୍ୟୟନ' (୧୯୭୭), 'ଫକୀରମୋହନଙ୍କ ଉପନ୍ୟାସର ଗଦ୍ୟରୀତି' (୧୯୫୬), 'ଚନ୍ଦ୍ରଭାଗା' (୧୯୫୦), 'ଦରବାର' (୧୯୫୮) ଓ 'ରାଧାନାଥ ସମାଲୋଚନାର ଆଦିସ୍ୱରୂପ' (୧୯୫୭) ଆଦି ଅନେକ ଉପାଦେୟ ସମାଲୋଚନାମୂଳକ ପ୍ରବନ୍ଧ ରଚନା ମାଧ୍ୟମରେ ସେ ଓଡ଼ିଆ ସମାଲୋଚନାକୁ ପରିପୁଷ୍ଟ କରିପାରିଛନ୍ତି ।

### ଗୌରୀକୁମାର ବ୍ରହ୍ମା (୧୯୨୦)

ବିଶେଷ ଭାବରେ କବି ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତା ଅନୁଶୀଳନରେ ତାଙ୍କ ସମାଲୋଚକୀୟ ଦୃଷ୍ଟି ନିବଦ୍ଧ । ସଂସ୍କୃତ ଭାଷାରେ ଅପୂର୍ବ ପାଣ୍ଡିତ୍ୟ ଥିବା ଯୋଗୁଁ ସେହି କାବ୍ୟତତ୍ତ୍ୱ ଆଧାରରେ ତାଙ୍କର ସମାଲୋଚନା ପ୍ରସ୍ତୁତ ହୋଇଛି, 'ସଂସ୍କୃତି ଓ ସାହିତ୍ୟ', 'ଭଞ୍ଜ ଭୂମିକା' ଓ 'ଅଳଙ୍କାର ସାହିତ୍ୟର କ୍ରମବିକାଶ' ପ୍ରଭୃତି ସୃଷ୍ଟି ତାଙ୍କର ବିଦ୍‌ବତ୍ତାର ପରିଚାୟକ ।

### ଡ. ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) (୧୯୨୦)

'ଓଡ଼ିଆ ଗୀତିକାବ୍ୟ' ତାଙ୍କର ଏକ ଦୃଷ୍ଟି ଆକର୍ଷଣକାରୀ ସୃଷ୍ଟି, ଯାହା ବସ୍ତୁତଃ ଥିଲା ତାଙ୍କର ପି.ଏଚ୍‌ଡ଼ି ସନ୍ଦର୍ଭ । 'ଓଡ଼ିଆ ସାହିତ୍ୟ ପରିକ୍ରମା', 'ସୃଷ୍ଟି ଓ ସମୀକ୍ଷା' ଓ 'ଆଧୁନିକ ଓଡ଼ିଆ ସାହିତ୍ୟ' ତାଙ୍କର କେତୋଟି ସମାଲୋଚନାମୂଳକ ରଚନା ପାଇଁ ସେ ସ୍ମରଣୀୟ ।

### ଗଙ୍ଗାଧର ବଳ (୧୯୨୭)

ଅଳଙ୍କାର ଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ଥିଲା । ତୁଳନାତ୍ମକ ଆଲୋଚନା ତାଙ୍କର ସମାଲୋଚକୀୟ ପଦ୍ଧତି । 'ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟବଲ୍ଲରୀ', 'ତପସ୍ୱିନୀ ଓ ସୀତା ବନବାସ' ଆଦି ତାଙ୍କର ତୁଳନାତ୍ମକ ଦୃଷ୍ଟିକୋଣ ସମ୍ପନ୍ନ କୃତି । ସାହିତ୍ୟ ସମୀକ୍ଷା ମୂଳକ ଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ ତାଙ୍କର 'ସାହିତ୍ୟାଲୋକ', 'ସାହିତ୍ୟ ଆଲୋଚନା', 'ସାହିତ୍ୟ ଜିଜ୍ଞାସା', 'କବିବର ରାଧାନାଥ ଓ ଉଷା', 'ମେହେର ସୃଷ୍ଟି ସମୀକ୍ଷା', 'ବୈଷ୍ଣବ ସାହିତ୍ୟର ତାତ୍ତ୍ୱିକ ଭୂମିକା', 'ସାହିତ୍ୟ ସମାଲୋଚନାର ଶାସ୍ତ୍ରୀୟ ଭୂମିକା', 'ସାହିତ୍ୟିକ ବିଚାର ବିମର୍ଶ', "ଗୋପାଳକୃଷ୍ଣ ସୃଷ୍ଟି ସମୀକ୍ଷା', 'ସାହିତ୍ୟ ତତ୍ତ୍ୱ ଓ ସାହିତ୍ୟ ସମୀକ୍ଷା', 'ରୀତିକାବ୍ୟ ସମ୍ପର୍କରେ' ଓ 'ଉପେନ୍ଦ୍ର ଭଞ୍ଜ' ଆଦି ଅନେକ କୃତି ।

### ପଠାଣି ପଟ୍ଟନାୟକ (୧୯୨୮)

ସ୍ୱାଧୀନତୋତ୍ତର କାଳର ଓଡ଼ିଆ ଉପନ୍ୟାସର କ୍ରମବିକାଶ ସମ୍ପର୍କରେ ତାଙ୍କର ମତାମତ ଖୁବ୍ ଉଚ୍ଚକୋଟୀର । 'ଓଡ଼ିଆ ସାହିତ୍ୟର ଭୂମିକା', 'ପ୍ରବନ୍ଧ ଓ ସମାଲୋଚନା', 'ସାହିତ୍ୟ ବିଚାର' ଓ 'ସାହିତ୍ୟ ପରିକ୍ରମା' ତାଙ୍କର ସ୍ମରଣୀୟ କୃତି । ତାଙ୍କ ବହୁଳ ଉଦ୍ୟମରେ 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ' ପ୍ରକାଶିତ, ଯାହା ଛାତ୍ର ଓ ଗବେଷକମାନଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିଛି । ତାଙ୍କର 'ସାହିତ୍ୟ ସମାଲୋଚନା' (୧୯୯୩), 'ସାହିତ୍ୟ ମନୀଷା' (୧୯୯୮), 'ସାହିତ୍ୟ ଅନ୍ୱେଷା' (୧୯୯୯), 'ସ୍ରଷ୍ଟା, ସୃଷ୍ଟି ଓ ସୌନ୍ଦର୍ଯ୍ୟ' (୨୦୦୧) ଖୁବ୍ ଉଚ୍ଚମାନର ସମାଲୋଚକୀୟ କୃତି । ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ଗଙ୍ଗାଧର ସାହିତ୍ୟ ଓ ତପସ୍ୱିନୀ' (୧୯୭୨), 'କବି ମନୀଷୀ ନୀଳକଣ୍ଠ' (୧୯୮୪), 'ସାରଳା ଦାସ' (୧୯୯୫), 'ସାହିତ୍ୟରେ ରହସ୍ୟବାଦ' (୧୯୬୨), 'ରସକଲ୍ଲୋଳ' (୧୯୭୩), 'ବିଦଗ୍ଧ ଚିନ୍ତାମଣି' (୧୯୭୩), 'ଲାବଣ୍ୟବତୀ' (୧୯୭୮) ଓ 'ପ୍ରଣୟବଲ୍ଲରୀ' (୧୯୭୮) ।

### ଡ. ଗୋପାଳ ଚନ୍ଦ୍ର ମିଶ୍ର (୧୯୦୫)

ମୂଳତଃ ସେ ଜଣେ କବି ହୋଇଥିଲେ ହେଁ ତାଙ୍କର 'ଆଧୁନିକ ସାହିତ୍ୟର ଗତିପଥ' ଓ 'ଚଳିତ ଶତାବ୍ଦୀର ଭାରତୀୟ ସାହିତ୍ୟ' ତାଙ୍କର ଉଲ୍ଲେଖନୀୟ ସମାଲୋଚନାମୂଳକ କୃତି ।

### ଡ. ନରେନ୍ଦ୍ର ନାଥ ମିଶ୍ର (୧୯୨୯)

ତାଙ୍କର ସମାଲୋଚନା ପୁସ୍ତକ 'ବଳରାମ ଦାସ ଓ ଓଡ଼ିଆ ରାମାୟଣ', 'ଶୈଳ ଓ ସୀମାନ୍ତ', 'ଆଧୁନିକତା ଓ ଆଧୁନିକ ସାହିତ୍ୟ' ତାଙ୍କୁ ଜଣେ କୃତବିଦ୍ୟ ସମାଲୋଚକ ଭାବରେ ପରିଚୟ ଦେଇଛି । ତାଙ୍କର ସନ୍ଦର୍ଭ ଆଧୁନିକ ଓଡ଼ିଆ କାବ୍ୟଧାରା ସମ୍ପର୍କରେ ରଚିତ, ଯେଉଁଥିପାଇଁ ସେ ବିଶ୍ୱଭାରତୀଦ୍ୱାରା ସମ୍ମାନିତ ହୋଇଛନ୍ତି ।

### ବେଣୀମାଧବ ପାଢ଼ୀ (୧୯୦୯-୨୦୦୬)

ଡ. ବେଣୀମାଧବ ପାଢ଼ୀ କେବଳ ଜଣେ ଗବେଷକ ଓ ସମାଲୋଚକ ନ ଥିଲେ, ବରଂ ଏକାଧାରରେ ସେ ଥିଲେ ଜଣେ କବି, ନାଟ୍ୟକାର, ଔପନ୍ୟାସିକ, ଆତ୍ମଜୀବନୀକାର, ଅନୁବାଦକ ଓ ଭାଷାତତ୍ତ୍ୱବିତ୍ । 'ଓଡ଼ିଆ ଭାଷାର ରୂପତତ୍ତ୍ୱ' ତାଙ୍କର ଏକ ପ୍ରାମାଣିକ ଗ୍ରନ୍ଥ । 'ସନ୍ଧାନ ଓ ସମୀକ୍ଷା' ଓ 'ଭଞ୍ଜୀୟ କାବ୍ୟ ଭାବନା' ତାଙ୍କର ଦୁଇଟି ଉଚ୍ଚମାନର ସମାଲୋଚନା ଗ୍ରନ୍ଥ ।

### ଚିତ୍ତରଞ୍ଜନ ଦାସ

ଜଣେ ପ୍ରଥିତଯଶା ପ୍ରାବନ୍ଧିକ ଭାବରେ ସେ ସୁପରିଚିତ ଓ ତାଙ୍କର ବିଶେଷ ପ୍ରସିଦ୍ଧି ଲାଭ କରିଥିବା ପ୍ରବନ୍ଧ ପୁସ୍ତକ ହେଲା 'କେତେ ଦିଗନ୍ତ', 'ତରଙ୍ଗ ଓ ତଡ଼ିତ୍', 'ମା ନିଷାଦ', 'ଏକଲବ୍ୟ କଥା ଓ ଅନ୍ୟାନ୍ୟ ପ୍ରବନ୍ଧ', 'ଜାତିରେ ମୁଁ ଯବନ', 'ଶିକ୍ଷାରୁ ସଂକ୍ରମଣ', 'ସଂସ୍କୃତି ଓ ଓଡ଼ିଶା', 'ନଖ ଦର୍ପଣେନ', 'ଅରଣ୍ୟ ରଚନା', 'ଓଡ଼ିଶା ଓ ଓଡ଼ିଆ', 'ସାହିତ୍ୟ ଓ', 'ଜାଣିବା ଓ ବୁଝିବା' ଓ 'ବିଶ୍ୱକୁ ଗବାକ୍ଷ' । ଏତଦ୍‌ବ୍ୟତୀତ 'ସନ୍ଥ (ଭକ୍ତି) ସାହିତ୍ୟ' ଏକ ପ୍ରାମାଣିକ ଗ୍ରନ୍ଥ, ଯାହା ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ । ସେହିପରି 'ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା' ଓ "ଓଡ଼ିଆ ସାହିତ୍ୟର ଇତିହାସ : ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି" ତାଙ୍କର ଦୁଇଟି ବିଶିଷ୍ଟ ସମାଲୋଚନା ଗ୍ରନ୍ଥ ।

### ଚିନ୍ତାମଣି ବେହେରା

ସେ ଥିଲେ କବି ଓ ସାହିତ୍ୟ ସମାଲୋଚକ । ଜଣେ କବି ହୋଇଥିବାରୁ ସମାଲୋଚନାମୂଳକ ରଚନାରେ ତାଙ୍କ ସୃଜନଶୀଳତା ଆମ ଦୃଷ୍ଟିକୁ ଆସିଥାଏ । ଅନ୍ୱେଷା ଓ ବିଶ୍ଳେଷଣାତ୍ମକ ଶୈଳୀ ତାଙ୍କ ସମାଲୋଚନା ସାହିତ୍ୟର ବିଶିଷ୍ଟ ଲକ୍ଷଣ । 'କାବ୍ୟ ଓ କଳାକାର' ଓ 'କବି-ସମ୍ରାଟ' ତାଙ୍କର ଦୁଇଟି ଉଲ୍ଲେଖନୀୟ ସମାଲୋଚନାମୂଳକ ଗ୍ରନ୍ଥ ।

### ଦାଶରଥି ପ୍ରସାଦ ଦାସ (୧୯୩୭)

ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଦାଶରଥି ଦାସ ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଏକାଧାରରେ ବହୁପାଠୀ, ପ୍ରାଜ୍ଞ, ଅନ୍ତର୍ଦୃଷ୍ଟିସମ୍ପନ୍ନ, ଶାସ୍ତ୍ରଜ୍ଞ ଓ ସୂକ୍ଷ୍ମଦର୍ଶୀ । ତାଙ୍କ ସମାଲୋଚକୀୟ କୃତି ହିଁ ତାଙ୍କ ଅଧ୍ୟୟନ, ଅବଗାହନର ବ୍ୟାପ୍ତି ଓ ମନନଶୀଳତାର ପରିଚୟ ଦେଇଥାଏ । ତାଙ୍କର ସମାଲୋଚନା ଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ 'କାବ୍ୟସମ୍ବାଦ' (୧୯୬୭), 'ଆଧୁନିକ କାବ୍ୟଜିଜ୍ଞାସା : ଚିତ୍ରକଳ୍ପ' (୧୯୭୪), 'ସାହିତ୍ୟ ସଂଧାନ' (୧୯୭୫), 'କବିସୂର୍ଯ୍ୟ କାବ୍ୟବିଭା' (୧୯୭୮), 'ମୃତ୍ୟୁଲୋକରେ ଋତୁସପ୍ତମ' (୧୯୭୯), 'ବିବିଧ ସମାଲୋଚନା' (୧୯୮୧), 'ଚିହ୍ନା ମାଟି ଅଚିହ୍ନା ଆକାଶ' (୧୯୮୭), 'ନାନା ନିବନ୍ଧ' (୧୯୯୨), 'ବିବିଧ ପ୍ରସ୍ତାବ' (୧୯୯୩), 'ସାହିତ୍ୟ ବିବେକ' (୧୯୯୬) ଓ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' (୨୦୧୫) । ସଂସ୍କୃତ କାବ୍ୟ ତତ୍ତ୍ୱ ସମ୍ପର୍କରେ ଅଗାଧ ଜ୍ଞାନ ପ୍ରାପ୍ତ ହେବା ତାଙ୍କ ପାଇଁ ଏକ ବରଦାନ, କାରଣ କାବ୍ୟାର୍ଥ ନିରୂପଣରେ ଏହା ତାଙ୍କ ପାଇଁ ଖୁବ୍ ସହାୟକ ହୋଇଛି ।

ଏତଦ୍‌ବ୍ୟତୀତ ପାଶ୍ଚାତ୍ୟ ସମାଲୋଚନାରେ ମଧ୍ୟ ତାଙ୍କର ରୁଚିଥିବା ସମ୍ପର୍କରେ ସେ ସ୍ପଷ୍ଟୋକ୍ତି ଦେଇ କହନ୍ତି, "ମୁଁ ମୁଖ୍ୟତଃ "The New Criticism, The Archetypal Criticism ଓ Psycho-analytic Criticism ଆଦି ପଦ୍ଧତିକୁ ଅନୁସରଣ କରିଥାଏ । ଅଧିକନ୍ତୁ ଭାମହ, କୁନ୍ତକ ଓ ଆନନ୍ଦ ବର୍ଦ୍ଧନଙ୍କୁ ମଧ୍ୟ ଅନୁସରଣ କରିଥାଏ । ସାହିତ୍ୟର ଭାଷା ବକ୍ରୋକ୍ତି ଓ ବ୍ୟଞ୍ଜନାତ୍ମକ ।" (ସାପ୍ତାହିକ ସମାଜ)

### ନିତ୍ୟାନନ୍ଦ ଶତପଥୀ

ସ୍ୱାଧୀନତା ପରବର୍ତ୍ତୀ ମୂର୍ଦ୍ଧନ୍ୟ ସାହିତ୍ୟ ସମାଲୋଚକଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ପ୍ରଫେସର ନିତ୍ୟାନନ୍ଦ ଶତପଥୀ । ତାଙ୍କ ସମାଲୋଚନାରେ ଅଛି ଗଭୀର ମନନଶୀଳତା, ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ଓ ନିରପେକ୍ଷ ଆକଳନ । ତାଙ୍କର ବହୁ ଚର୍ଚ୍ଚିତ ସମାଲୋଚନାମୂଳକ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ସବୁଜରୁ ସାମ୍ପ୍ରତିକ' (୧୯୭୯), 'ଚଳିତ ଶତାବ୍ଦୀର ଓଡ଼ିଆ କବିତା' (୧୯୭୮), 'ଆଧୁନିକ ଓଡ଼ିଆ କବିତାର ଇସ୍ତାହାର'(୧୯୭୯), 'ପ୍ରମୁଖ କବି କତିପୟ' (୧୯୮୫), 'କାବ୍ୟ ପ୍ରକରଣ' (୧୯୯୩) ଓ 'ସାରଳାରୁ ସମ୍ପ୍ରତି' (୧୯୯୭), ଜଣେ ସମାଲୋଚକ ଭାବରେ ତାଙ୍କର ମୌଳିକ ଦୃଷ୍ଟିଭଙ୍ଗୀ, ସ୍ୱଚ୍ଛ ବିଚାରଧାରା ଓ ସ୍ପଷ୍ଟ କାବ୍ୟବୋଧ ବାରି ହୋଇ ଜଣାପଡ଼େ । ମତାମତରେ ମଧ୍ୟ ଖୁବ୍ ନିରପେକ୍ଷ ଓ ଆଧୁନିକ ଚେତନାର ଗଭୀରତାକୁ ସେ ପ୍ରବେଶ କରିବାର ସାମର୍ଥ୍ୟ ରଖନ୍ତି ।

ଉଦାହରଣ ସ୍ୱରୂପ, 'ସବୁଜରୁ ସାମ୍ପ୍ରତିକ' ପୁସ୍ତକରେ ସେ ମତ ଦିଅନ୍ତି, 'ସବୁଜ ଏକ ଯୁଗ ନୁହେଁ ଯୁଗାଭାସ' ଓ 'ଏହି ସମୟର (୧୯୨୦-୩୫) କବିତା' ସୃଷ୍ଟି ଯେତିକି ପରିମାଣରେ ପୂର୍ବବର୍ତ୍ତୀ ସତ୍ୟବାଦୀ ଯୁଗର ସ୍ୱାକ୍ଷରରେ ସମୃଦ୍ଧ, ସେତିକି ପରିମାଣରେ ନୂତନ ଭାବଧାରାରେ ମଣ୍ଡିତ ମଧ୍ୟ । କିନ୍ତୁ ସବୁଜ ଭାବେ ଯେଉଁ ଭାବଧାରାଟି ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ଅନୁପ୍ରବେଶ କରିଛି, ତାହା ଭାବପ୍ରବାଣତା, ଅନୁସରଣ ଓ ପ୍ରତିଫଳନ ବ୍ୟତୀତ ଅନ୍ୟ କୌଣସି ମୌଳିକ ସୃଷ୍ଟିର ଅନ୍ୟାନ୍ୟ ସ୍ୱାକ୍ଷର ଦେଇ ପାରି ନାହିଁ । ସବୁଜ ଏକ ଖଣ୍ଡିତ ଓ ସୀମିତ ସାହିତ୍ୟିକ ଚେତନା ।" (ସବୁଜରୁ ସାମ୍ପ୍ରତିକ, ମୁଖଶାଳା)

### ସୁଦର୍ଶନ ଆଚାର୍ଯ୍ୟ

ଡ. ଆଚାର୍ଯ୍ୟ ଜଣେ ବିଶିଷ୍ଟ ଗବେଷକ, ସାହିତ୍ୟ ସମୀକ୍ଷକ ଓ ସମ୍ପାଦକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ପ୍ରକାଶିତ କୃତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ 'ସାହିତ୍ୟ ଓ ସାହିତ୍ୟିକ' (୧୯୬୮), 'ସ୍ରଷ୍ଟା ଓ ସୃଷ୍ଟି' (୧୯୭୨) ଓ 'ଓଡ଼ିଆ କାବ୍ୟ କୌଶଳ' (୧୯୮୩) । ସାହିତ୍ୟ ସମାଲୋଚନା ପରମ୍ପରାରେ ଡ. ନଟବର ସାମନ୍ତରାୟ ଯେଉଁ ଧାରାଟିଏ ପ୍ରତିଷ୍ଠା କଲେ, ତା'ର ସମ୍ପ୍ରସାରଣ ଓ ସମ୍ବର୍ଦ୍ଧନ ଦିଗରେ ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ବିଶେଷ ଭୂମିକା ରହିଛି, ଏଥିରେ ଦ୍ୱିମତ ନାହିଁ ।

### ଗଗନେନ୍ଦ୍ର ନାଥ ଦାଶ

ଡ. ଗଗନେନ୍ଦ୍ର ନାଥ ଦାଶ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ନିବନ୍ଧମାନ ପ୍ରସ୍ତୁତ କରିଛନ୍ତି । ଜଣେ ଭାଷାବିତ୍, ଗବେଷକ ତଥା ସମୀକ୍ଷକ ଭାବେ ପ୍ରଥିତଯଶା । ତାଙ୍କର ଅନେକ ରଚନା ମଧ୍ୟରେ ଆମ ବିଶେଷ ଦୃଷ୍ଟିକୁ ଆସିଥାଏ 'ଶାରଳା ମହାଭାରତ ଓ ଇତିହାସ' (୧୯୯୮), 'ସାହିତ୍ୟ ସମାଲୋଚନାରେ ଭାଷା ବିଜ୍ଞାନର ଭୂମିକା : କପଟପାଶା' (୧୯୮୯), 'ସାମ୍ପ୍ରତିକ ସାହିତ୍ୟ ସମାଲୋଚନାରେ ଭାବପ୍ରବଣତା' (୧୯୯୭), 'ଫକୀରମୋହନଙ୍କ ଗଦ୍ୟରୀତି ଓ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' (୧୯୯୧, ୯୨), 'ଲଛମା ଓ ଲଛମନିଆ' (୧୯୯୭), 'ଫକୀରମୋହନଙ୍କ ଉପନ୍ୟାସ ଓ ଗଳ୍ପର ସାମାଜିକ ଆଭିମୁଖ୍ୟ' (୧୯୯୭) ।

### ବୈଷ୍ଣବ ଚରଣ ସାମଲ

ପ୍ରଫେସର ବୈଷ୍ଣବ ଚରଣ ସାମଲ ଜଣେ ବିଦଗ୍ଧ ସାହିତ୍ୟ ସମାଲୋଚକ ଓ ନିରବଚ୍ଛିନ୍ନ ଭାବରେ ସେ ସାରସ୍ୱତ ସାଧନାରତ । ତାଙ୍କର ସେଇ ସାଧନାର ଫଳଶ୍ରୁତି ଭାବରେ ପ୍ରକାଶ ପାଇଛି ବହୁ ସ୍ମରଣୀୟ କୃତି : 'ସୃଷ୍ଟି ଓ ଦିଗନ୍ତ' (୧୯୮୧),

'ସାହିତ୍ୟ ସମ୍ବାଦ' (୧୯୮୧), 'ସମାଲୋଚନା : ମଧୁପର୍କ' (୧୯୮୩), 'ସମାଲୋଚନା : ପଞ୍ଚଜନ୍ୟ' (୧୯୮୫), 'ଓଡ଼ିଶା ପ୍ରାଚୀନ ସାହିତ୍ୟ' (୧୯୮୯), 'ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ', ପ୍ରଥମ ଭାଗ (୧୯୯୦) ଓ ଦ୍ୱିତୀୟ ଭାଗ (୧୯୯୦), 'ସମାଲୋଚନା : ସ୍ୱର ଓ ସ୍ୱାକ୍ଷର' (୧୯୯୦), 'ଓଡ଼ିଆ କାବ୍ୟ କବିତାର ଧରା ଓ ଧାରା' (୧୯୯୦), 'ଗଣକବି ସାହିତ୍ୟ ସମୀକ୍ଷା' (୧୯୯୧) ଓ 'ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ' (୧୯୯୫) ।

**ହରପ୍ରସାଦ ଦାସ**

ମୂଳତଃ ଜଣେ କବି ଏବଂ ଖୁବ୍ ପ୍ରଭାବଶାଳୀ କବି, ମାତ୍ର ସେ ଏକାଧାରରେ ସମାଲୋଚକ ଓ ଚିନ୍ତକ । ତାଙ୍କ ସମାଲୋଚନା ପୁସ୍ତକ 'ଆଧୁନିକତାର ପରମ୍ପରା' (୧୯୯୫) ଓ 'ଆଧୁନିକତାର ସକାଳ' (୧୯୯୭) ଦୁଇଟି ଭିନ୍ନ ଧରଣର ଗ୍ରନ୍ଥ । ଏଥିପାଇଁ ଯେ ଶ୍ରୀ ଦାସଙ୍କ ସମାଲୋଚନାର ଧାରା ଅନ୍ୟମାନଙ୍କଠାରୁ ପୃଥକ୍ । ତାଙ୍କ ସମାଲୋଚକୀୟ ପଦ୍ଧତିରେ ଅଛି କାବ୍ୟ କବିତାର ସୃଜନଶୀଳ ବ୍ୟାଖ୍ୟା, ପ୍ରଜ୍ଞା ସମ୍ପନ୍ନତା ତଥା ଗଭୀର ଅନ୍ତର୍ଦୃଷ୍ଟି । କାବ୍ୟିକ ଅନୁଭବକୁ ସେ ନିଜ ଢଙ୍ଗରେ ଏକ ନବନିର୍ମାଣର ରୂପରେଖ ପ୍ରଦାନ କରିପାରନ୍ତି । 'ଆଧୁନିକତାର ପରମ୍ପରା' ପୁସ୍ତକକୁ ଏକ ଓଡ଼ିଆ କାବ୍ୟ ଇତିହାସ ଦୃଷ୍ଟିରେ ସେ ଦେଖନ୍ତି । କାବ୍ୟିକ ଯୁକ୍ତି ଓ ପ୍ରଚଣ୍ଡ କଳ୍ପନାଶକ୍ତିର ବିନିଯୋଗରେ କାବ୍ୟ ବ୍ୟାଖ୍ୟା କରିବାଦ୍ୱାରା ନୂତନ ପ୍ରକାରର ସମାଲୋଚନା ଶୈଳୀଟିଏ ସେ ସୃଷ୍ଟି କରିପାରନ୍ତି ।

ଅନ୍ୟ ଯେଉଁମାନଙ୍କ ରଚନାରେ ସ୍ୱାଧୀନତା ପରବର୍ତ୍ତୀ ସମାଲୋଚନା ସାହିତ୍ୟ ସମୃଦ୍ଧ ଓ ପରିପୁଷ୍ଟ, ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରଫୁଲ୍ଲ ମହାନ୍ତି, ମଧୁସୂଦନ ପତି, ଧନେଶ୍ୱର ମହାପାତ୍ର, ଖଗେଶ୍ୱର ମହାପାତ୍ର, ଅସିତ କବି, ଦେବେନ୍ଦ୍ର ମହାନ୍ତି, ନଗେନ୍ଦ୍ର ନାଥ ପ୍ରଧାନ, କ୍ଷେତ୍ରବାସୀ ନାୟକ, କାହ୍ନୁଚରଣ ମିଶ୍ର, କୃଷ୍ଣଚରଣ ବେହେରା, ରତ୍ନାକର ଚଇନି, ଶରତ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, ନୀଳମଣି ମିଶ୍ର, ଆଦିକନ୍ଦ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ନାଥ ଦାଶ, ଗୌରାଙ୍ଗ ଚରଣ ଦାଶ, କୁମୁଦ ଚନ୍ଦ୍ର ଦାଶ, ପ୍ରସନ୍ନ କୁମାର ସ୍ୱାଇଁ, ସନ୍ତୋଷ କୁମାର ତ୍ରିପାଠୀ, ଦିଲୀପ କୁମାର ସ୍ୱାଇଁ ଓ ଆହୁରି ଅନେକ ।

ଏହି ଲେଖକର ମଧ୍ୟ ଏଯାବତ୍ ପାଞ୍ଚଖଣ୍ଡ ସମାଲୋଚନା ପୁସ୍ତକ ପ୍ରକାଶିତ : 'ସାହିତ୍ୟ ସମାଲୋଚନା : ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ (ପ୍ରଥମ ଓ ଦ୍ୱିତୀୟ ଭାଗ)', 'କବି ବିନୋଦ ଚନ୍ଦ୍ର ନାୟକଙ୍କ କାବ୍ୟକଳା ଓ ଜୀବନ ଦୃଷ୍ଟି', 'ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ : ଭିନ୍ନ ଦୃଷ୍ଟି ଭିନ୍ନ ବ୍ୟାଖ୍ୟା' ଓ 'ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ' ।

**॥ ଚାରି ॥**

ଦାଶରଥି ଦାସଙ୍କ ପରି ତାତ୍ତ୍ୱିକ-ସମାଲୋଚକ, ନଟବର ସାମନ୍ତରାୟଙ୍କ ପରି ଗବେଷକ-ସମାଲୋଚକ (Scholar - Critic) ଓ ମାୟାଧର ମାନସିଂହଙ୍କ ପରି କବି-ସମାଲୋଚକ (Poet-Critic)ଙ୍କ ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟ ସମାଲୋଚନାକୁ ଉଲ୍ଲେଖନୀୟ ଅବଦାନ ରହିଛି । ତଥାପି ସମ୍ପ୍ରତି ଓଡ଼ିଆ ସାହିତ୍ୟ ସମାଲୋଚନାକୁ ଆହୁରି ବେଶି ସମୃଦ୍ଧ ଓ ବିଶ୍ୱସ୍ତରୀୟ କରିବା ପାଇଁ ଆଲୋଚନା ତତ୍ତ୍ୱାଶ୍ରିତ ହେବା ବାଞ୍ଛନୀୟ । ତାହା ଭାରତୀୟ ସାହିତ୍ୟ ତତ୍ତ୍ୱ ହେଉ ଅଥବା ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ ହେଉ, ଏହି ଆଧାରରେ ସମାଲୋଚନାମୂଳକ ପ୍ରବନ୍ଧ ରଚନା କରିବାକୁ ହେଲେ କିଛି ନିର୍ଦ୍ଦିଷ୍ଟ ପଦ୍ଧତି ଅବଲମ୍ବନ କରିବା ଆବଶ୍ୟକ । ସେଗୁଡ଼ିକ ହେଲା ତୁଳନାତ୍ମକ ଓ ବିଶ୍ଳେଷଣାତ୍ମକ ସମାଲୋଚନା, ନାରୀବାଦ ଅଥବା ମାର୍କସବାଦ, ବିଗଠନବାଦ ଅଥବା ନବ୍ୟ ଇତିହାସବାଦ ଆଧାରିତ ସମାଲୋଚକୀୟ ପଦ୍ଧତି ଓ ପ୍ରାୟୋଗିକ ଆଲୋଚନା । ଏତଦ୍‌ବ୍ୟତୀତ କୃତିର ପୁଙ୍ଖାନୁପୁଙ୍ଖ ତର୍ଜମା (close reading of the text) ଏକ ଉପାଦେୟ ତଥା ସ୍ୱୀକୃତ ପଦ୍ଧତି । ଭାଷାର କ୍ରମବିକାଶ ଓ ସାହିତ୍ୟର ଇତିହାସ ଅଧ୍ୟୟନର ଗୁରୁତ୍ୱ ଏଥିପାଇଁ ଖୁବ୍ ବେଶି । ସାହତ୍ୟ ସମାଲୋଚନା ବହୁ କଷ୍ଟଲବ୍ଧ ରଚନା । ସମାଲୋଚକକୁ ବହୁପାଠୀ ତଥା ପ୍ରଜ୍ଞାବାନ୍ ହେବା ସହ ଯୁକ୍ତିନିଷ୍ଠ ହେବା ଆବଶ୍ୟକ । ଶ୍ରମବିମୁଖ ଓ ଅଧ୍ୟୟନବିମୁଖ ହୋଇ ଉପରଠାଉରିଆ ଭାବରେ ପ୍ରବନ୍ଧ ଲେଖି ତାକୁ ପ୍ରକାଶ କଲେ, ତା'ର ସ୍ଥାୟିତ୍ୱ ତଥା ପ୍ରାସଙ୍ଗିକତା ନ ଥାଏ । ଉଭୟ ଗବେଷକ ତଥା ସମାଲୋଚକ (Scholar - Critic) ହେବା ଆହୁରି ଏକ କଷ୍ଟକର ଆହ୍ୱାନ । ଏଥିପାଇଁ ନିରବଚ୍ଛିନ୍ନ ଭାବରେ ଜଣକୁ ସାରସ୍ୱତ ସାଧନା କରିବାକୁ ପଡ଼ିଥାଏ । ଏତଦ୍‌ବ୍ୟତୀତ ସମାଲୋଚନାକୁ

ସୃଜନଧର୍ମୀ କରିବାକୁ ହେଲେ ଜଣେ ସମାଲୋଚକକୁ ସାହିତ୍ୟିକର ଅନ୍ତର୍ଜଗତକୁ ପ୍ରବେଶ କରିବାକୁ ପଡ଼ିଥାଏ । ଟି.ଏସ୍. ଏଲିଅଟ୍ ଏକଦା କହିଥିଲେ, "The critical activity finds its highest, its true fulfilment in a kind of unison with creation, in the labour of the artist." ନିଜେ ଏଲିଅଟ୍ କହନ୍ତି ଯେ ତାଙ୍କର ସମାଲୋଚନାମୂଳକ ଲେଖା ତାଙ୍କ ସୃଜନ ଜଗତରୁ ଉଦ୍ଭବ । ସାହିତ୍ୟକୃତିର ପୂର୍ଣ୍ଣାଙ୍ଗ ଅବବୋଧ ପାଇଁ ସୃଜନଶୀଳତା ପ୍ରତି ରୁଚି ଓ ଗଭୀର ବୋଧଜ୍ଞାନର ଆବଶ୍ୟକତା ରହିଛି । ସୃଜନଜନିତ ଯେଉଁ କଷ୍ଟ ଜଣେ ସାହିତ୍ୟିକ ଭୋଗିଛି, ସେ କଷ୍ଟକୁ ପୁନର୍ବାର ଭୋଗିବା ପାଇଁ ସମାଲୋଚକର ମାନସିକ ପ୍ରସ୍ତୁତି ଆବଶ୍ୟକ । ସୃଷ୍ଟି ଜଗତର ରହସ୍ୟମୟତା, ସୃଜନଶୀଳ ଚିତ୍ତବୃତ୍ତିର ଜଟିଳ ମନସ୍ତାତ୍ତ୍ୱିକ ପ୍ରକ୍ରିୟା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ହାସଲ କମ୍ କଥା ନୁହେଁ । Walter Pater ଲେଖିଥିଲେ, 'Criticism is the art of interpreting art'. କଳାକୁ ବ୍ୟାଖ୍ୟା କରିବାର କଳା ସ୍ୱୟଂ ଏକ ସର୍ଜନାତ୍ମକ କଳା । ଏ କଳାକୁ ଆୟତ୍ତ କରିବାକୁ ହେଲେ ସେ ପ୍ରକାରର ଚିତ୍ତବୃତ୍ତି ଓ ବୈରାଗ୍ୟ (disinterestedness) ଆବଶ୍ୟକ । ଏହାକୁ ଏଲିଅଟ୍ ତାଙ୍କ ଭାଷାରେ କହନ୍ତି, 'Extinction of the private self.' ବ୍ୟକ୍ତିଗତ ରୁଚି ପରିହାର କରି ସତ୍ୟର ପ୍ରତିଷ୍ଠା ପାଇଁ ବ୍ରତୀ ହେବାକୁ ପଡ଼ିଥାଏ । ଏସବୁ ମୌଳିକ ଗୁଣ, ଉପାଦାନ ତଥା ବିଭୂତିସମ୍ପନ୍ନ ହୋଇ ଓଡ଼ିଆ ସାହିତ୍ୟ ସମାଲୋଚକଗଣ ଆଗାମୀ ପିଢ଼ି ପାଇଁ କିଛି ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦେବା ସହ ସାହିତ୍ୟ-ସମାଲୋଚନା କ୍ଷେତ୍ରରେ ନୂତନ ଦିଗନ୍ତ ଉନ୍ମୋଚନ କରିପାରିବେ । ଏଥି ସହ 'Literariness' (ସାହିତ୍ୟିକ ଲକ୍ଷଣ ଓ ଉପାଦାନ)ର ସଠିକ୍ ଚିହ୍ନଟ କରି ସାହିତ୍ୟ କୃତିମାନଙ୍କର ନିରପେକ୍ଷ ମୂଲ୍ୟାୟନ ଓ ପାଠକୀୟ ରୁଚିର ସମ୍ପ୍ରସାରଣ ସମାଲୋଚକଙ୍କ ସ୍ୱଧର୍ମ, ମହତ୍ ସାହିତ୍ୟ ସେବା ଓ ସାମାଜିକ ଦାୟିତ୍ୱ ।

■

ବୁଢ଼ାରଜା, ସମ୍ବଲପୁର
ମୋ : ୯୮୬୧୧୬୭୨୮୪

# ବିଜୟ କୁମାର ମିଶ୍ରଙ୍କ ନାଟକରେ ସ୍ଥିତିବାଦୀ ଚେତନା : ଏକ ଅଧ୍ୟୟନ

**ମନୋରଞ୍ଜନ ମହାନ୍ତ**

ନାଟ୍ୟକାର ପ୍ରଥମରେ କବି, ପରେ ନାଟ୍ୟକାର । ଜୀବନର ଜଟିଳତା ଓ ବୈଚିତ୍ର୍ୟକୁ ଯଥାର୍ଥରେ ଶବ୍ଦ ଅପେକ୍ଷା ଦୃଶ୍ୟମୟତା ଭିତରେ ଅଧିକ ଜୀବନ୍ତ ଭାବରେ ରୂପ ଦେଇପାରିବାର ବିଶ୍ୱାସ ତାଙ୍କୁ କବିରୁ କରିଛି ନାଟ୍ୟକାର । ୧୯୬୦ ମସିହାରେ 'ଜନନୀ'ରୁ ତାଙ୍କର ନାଟ୍ୟ ଜୀବନ ଆରମ୍ଭ ହୋଇଛି, ବିକଶିତ ହୋଇଛି ଅଶାନ୍ତ ଗ୍ରହ (୧୯୬୪), ତିମିର ତୀର୍ଥ (୧୯୬୫), ଅସତ୍ୟ ସହର(୧୯୬୮), ଆଦି ପାରମ୍ପରିକ ନାଟକରେ । ପରବର୍ତ୍ତୀ ସମୟରେ ସେ ରଚନା କରନ୍ତି ନାଟକ - ଆର୍ତ୍ତନାଦ (୧୯୬୬), ଶବବାହକମାନେ (୧୯୬୮), ଯାଯାବର(୧୯୭୮), ହେ ସ୍ୱର୍ଗ ବିଦାୟ (୧୯୮୦), ଏଠି ସେଠି ସବୁଠି (୧୯୭୧), ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ (୧୯୭୨), ଯାଦୁକର (୧୯୭୪), ତଟ ନିରଞ୍ଜନା (୧୯୭୮) ଜଣେ ରାଜା ଥିଲେ (୧୯୮୦) ଇତ୍ୟାଦି ।

'ଶବବାହକମାନେ'ବିଜୟ ମିଶ୍ରଙ୍କ ଦ୍ୱାରା ରଚିତ ପ୍ରଥମ ପରୀକ୍ଷାଧର୍ମୀ ଓ ପ୍ରୟୋଗବାଦୀ ନାଟକ ହିସାବରେ ମାନ୍ୟତା ଲାଭ କରିଛି । ଶଂସିତ ନାଟକର 'ଏ ନାଟକ ପଢିଲା ପରେ' ପ୍ରସଙ୍ଗରେ ନାଟ୍ୟକାର ସ୍ୱୟଂ ଉଲ୍ଲେଖ କରିଛନ୍ତି "ବହୁତ ଦିନ ଧରି ଗୋଟାଏ ପ୍ରକାରର, ଗୋଟାଏ ଛନ୍ଦର ନାଟକ ଲେଖୁଲେଖୁ ମୁଁ କ୍ଳାନ୍ତ ହୋଇ ପଡିଥିଲି । ଟିକିଏ ଅନ୍ୟ ଧରଣର ଅନୁଭୂତି, ଟିକିଏ ଅନ୍ୟ ପ୍ରକାର ଶୈଳୀର ପରୀକ୍ଷା ପାଇଁ ଏମିତି ଗୋଟାଏ ନାଟକ ଲେଖିଲି, ଯେମିତି ସବୁବେଳେ ଗୋଟାଏ ପ୍ରକାରର ଖାଦ୍ୟ ଖାଉ ଖାଉ କିଛି ଗୋଟାଏ ପରିବର୍ତ୍ତନ ମଣିଷ ଦରକାର କରେ ସେମିତି ଏକ ନୂଆ ଅନୁଭୂତି ପାଇବା ପାଇଁ ।"[୧] ଶବବାହକମାନେର କଥାବସ୍ତୁ ଅଣପାରମ୍ପରିକ । ନାଟକର ଆରମ୍ଭ ହୁଏ ଆକସ୍ମିକ ଭାବରେ ବାହାରେ ପ୍ରବଳ ବର୍ଷା ହୋଇଛି । ସେଇ ବର୍ଷ ଦାଉରୁ ରକ୍ଷା ପାଇବା ପାଇଁ ଆଶ୍ରୟ ଖୋଜି ସେଠାରେ ପହଞ୍ଚିଛନ୍ତି ନବେନ୍ଦୁ ଓ ତାର ବାଗ୍‌ଦତ୍ତା- ଅଜନ୍ତା । ବିରୁପାକ୍ଷ ଆସିଥାନ୍ତି ତାଙ୍କ ପୂର୍ବରୁ । ଶେଷରେ ଆସନ୍ତି ବିଶ୍ୱବିଦ୍ୟାଳୟର ତିନୋଟି ଛାତ୍ର - ସୁରେନ୍ଦ୍ର, ଚିତ୍ତପ୍ରିୟ ଓ କରୁଣାକର ଏବଂ ସବାଶେଷରେ ଆସେ ମିଚ୍ଛୁ । ନବେନ୍ଦୁ ଓ ଅଜନ୍ତା ଏକା ଅଫିସ୍‌ରେ ସହକର୍ମୀ । ବିଶ୍ୱବିଦ୍ୟାଳୟର ଛାତ୍ର ହିସାବରେ ସେମାନଙ୍କୁ ଗୋଟିଏ ଦଳରେ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ନିର୍ଦ୍ଦଳୀୟ ହୋଇ ରହନ୍ତି ବିରୁପାକ୍ଷ । ବର୍ଷଣ ମୁଖର ରାତ୍ରି କ୍ରମଶଃ ଗଭୀର ହେବାକୁ ଆରମ୍ଭ କରିଛି । ଘର ଅନ୍ଧକାର ଓ ସାମୟିକ ବିପଦ ସମସ୍ତଙ୍କୁ ଏକାଠି କରିଛି । ସେମାନଙ୍କ ଭିତରେ ହୁଏତ ସୃଷ୍ଟି କରିଛି କିଛି ଆନ୍ତରିକତା । ଅନ୍ଧାରକୁ ଅପସାରିତ କରିବା ପାଇଁ ସେମାନଙ୍କ ପାଖରେ ଥାଏ ଗୋଟିଏ ଦିଆସିଲର ତିନୋଟି କାଠି । ସବା ଶେଷ କାଠିଟି ଜଳିବା ପୂର୍ବରୁ ସେଇ ଘରେ ମିଳେ ଦୁଇଟି ମହମବତୀ । ଅନ୍ଧାରରୁ ମୁକୁଳିବା ପାଇଁ ସମସ୍ତଙ୍କ ଭିତରେ ଥିବା ବ୍ୟାକୁଳତା ଚରିତାର୍ଥ ହୁଏ । ଆଲୋକର ଅଭିଷେକ ପରେ ଆବଶ୍ୟକ ହୁଏ ଖାଦ୍ୟ, ନିରାପଦ ଆଶ୍ରୟ ଆଉ କିଞ୍ଚିତ ଶସ୍ତା ଶିହରଣ ।

ଏଇ ଖୋଜିବା ପ୍ରକ୍ରିୟାରେ ବିଭିନ୍ନ ଲୋକଙ୍କୁ ବିଭିନ୍ନ ଦିଗରେ ଯିବାର ନିର୍ଦ୍ଦେଶ ଦେଇଛନ୍ତି ବିରୁପାକ୍ଷ । ନିଜେ ଯୋଗସୂତ୍ର ରକ୍ଷାକାରୀ ଭାବରେ ସେଠାରେ ରହିବା ପାଇଁ ମନସ୍ଥ କରି କାହାକୁ ବାହାରକୁ ପଠାନ୍ତି ତ କିଏ ରହେ ଭିତରେ । ସୁରେନ୍ଦ୍ରର ଭାଗରେ ପଡିଛି ଘର ଭିତରେ ଆଉ କଅଣ ଅଛି ଦେଖିବା ପାଇ । ସୁରେନ୍ଦ୍ର ଦ୍ୱିତୀୟ କୋଠରୀକୁ ଯାଇ ଦେଖିଛି ଏକ ଶବ । ତାହା ପାଖରୁ ମଧ ମିଳିଯାଏ ଏକ ନକ୍ସା । ନକ୍ସାର ଦିଗ ନିର୍ଦ୍ଦେଶ ଅନୁସାରେ ସେ ପହଞ୍ଚେ ତୃତୀୟ କୋଠରୀରେ । ତାର ବିଶ୍ୱାସ ତୃତୀୟ କୋଠରୀରେ ନିଶ୍ଚିତ ଭାବରେ ଗୁପ୍ତଧନ ସଂରକ୍ଷିତ । ଶବର ମୁଣ୍ଡ ପାଖରେ ଥିବା ଗଇଁତିକୁ ନେଇ ଖୋଳିବାକୁ ଆରମ୍ଭ କରିଛି ଏକାକୀ ସୁରେନ୍ଦ୍ର । କିନ୍ତୁ ଆକସ୍ମିକ ଭାବରେ ଅସତର୍କତା ବଶତଃ ମହମବତୀ ଲିଭି ଯାଇଛି । ତେଣୁ ପ୍ରଥମ ପ୍ରକୋଷ୍ଟକୁ ଆସି ଭେଟିଛି ଏକାକିନୀ ଅଜନ୍ତାକୁ । ସେ ସଚେତନ ଅଜନ୍ତା ସହିତ ନବେନ୍ଦୁର ଏନଗେଜ୍‌ମେଣ୍ଟ ସରିଛି । ବିବାହ ତାରିଖ ଘୋଷଣା

କେବଳ ବାକି ଅଛି । ମହମବତୀ ଜଳାଇ ଫେରିବାର ପ୍ରୟାସ କଲା ବେଳେ ଅଜନ୍ତାର ଋତୁର୍ଯ୍ୟପୂର୍ଣ୍ଣ ପ୍ରଶ୍ନବାଣରେ ଗୋପନ କଥାଟି କହି ଦେଇଛି । ଗୁପ୍ତଧନର କଥା ଶୁଣିବା ପରେ ଅଜନ୍ତାର ହୋଇଛି ଭାବାନ୍ତର । ଗୁପ୍ତଧନକୁ ଭାଗ ଭାଗ ନ କରି ଏକତ୍ର ଭୋଗ କରିବାର ଲାଳସା ଜାଗ୍ରତ ହୋଇଛି । ଏହି ଧନ ପାଇଁ ନବେନ୍ଦୁକୁ ପରିତ୍ୟାଗ କରି ସୁରେନ୍ଦ୍ରର ସହଧର୍ମିଣୀ ହେବାକୁ ସେ ପ୍ରସ୍ତୁତ । ତେଣୁ ଉଭୟ ଯୋଜନା କରିଛନ୍ତି ଜଣେ ଅନ୍ୟମାନଙ୍କୁ ପ୍ରଥମ ପ୍ରକୋଷ୍ଠରେ ଭୁଲାଇ ରଖିବ, ସେ କାମଟି ଅଜନ୍ତାର । ମାତ୍ର ଅଜନ୍ତାର ସକଳ ଉଦ୍ୟମ ବ୍ୟର୍ଥ ହୋଇଛି । ସମସ୍ତେ ପ୍ରତ୍ୟାବର୍ତ୍ତନ କଲାପରେ ଆବିଷ୍କୃତ ହୁଏ ପ୍ରକୃତ ସତ୍ୟ । ଆରମ୍ଭ ହୋଇଯାଏ ଶକ୍ତି ପାଇଁ, କ୍ଷମତା ପାଇଁ, ମଣିଷର ସଂଘର୍ଷ, କିଛି ସମୟ ପୂର୍ବରୁ ଯେଉଁମାନେ ପରସ୍ପରର ବନ୍ଧୁ ଥିଲେ ଆସନ୍ନ ଧନଲାଭର ସମ୍ଭାବନାରେ ସେମାନେ ପରସ୍ପରର ଶତ୍ରୁ ହୋଇ ଉଠନ୍ତି । ଯାହା ହାତରେ ଗଇଁତି ସେ ସାବ୍ୟସ୍ତ କରେ ନିଜର ଆଧିପତ୍ୟ, ନିଜର ବଳ ଓ ଅଧିକାର କରେ ଗୁପ୍ତଧନ ସହିତ ଅଜନ୍ତାର ମନରାଜ୍ୟକୁ । ମାତ୍ର ନାଟକର ଅନ୍ତିମ ଚରଣରେ ଯେତେବେଳେ ବାକ୍ସଟି ଉପରକୁ ଅଣାଯାଇଛି, ଦେଖିବାକୁ ମିଳିଛି ତାହା ଫାଙ୍କା, ଶୂନ୍ୟ, କେବଳ ଏକ ଅନୁରୋଧ ପତ୍ର – "ଯିଏ ପଢୁଛନ୍ତି ପରପାରରୁ ତାଙ୍କୁ ନମସ୍କାର । ମୁଁ ମୃତ । କିନ୍ତୁ ସତ୍କାର କରିବାକୁ କେହି ନାହାନ୍ତି । ଆପଣ ଯେତିକି ଖୋଳିବା କଥା ଖୋଳି ସାରିଲେଣି । ଏଇ ବାକ୍ସ ମଧ୍ୟରେ ମୋତେ ସମାଧି ଦିଅନ୍ତୁ । ମୁଁ ଅନେକ ଦିନରୁ କ୍ଷତ ବିକ୍ଷତ ଥିଲି; ବର୍ତ୍ତମାନ ଆସ୍ତେ ଆସ୍ତେ ମରଣ ମୁହଁକୁ ଆଗେଇ ଯାଉଛି । ହୁଏତ ଯେ କୌଣସି ମୁହୂର୍ତ୍ତରେ ମରିପାରେ, ତେଣୁ ମୃତ୍ୟୁ ପୂର୍ବରୁ ଏଇ ବ୍ୟବସ୍ଥା କରିଗଲି । ଆପଣଙ୍କୁ ଧନ୍ୟବାଦ, ଆପଣଙ୍କର କେହି ଯଦି ସାଥୀ ସହଯୋଗୀ ବନ୍ଧୁବାନ୍ଧବ ଆପଣଙ୍କ ସାଙ୍ଗରେ ଥାଆନ୍ତି, ସେମାନଙ୍କୁ ମଧ୍ୟ ଧନ୍ୟବାଦ । ଇତି । ସ୍ୱର୍ଗତ ମୁଁ"[୨]

ଅସ୍ତିତ୍ୱବାଦୀ ନାଟକ ପ୍ରାୟତଃ ପ୍ରତୀକ ଧର୍ମିତାରେ ପରିପୂର୍ଣ୍ଣ ଥିବା ପରି ଶବବାହାକମାନେର ସେଟିଙ୍ଗ ସଂପୂର୍ଣ୍ଣ ପ୍ରତୀକାତ୍ମକ । ବାହାରେ ବର୍ଷା ଏକ ସୃଜନଶୀଳ ନୂତନତାର ଆବାହନୀ ହୋଇପାରେ ତ ଆଉ କାହା ପାଇଁ ଦୁର୍ଯୋଗ ମଧ୍ୟ ହୋଇପାରେ । ଜଙ୍ଗଲ ମଣିଷର ଆଦିମତାର ପ୍ରତୀକ ହୋଇପାରେ । ତିନୋଟି ପ୍ରକୋଷ୍ଠ ଥିବା ଘର ଆମର ପରିଚିତ ପୃଥିବୀ ହୋଇପାରେ । ଆଖ ପାଖର ଭଙ୍ଗା ମନ୍ଦିର, ଭଙ୍ଗା କୋଠାବାଡି ଗୋଟିଏ ସଭ୍ୟତାର କେବଳ ନୁହେଁ ମାନବିକ ମୂଲ୍ୟବୋଧର ଭଗ୍ନାବଶେଷ ମଧ୍ୟ ହୋଇପାରେ । ଗଇଁତି ଯେପରି ନାଟକରେ ଶକ୍ତି ଓ ପରାକ୍ରମର ପ୍ରତୀକ ହିସାବରେ ଗୃହୀତ । ତେବେ ନାଟକର କଥାବସ୍ତୁରେ ଗତିଶୀଳତା ସୃଷ୍ଟି ହୋଇଛି ଆଲୁଅ ଖୋଜାରୁ । ଅଥଚ ଅନ୍ଧାର ଭିତରେ ପରସ୍ପରର ବନ୍ଧୁ ଥିବା ଚରିତ୍ରଗୁଡିକ ଈଷତ୍ ଆଲୋକରେ ପରସ୍ପର ଶତ୍ରୁ ହୋଇ ଉଠନ୍ତି । ସେଥିପାଇଁ ବିରୁପାକ୍ଷ କହେ "××× ଆମେମାନେ ମଣିଷ, ନିଛକ ମଣିଷ, ବନ୍ଧୁତା ଠାରୁ ଶତ୍ରୁତା ଯାହାର ସହଜାତ ପ୍ରକୃତି ।"[୩] ବିଶଂ ଶତକର ମଣିଷ ବିବର୍ତ୍ତନର ପାହାଚରେ ଏକ ମଧ୍ୟବର୍ତ୍ତୀ ଅବସ୍ଥାରେ ଉପନୀତ ହୋଇଛି । ପଶୁତ୍ୱକୁ ପରିତ୍ୟାଗ କରିରି ନାହିଁ କିମ୍ବା ଦେବତ୍ୱ ପାଖରେ ପହଞ୍ଚି ପାରିନାହିଁ । ଆଲୁଅର ସନ୍ଧାନ ପରେ ତାର ପରିଚୟ ଖୋଜା- ପରିଚୟ ପରେ ଖାଦ୍ୟ- ରହିବାର ବନ୍ଦୋବସ୍ତ ଆଉ ନିଜ ନିଜର ନିରାପତ୍ତା । ମଣିଷର ମୌଳିକ ଆବଶ୍ୟକତା ଆଉ ସବା ଶେଷରେ ଗୋଟିଏ ରାତ୍ରି ହେଲେବି ଶାନ୍ତିରେ କଟାଇବାର ଉଦ୍ୟମ ।

ଘରଟି ପରିତ୍ୟକ୍ତ ଏଇ ପୃଥିବୀ ପରି । ଏଠାରେ ଏକଦା ରହୁଥିଲେ ମଣିଷ । ଆଉ ସେହି ମଣିଷ ଭିତରେ ଥିଲା – ଆଶା, ଆଶ୍ୱାସନା, ହତାଶା, ଗ୍ଲାନି, ଦ୍ୱେଷ ଓ ଦ୍ୱନ୍ଦ୍ୱ । ତାର ଏହି କ୍ରମ ପରିଣତି – ଶବ-କ୍ରମବର୍ଦ୍ଧିଷ୍ଣୁ ଦୁର୍ଗନ୍ଧର । ଯୁଗ ଯୁଗର ମୂଲ୍ୟବୋଧ, ପ୍ରଥା-ପରମ୍ପରା, ନୀତି-ନୈତିକତା, ଧର୍ମ, ଅନୁଶାସନ ଆଜି ମଣିଷ ପାଇଁ, ତାର ଅସ୍ତିତ୍ୱର ଆବିଷ୍କାର ପାଇଁ ଉପଯୁକ୍ତ ହୋଇପାରି ନାହିଁ । ଅଥତ ତାର ପ୍ରଭାବରୁ ଆପଣାକୁ ମୁକ୍ତ ମଧ୍ୟ କରି ପାରି ନାହିଁ । ଏବେ ପ୍ରୟାସ ଆମର ହେଲା ଅନ୍ୱେଷଣର । ଶବ ପାଖରେ ଥିବା ନକ୍ସା ଦ୍ୱାରା ମଣିଷ ଯୁଗ ଯୁଗର ପ୍ରଲୋଭନ, ଅଲଭ୍ୟକୁ ଲାଭ କରିବାର ବାସନା ଅଧିକ ତୀବ୍ର ହୋଇଛି । ବାସନାକୁ ପରିତ୍ୟାଗ କରିବାର ସାମର୍ଥ୍ୟ ସାଧାରଣ ମଣିଷ ପାଖରେ ନାହିଁ । କାରଣ ଏହି ନିରାପଦ ଘର ବାହାରେ ଅଛି – 'ଜଙ୍ଗଲର ଭୀଷଣତା, ରାତିର ଗଭୀରତା ଆଉ ଅନ୍ଧକାରର ନିବିଡତା ।' ଅଥଚ ନିରପଦ ଘରେ ଗୋଟାଏ ପଟେ ଶବର ପଚା ଦୁର୍ଗନ୍ଧ ଓ ଅନ୍ୟ ପଟେ ବିପୁଳ ଧନର ଦୁର୍ବାର ଆକର୍ଷଣ । ଡଃ ରତ୍ନାକର ଚଇନିଙ୍କ ଭାଷାରେ – "ଗୋଟେ ପଟେ ମଲା ଦେହର ଉଗ୍ର ଗନ୍ଧ, ସେ କୋଠରୀରେ ଚରିତ୍ରମାନଙ୍କ ମନରେ ଘୃଣା ଭାବ ସୃଷ୍ଟି କରିଛି; ପୁଣି ଅନ୍ୟ ଦିଗରେ କଞ୍ଚାମାଂସ(ଅଜନ୍ତା)ର ସ୍ପର୍ଶ ଟିକକ ପାଇଁ

ସେଇ ଚରିତ୍ରମାନେ ପାଗଳ ହୋଇ ଉଠିଛନ୍ତି । ବାସ୍ତବିକ 'ଶବବାହକମାନେ' ଏଇ ହେଉଛି ଗୋଟାଏ ଚମତ୍କାର ବ୍ୟାଖ୍ୟା । ଗୋଟାଏ ପଟେ ନିଷ୍ଠୁର ସତ୍ୟର ଦୁର୍ଗନ୍ଧ ମଣିଷକୁ ପ୍ରତିରୋଧ କରୁଛି, କିନ୍ତୁ ଅନ୍ୟପଟେ ନଶ୍ୱରତାର ଆକର୍ଷଣ ବିମୋହିତ କରୁଛି ।[୪] ମହାକାଳର ଏଇ ମଧ୍ୟ ବିନ୍ଦୁରେ ଦଣ୍ଡାୟମାନ ହୋଇଛନ୍ତି ଚରିତ୍ର ସକଳ । ସ୍ୱାର୍ଥପରତା ମଣିଷର ସହଜାତ ପ୍ରକୃତି । ସେଇ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ସେମାନେ ମାନବୀୟ ମୂଲ୍ୟକୁ ପରିତ୍ୟାଗ କରିପାରନ୍ତି । ଏହି ବ୍ୟକ୍ତି ମଣିଷ ହୋଇଛି ବିଶ୍ୱବ୍ୟାପୀ– "ମଣିଷର ଅଶାନ୍ତ ଦୌଡ, ଅଶାନ୍ତ ଲୋଭ ଓ ଅନିର୍ବାପିତ ସ୍ୱାର୍ଥ ଏବଂ ଅନିଶ୍ଚିତ ଜୀବନାଦର୍ଶର ଭଗ୍ନସ୍ୱର ଯେମିତି ଗୋଟିଏ ଲେଖାଁ ବିନ୍ଦୁଭଳି ଗୋଟିଏ ଗୋଟିଏ ଛନ୍ଦାଛନ୍ଦି ଭଳି ବଙ୍କା ଗାର ଟାଣିଛନ୍ତି ଏଥିରେ ।"[୫] ତେବେ ମୋଟା ମୋଟି ଭାବରେ ଅର୍ଥ, କ୍ଷମତାର ଲୋଲୁପତା, ସ୍ୱାର୍ଥପରତା ମଧ୍ୟ ଦେଇ ନିଃସଙ୍ଗତା ଓ ବିଚ୍ଛିନ୍ନ ମଣିଷର ଚିତ୍ର ଯେପରି ଭାବରେ ଅଙ୍କନ କରିଛନ୍ତି ସେଥିପାଇଁ ବିଜୟ ମିଶ୍ର ନିଶ୍ଚିତ ଭାବରେ ସ୍ମରଣୀୟ ହୋଇ ରହିବେ ।

'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ' ଉତ୍ତରପୁରୁଷ ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୁଏ ୧୯୭୨ ମସିହାରେ । ଗୋଟିଏ ଶାଶ୍ୱତ ସତ୍ୟର ବିରୁଦ୍ଧାଚରଣ ହିଁ ଯେପରି ନାଟକର ମୁଖ୍ୟ ସ୍ୱର କିମ୍ବା ପ୍ରମାଣ କରିବାକୁ ଚାହାନ୍ତି, ଶାଶ୍ୱତ, ପରମ ସତ୍ୟ ବୋଲି କିଛି ନାହିଁ । କାରଣ ସକଳ ଶକ୍ତିର ଆଧାର ସୂର୍ଯ୍ୟ । ସେ ପୋଷଣ କରେ, ପ୍ରେରିତ କରେ, ଜୀବନ ଦେଇ ଉର୍ଦ୍ଧ୍ୱମୁଖୀ କରାଏ, କରାଏ ଆଲୋକର ଅଭିସାରୀ । ମାତ୍ର ଶଂସିତ ନାଟକରେ ଦଗ୍ଧିଭୂତ ହୋଇଛନ୍ତି ଦୁଇଟି ଫୁଲ । ଏଠି ସୂର୍ଯ୍ୟ ହୋଇପାରେ ସମାଜ ବ୍ୟବସ୍ଥା, ନୀତି, ନୈତିକତା, ପ୍ରଥା-ପରମ୍ପରା ଯାହା ମଣିଷର କ୍ରମ ବିବର୍ତ୍ତନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏବେ ତାହା ସାମ୍ନାରେ କାନ୍ଥ ହୋଇ ଠିଆ ହୋଇଛି ।

ଆମ ସମୟର ଦୁଇ ଜଣ ଚରିତ୍ର । ବୟସରେ ତାରୁଣ୍ୟର ଉଦ୍ଦାମତା, ଅନ୍ତରରେ ରହିଛି ଅସୀମ ଅସନ୍ତୋଷ । ତଥାକଥିତ କଠୋର ସାମାଜିକତାର ଉତ୍ତାପରେ ସେମାନେ ହୋଇଛନ୍ତି ଅସ୍ଥିର ଓ ଅତିଷ୍ଠ । ଅଣନିଃଶ୍ୱାସୀ ଓ ଉଦ୍‌ବେଗ ଗ୍ରସ୍ତ ହୋଇ ପଡନ୍ତି ନିଃସଙ୍ଗ ଜୀବନରେ । ବାଛି ନିଅନ୍ତି ନିର୍ଜନ, ନିକାଞ୍ଚନ ସ୍ଥାନ । ସେଇଠି ଭେଟ ହୁଏ ପରସ୍ପରର । ସେ ଦୁହେଁ କେବଳ 'ରାଜା' ଓ 'ରାଣୀ' ନୁହଁନ୍ତି - ମୁଁ, ତୁମେ, ସେ- ସମସ୍ତେ । ସେଇଠି ଆରମ୍ଭ ହୁଏ ସମାଜର, ତାର ସକଳ ପ୍ରତିଷ୍ଠିତ ବ୍ୟବସ୍ଥାର ବିଶ୍ଲେଷଣ ଓ ବ୍ୟବଚ୍ଛେଦ ।

ରାଜା ଓ ରାଣୀ ପରସ୍ପରର ଗୃହ ପରିତ୍ୟାଗ କରିଛନ୍ତି- ଅତିଷ୍ଠ ଓ ଅସହାୟ ହୋଇ । ସାମାଜିକ ପରିବେଷ୍ଟନୀର ଶୃଙ୍ଖଳା ଓ ପରିବାରର ଅସହ୍ୟ ତାଡନା ସେମାନଙ୍କର ବରଦାସ୍ତ ବାହାରେ । ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ସେମାନେ ସାଜିଛନ୍ତି ପଳାୟନ ପନ୍ଥୀ । ସେମାନଙ୍କର ମାନସିକ ଯନ୍ତ୍ରଣା, ଅନ୍ତରର ଦୀର୍ଘ ଶ୍ୱାସରେ ପରିପୂର୍ଣ୍ଣ ହୋଇଯାଏ ନାଟକର ପରିବେଶ । ସେମାନେ କାମନା କରନ୍ତି ମୁକ୍ତି - ଏଇ ସୀମାବଦ୍ଧତା ଭିତରୁ । ସମାଜର ଜଟିଳ ନାଗଫାଶରୁ, ଅଭାବ ଅନଟନ, ଅସନ୍ତୋଷ, ଦୁଃଖ ଯନ୍ତ୍ରଣାର ପିଞ୍ଜରାରୁ ସେମାନେ ଚାହାନ୍ତି ମୁକ୍ତି । ରାଜା ଓ ରାଣୀ ପରସ୍ପରର ଅନୁଭବକୁ ନିଜ ପାଖରେ ବାଣ୍ଟିଲା ବେଳେ ସେମାନଙ୍କର ଅତୀତ (ଶୈଶବ, କୌମାର୍ଯ୍ୟ), ବର୍ତ୍ତମାନ (ଯୌବନ) ଓ ଭବିଷ୍ୟତ (ବୃଦ୍ଧ, ବୃଦ୍ଧା)ର ଭାବ ବଳୟ ଭିତରେ ବିଚରଣ କରନ୍ତି । ହେଲେ ମୁକ୍ତି ମିଳେନା । ଏହି ପୃଥିବୀର ପ୍ରତ୍ୟେକଟି ଆତ୍ମା ଭିତରେ ସେମାନେ ଅବତରଣ କରିଛନ୍ତି, ସବୁରି ଭିତରେ ରହି ଶାନ୍ତିର ଅନ୍ୱେଷଣ କରିଛନ୍ତି । ଆବାଳବୃଦ୍ଧବନିତା ହେବାର ପରିଣାମରେ ନୈରାଶ୍ୟ ଜର୍ଜର ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହୋଇଛନ୍ତି ଧୂଳି ଧୂସରିତ ଧରଣୀ ବକ୍ଷକୁ । ନାଟକଟି ସମ୍ପର୍କରେ ଆଲୋଚନା କରି ଆଲୋଚକ ସର୍ବେଶ୍ୱର ଦାସ ଉଲ୍ଲେଖ କରିଛନ୍ତି ଯେ– "ବ୍ୟର୍ଥତା ଓ ହତାଶା ହିଁ ମନୁଷ୍ୟର ଭାଗ୍ୟ ଲିପି, ଏହି ବାଣୀ ସମଗ୍ର ନାଟକଟିରେ ପ୍ରତିଧ୍ୱନିତ୍ୱ ହୋଇଉଠିଚି । ନାଟକଟିରେ କୌଣସି ଘଟଣା ଘଟୁନାହିଁ । ଯାହା ବା ଘଟିଛି ତାହା କେବଳ ଚରିତ୍ର ଦ୍ୱୟର ମାନସ-ରାଜ୍ୟରେ ।"[୬]

ବିଂଶ ଶତକର ପ୍ରତ୍ୟେକ ଚରିତ୍ରର ପ୍ରତିନିଧିତ୍ୱ କରନ୍ତି ରାଜା ଓ ରାଣୀ । ସେମାନଙ୍କର ଆଖିରେ ଯେଉଁ ଜିଜ୍ଞାସା ଫୁଟି ଉଠିଛି ତାହା ଅସ୍ତିତ୍ୱବାଦୀୟ । ଏକ କ୍ରମ କ୍ଷୟିଷ୍ଣୁ ବରଫ ଖଣ୍ଡ ଉପରେ ସମୁଦାୟ ବିଂଶ ଶତକ ଓ ରାଜା ରାଣୀ ଦଣ୍ଡାୟମାନ । ଅସହାୟ ଭାବରେ ଅପେକ୍ଷା କରାଯାଇଛି କେଉଁ ଏକ ଅଦୃଶ୍ୟ ଶକ୍ତିର ସାହାଯ୍ୟ ପାଇଁ, ମାତ୍ର ଏହି ପ୍ରତୀକ୍ଷାର ଅନ୍ତ ନାହିଁ । ଏହି ଉଦ୍‌ବେଗପୂର୍ଣ୍ଣ ଓ ଅର୍ଥହୀନ ଆଧାରଶିଳାକୁ ଆଡେଇ ଦେଇ ଅନ୍ୟ କେଉଁ ବିଶ୍ୱାସର ଭୂମି ଖଣ୍ଡ ଉପରେ ପାଦ ରଖିବାକୁ ସମର୍ଥ ହୋଇପାରୁ ନାହାନ୍ତି ।

ନାଟକଟି ସମ୍ପର୍କରେ ମନ୍ତବ୍ୟ ପ୍ରକାଶ କରି ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ ଉଲ୍ଲେଖ କରିଛନ୍ତି – "A true picture of man's non-existence and his estranged helplessness is reflected in the plotless absurd play."[୭] ଏକ ସଫଳ ବେତାର ନାଟକ ହେଲେ ମଧ୍ୟ ଏକ ସାର୍ଥକ ନାଟକର କଥାବସ୍ତୁରେ, ଚରିତ୍ରଚିତ୍ରଣ, ନାଟକୀୟତା ଆଦିରେ ଗୁରୁତ୍ୱ ଦିଆ ନ ଯାଇ ମଣିଷ ନିଜର ଅସ୍ତିତ୍ୱବାଦୀ ଜିଜ୍ଞାସାକୁ ଉଖାରିବାର ପ୍ରୟାସ କରାଯାଇଛି; ଏ ନାଟକରେ ଅତୀତ ନାହିଁ, ଭବିଷ୍ୟତ ନାହିଁ, ବର୍ତ୍ତମନ ମଧ୍ୟ ଅନୁପସ୍ଥିତ । ଯାହା ଅଛି ବାସ୍ତବତା ଓ କଳ୍ପନାର ମଧ୍ୟ ବିନ୍ଦୁରେ ଛିଡା ହେବାର ଏକ ଉଦ୍‌ବେଗ ଜନକ ସ୍ଥିତିର ଚିତ୍ରଣ । ବିଚ୍ଛିନ୍ନ ମଣିଷର ଅସହାୟତା, ସମାଜ, ସାମାଜିକତା ଓ ବ୍ୟବସ୍ଥାର ଲୌହ ଶୃଙ୍ଖଳ ମଧ୍ୟରେ ସାମ୍ପ୍ରତିକ ମଣିଷ କିପରି ଅତିଷ୍ଠ ଓ ଅସହାୟତାର ଚିତ୍ର ପ୍ରଦାନରେ ଶଂସିତ ନାଟକଟି ସଫଳ ହୋଇଛି ।

ଅସ୍ତିତ୍ୱବାଦୀ ଦର୍ଶନକୁ ଆଧାରକରି ନାଟ୍ୟକାର ବିଜୟ ମିଶ୍ର ଅନ୍ୟ ଏକ ସଫଳ ନାଟକ ରଚନା କରନ୍ତି– 'ଯାଦୁକର'(୧୯୭୮) । "ଘଟଣା, ବିଷୟବିନ୍ୟାସ, ଭାବ ସମ୍ବହନ ଓ ସଂଳାପ ଆଦି ଦୃଷ୍ଟିରୁ ଏହାକୁ 'ଉଭଟ' କହିଲେ ଭୁଲ ହେବନି ।[୮] ନାଟକୀୟ ସଫଳତା ଅପେକ୍ଷା ଅସ୍ତିତ୍ୱବାଦୀ ଭାବ ଅନୁଷଙ୍ଗକୁ ବହନ କରିବାରେ ନାଟକଟି ଅଧିକ ସଫଳ ହୋଇଛି । ସାମ୍ପ୍ରତିକ ମଣିଷ ଆପଣାର ପ୍ରତିଟି ମୁହୂର୍ତ୍ତରେ, ପ୍ରତ୍ୟେକ ସ୍ଥିତି ଓ ଗତିମୟତା ଭିତରେ କ୍ଲାନ୍ତ । ସମସ୍ତେ କାମନା କରନ୍ତି ଜୀବନରେ କିଛି ରୋମାଞ୍ଚ, କିଛି ଶିହରଣ, କିଛି ନୂତନତା । ହେଲେ ଅଦୃଶ୍ୟର ଅଚଳାୟତନକୁ ଲଙ୍ଘନ କରିବାର ସାମର୍ଥ୍ୟ ମଣିଷ ପାଖରେ ନାହିଁ । ମଣିଷ ମନର ସୀମାହୀନ ଅଶାନ୍ତିକୁ ରୂପାନ୍ୱିତ କରିଛନ୍ତି ନଅଟି ଚରିତ୍ର ମାଧ୍ୟମରେ । ନାଟକର ସବୁଠାରୁ ଶକ୍ତିଶାଳୀ ଚରିତ୍ର ଯାଦୁକର । ତାର ଜଣେ ସହାୟକ ଅଛି– ବୟ । ସେମାନଙ୍କର କାମ – ସହର ବଜାର ବୁଲିବୁଲି ଯାଦୁଖେଳ ପ୍ରଦର୍ଶନ କରିବା । ଉଦ୍ଦେଶ୍ୟ – ଲୋକଙ୍କର ସାବାସି, ହାତତାଳି ଆଉ ପ୍ରଶଂସା ପାଇବା । ଯାଦୁକର– ହୋଇପାରେ ସର୍ବଶକ୍ତିମାନ ଈଶ୍ୱର, ହୋଇପାରେ ପୁଞ୍ଜିଭୂତ ମାନସିକ ପ୍ରକ୍ରିୟାର ଏକ ପ୍ରତିରୂପ । ଅଭୟ ଓ ବିନ ଚରିତ୍ର ଦୁଇଟି ହୋଇପାରନ୍ତି ଅଧିକତର ଅସ୍ତିତ୍ୱବାଦୀ, ଆମର ଚେତନା– ବିବେକର ପ୍ରତିରୂପ, ହୋଇପାରେ ସ୍ୱନିଷ୍ଠା ଓ ଆତ୍ମବିଶ୍ୱାସର ପ୍ରତୀକ । ଅଭୟ ଏକ ମାତ୍ର ଚରିତ୍ର ଯିଏ ବାରମ୍ବାର ମନା କରୁଛି ଯାଦୁକର ମାୟାଜାଲର ଦୁର୍ବାର ଆକର୍ଷଣରେ ପ୍ରଲୋଭିତ ନ ହେବା ପାଇଁ । ଅଭୟ ସହିତ ସାମୟିକ ଭାବରେ ଏକତ୍ରିତ ହେଉଛନ୍ତି – ବିନ । ଉଭୟ କ୍ଲିବୀ, ସାଧାରଣ ମଣିଷର ସଙ୍କଟର ମୂଳ କାରଣ ସେମାନେ ଠଉରାଇ ପାରିଛନ୍ତି । ତେଣୁ ପଲ ଭିତରେ ବଞ୍ଚୁଥିବା ମନ୍ଦା ମଣିଷମାନଙ୍କୁ ବାରବାର ସଚେତନ କରନ୍ତି । ନାଟକରେ ଅଙ୍କ, ଦୃଶ୍ୟର ବିଭାଗୀକରଣ ନାହିଁ । ଏହାକୁ ଗୋଟାଏ ସେଟ୍‌ର ନାଟକ ମଧ୍ୟ କହିହେବ । ନାଟକର ଆରମ୍ଭ ଓ ପରିସମାପ୍ତି ମଧ୍ୟରେ ମଞ୍ଚରେ ଆତଯାତ ହେଉଛନ୍ତି ଚରିତ୍ରମାନେ । ପ୍ରଥମେ ମଞ୍ଚକୁ ଆସନ୍ତି ଜଣେ ଧନୀକର ଅଲିଅଳି କନ୍ୟା ମାନୀ– କଲେଜ ଛାତ୍ରୀ । ସେ ସ୍ୱପ୍ନରେ ବଞ୍ଚେ । ତା' ପାଇଁ ସୌରଭ ମିଶ୍ର– ଗୌରବ ନର୍କ ପୁଣି ନିରଞ୍ଜନ ବେହେରା– ଚିରନ୍ତନ ଝମେଲା । ତଥାପି ତାର ସ୍ୱପ୍ନ "ଗୋଟାଏ କଣ୍ଢେଇ ହୁଏତ, ଯାହାକୁ ମାଗିଲେ ସବୁକିଛି ଦେଇପାରୁଥିବ । ଘର, ପୁଅ, ଝିଅ, ଔଷଧ, ବାଡି, କୋଠା, ପ୍ରେମ, ବିଶ୍ୱସ୍ତ ଚାକର, ଆଉ ନିର୍ଭରଶୀଳ ପ୍ରୋଟେକସନ୍ । ସୁନ୍ଦର ମଖମଲ ସିଡି ପାହାଚ ହୋଇ ଯାଉଥିବ, ପରୀକ୍ଷାର ସିଡି ଉଠିଲା ବେଳକୁ । ସୌରଭ ମିଶ୍ରର ଇନ୍‌ଟେଲେକ୍‌ଟ୍‌ରୁ କିଛି ଆଉ ନିରଞ୍ଜନ ବେହେରାର ଚଉଡା ଛାତିରୁ କିଛି ନେଇ ସୁନ୍ଦର କଣ୍ଢେଇଟିଏ, କେତେବେଳେ ମୋ ଭ୍ୟାନିଟି ବ୍ୟାଗ ଭିତରେ, କେତେବେଳେ ଡ୍ରଇଁ ରୁମରେ ।"[୯] କେବଳ ସେତିକି ନୁହେଁ ଆହୁରି ଅନେକ । ପରୀକ୍ଷାରେ ପାସ ଫେଲ ତା ହାତରେ । ସିଡି ଉଠିବାର ଉଚ୍ଚତା ତାର ଆଖି ପାଇବା ପର୍ଯ୍ୟନ୍ତ । ତାର ସମସ୍ତ ଖୁସି ତାର ହାତ ମୁଠାରେ । ଅପ୍ରାପ୍ତି ଓ ଶୂନ୍ୟତାବୋଧ ଭିତରେ କଳ୍ପନାର ମାୟାଜାଲ ବୁଣେ । ଅପେକ୍ଷା କରେ କେଉଁ ଅଦୃଶ୍ୟ ଶକ୍ତିର ସାହାଯ୍ୟରେ ତାକୁ ତାହା ମିଳିଯିବ ।

ସୌରଭ ମିଶ୍ର– $E = mc^2$ ଘୋଷେ ପୁଣି କଲେଜ ଗେଟ୍ ପାଖରେ ମାନୀର ଅପେକ୍ଷା କରେ । ତାର ପ୍ରଥମେ ଲୋଡା ହୁଏ ଗୋଟେ ଚାକିରୀ । ଇଣ୍ଟରଭ୍ୟୁ ପାଇଁ ନିଜକୁ ପ୍ରସ୍ତୁତ କରୁଛି– ପୁଣି ରିସର୍ଚ୍ଚ କରିବାକୁ ଆଗ୍ରହୀ । ସେ ଏକଥା ମଧ୍ୟ ଜାଣେ ଯେ ମାନୀ ପାଖରେ ରିସର୍ଚ୍ଚର କିଛି ଦାମ ନାହିଁ । $E = mc^2$ ଫର୍ମୁଲା ମାନୀ ପାଖରେ ଅଚଳ କରେନ୍‌ସି, ତାର ବାପା ପାଖରେ ବି । ତେଣୁ ତାର ଉପଲବ୍ଧି "ସବୁ ଭୁଲ । ଏକ ରେ ଏକ ମିଶିଲରେ ସବୁ ବେଳେ ଦୁଇ ହୁଏନା । ସବୁବେଳେ ପିମ୍ପୁଡି ଦୀପରୂଖା ଉଠିପାରେନା । ଏତେ ସବୁ ଫର୍ମୁଲା, ଏତେ ସବୁ ସୁତ୍ର ପରେ ବି ଆହୁରି ଅନେକ ଅଙ୍କ କଷା ବାକି ଅଛି ।"[୧୦] ଏପରିକି ତାର ଭବିଷ୍ୟତ ସମ୍ପର୍କରେ ସୂଚାଇ ଦେବାକୁ ଯାଇ କହିଛି 'ଖୋଜିବା' ।

ନିରଞ୍ଜନ ବେହେରା – ଚିରନ୍ତନ ଝମେଲା । ପ୍ରେମ ପାଇଁ ସୌରଭର ପ୍ରତିଦ୍ୱନ୍ଦ୍ୱୀ, କାରଣ ମଜବୁତ ଦେହ ଅଛି । ତାର ଓସ୍ତାଦ ପହିଲମାନ ତାକୁ କହିଛି– ଖାଅ, ପିଅ ତନ୍ଦୁରସ୍ତି କର । ଶାଦୀ ଫାଦି ମାଇଚିଆଙ୍କ କାମ । ନିଜ ଇଚ୍ଛା ବିରୁଦ୍ଧରେ ଯାଇ ନିରଞ୍ଜନ ରିସେପସନିଷ୍ଟ ଚାକିରୀ କରେ, ଟେଲିଫୋନ ପାଖରେ ବସେ । ସେ ହଜାର ଥର ଭାବିଛି ଏଇ ଟେଲିଫୋନକୁ ଭାଙ୍ଗି ଚୁରମାର କରିଦେବ କିନ୍ତୁ ପାରେନି । ବଞ୍ଚିବା ପାଇଁ ବାଧ । ମରିବାର ବାଟ ନାହିଁ । ନିଜ ଇଚ୍ଛା ବିରୁଦ୍ଧରେ ଯାଇ ନିଜ ସହିତ ଲଢିବାକୁ ପଡେ । ଦିବାକର – ବି.ଏ ପାସ କରି କିରାଣୀ ଚାକିରୀ କରେ । ଅତୀତର ଦିନଗୁଡାକୁ ତାକୁ ବେଶି ଉଚ୍ଚାଟିତ କରେ, ତାକୁ ପେଡି ଲୁଗା ଭଳି ସାଇତି ରଖେ । ଏବେ ବି ସେ – ବଜାରରେ ମୁଚମୁଚ ବାଇଗଣ, ଛନଛନିଆ କଅଁଳ ଶାଗ, ସାରୁ, କଦଳୀ, କଖାରୁରେ ନିଜର ଯୌବନକୁ ଖୋଜିବୁଲେ । ଟୁନି– ଦିବାକରର ସ୍ତ୍ରୀ । ଜୀବନରେ ସ୍ୱପ୍ନ ଥିଲା । ରୋମାଞ୍ଚିତ ହେବାର ବୟସ ଥିଲା, କିନ୍ତୁ ଦିବାକର ତାକୁ ଆବିଷ୍କାର କରିବା ପୂର୍ବରୁ ଆବିଷ୍କାର କଲେ ଯେ ସେ ମେଟ୍ରିକ ପାସ କରିଛି । ବାସ୍ ତା ପରେ ଆରମ୍ଭ ହେଲା ଆଧିପତ୍ୟ ବିସ୍ତାରର । ଟାଇପ୍ ସ୍କୁଲରେ ନାମଲେଖାବର୍ଷକ ପରେ ସାର୍ଟିଫିକେଟ୍, ତାର ଦୁଇମାସ ପରେ ମା– ଇଣ୍ଟରଭ୍ୟୁ– ପର ସାଲ ରିସେପସନିଷ୍ଟର ସିଡି ଚଢି ଏବେ ଜଣେ ଅଫିସରଙ୍କ ଖାସ୍ ଷ୍ଟେନୋ । ଅଫିସରଙ୍କ କଡା ନିର୍ଦ୍ଦେଶ ମୁଣ୍ଡରେ ସିନ୍ଦୁର ଦେବ ନାହିଁ କିମ୍ବା ଓଢଣା ଦେଇ ଅଫିସ ଆସିବ ନାହିଁ । ଅଫିସରଙ୍କ ନିଦ ଭାଙ୍ଗେ ଅପରାହ୍ଣ ସାଢେ ଚାରିଟାରେ– ଯେତେବେଳେ ସମସ୍ତେ ଜଣ ଜଣ କରି ଅଫିସରୁ ବାହାରି ଯାଆନ୍ତି । ଠିକ୍ ସେତିକିବେଳେ ଅଫିସର ଡିକ୍ଟେସନ ଦେବା ଆରମ୍ଭ କରନ୍ତି । ପ୍ରତ୍ୟେକ ଦିନ ରାତି ଆଠ କି ଦଶ ବାଜେ । ତା ପରେ ଟୁନିର ଘରେ ଆଣି ସେ ଛାଡି ଦିଅନ୍ତି । ସେଇ ଚାକିରୀ କରିବା ଦିନ ଠାରୁ ଅଫିସରୁ ଘରକୁ ଫେରିବାର ସିଧା ସଳଖ ସଟ୍‌କଟ ବାଟ ସେ ଦେଖି ନାହିଁ । ପିଣ୍ଡାରେ ପାଦ ଦେବାମାତ୍ରେ ସେ ଓଢଣାଟା ମୁଣ୍ଡ ଉପରକୁ ଟେକି ଦିଏ । ଝରକା ପାଖରେ ଲୁଚାଇ ରଖିଥିବା ସିନ୍ଦୁର ଫରୁଆଟା ବାହାର କରି ମୁଣ୍ଡରେ ଲଗାଏ – ଆଉ ଘର ଭିତରକୁ ପଶେ । ସେ ମଧ୍ୟ ମୁକ୍ତି କାମନା କରେ । ସଳଖ ବାଟ ଖୋଜେ । ସେ ଚାହେଁ ଦିବାକର ତାକୁ ସମୁଦାୟ ଭାବରେ ଆବିଷ୍କାର କରୁ । ଅଫିସରୁ ଘରକୁ ବାଟ ସଟ୍‌କଟ ହୋଇଯାଉ କିନ୍ତୁ ତାହା ହୋଇପାରେନା । ବିଭକ୍ତ ଖଣ୍ଡିତ ଜୀବନ ଭିତରେ ଆଧୁନିକ ମଣିଷର ଅସ୍ତିତ୍ୱ ବିପନ୍ନ, ସେ ବା ମୁକ୍ତି ପାଇବ କିପରି ?

ଅସହାୟ ଯନ୍ତ୍ରଣା ଜର୍ଜରିତ ଚରିତ୍ର ମାନଙ୍କ ପାଇଁ ତ୍ରାଣକର୍ତ୍ତା ହିସାବରେ ଆବିର୍ଭୂତ ହୁଏ ଯାଦୁକର । ହାତରେ ତା'ର ଥାଏ 'ଯାଦୁ କି ଡଣ୍ଡା' । ସବୁ ଅସମ୍ଭବକୁ ସମ୍ଭବ କରିବାରେ ସାମର୍ଥ୍ୟ ତା ପାଖରେ ମହଜୁଦ । ସୌରଭ ମିଶ୍ରକୁ ସର୍ବଶେଷ ଡାଇମେନସନ୍ ମିଳିଯାଏ, ମିଳିଯାଏ ସର୍ବଶେଷ ପ୍ରଶ୍ନର ଉତ୍ତର । ନିରଞ୍ଜନର ମୁଣ୍ଡ ଉପରୁ ପୃଥିବୀଟା ଓହରି ଯାଏ । ସାର୍ଟପ୍ୟାଣ୍ଟ ପିନ୍ଧା ବାବୁଗିରି ଛାଡି, ପାଏ ସୋରିଷ ତେଲ ଦେହରେ ମାରି ଫଳ୍‌କା ଉପରେ ଡିଆଁମାରେ ଓ ଗ୍ରାସେ ପେଟରେ ପକାଇ ଶୋଇ ପଡେ । ଟୁନିକୁ ମିଳିଯାଏ ବଶମ୍ୱଦ ବସ୍ – ଅନୁଗତ ସ୍ୱାମୀ । ଦିବାକରକୁ ମିଳେ ପ୍ରମୋସନ୍ । ମାନୀକୁ ମିଳେ କଣ୍ଢେଇ ସ୍ୱାମୀ– ଚାବି ମୋଡିଲେ ସେ ଚାଲିଲା । କେବଳ ବ୍ୟକ୍ତି ସଚେତନତାର ପ୍ରତିନିଧିତ୍ୱ କରି ସ୍ୱନିଷ୍ଠ ଭାବରେ ବଞ୍ଚୁଥିବା ଅଭୟ, ଯିଏ କେଉଁ ଯାଦୁକରର ମ୍ୟାଜିକ ଦ୍ୱାରା ତା'ର ହାତର ଘଣ୍ଟାକୁ ବନ୍ଦ କଲେ ବା ଚଲାଇଲେ – ସେଥିରେ ସେ ବିଚଳିତ ନୁହେଁ । ଚାରିଆଡର ବନ୍ଧା ଦଉଡିକୁ ସେ କାଟି ସାରିଛି । ତାର ସ୍ୱୀକାରୋକ୍ତି – "ମୁଁ ମହାଶୂନ୍ୟ ଘୁରି ବୁଲୁଥିବା ଗୋଟେ ବିନ୍ଦୁ । ମୁଁ କୌଣସି ସମୟ ଭୋଗ କରେ ନାହିଁ । ଭୂଗୋଳରୁ ମୁଁ ଜାଣେ ପୃଥିବୀ ସୃଷ୍ଟି, ଇତିହାସରୁ ମୁଁ ଜାଣେ ଇଭଲ୍ୟୁସନ, ଫିଲୋସୋଫିରୁ ଜାଣେ କେଉଁଠି ପହଞ୍ଚିବି, ମୁଁ ଝୁଲୁଛି ଆକାଶରେ । ଚାରିଆଡେ ଖାଲି ବିରାଟ ଶୂନ୍ୟତା, ଶୂନ୍ୟ, ଶୂନ୍ୟ, ମହାଶୂନ୍ୟ ।"[୧୧] ଅସ୍ତିତ୍ୱବାଦର ନଥିଙ୍ଗନେସ୍ ସହିତ ଅଭୟର ଚେତନା ଏକୀଭୂତ ହୋଇଯାଏ । ତାର ଶତ ପ୍ରୟାସ ବ୍ୟର୍ଥହୁଏ । ଅନ୍ୟ ସମସ୍ତେ ହୁଅନ୍ତି ଯାଦୁକରର ଦାସ, କୁତ୍ତା, ପାଦଚାଟନ୍ତି; ପ୍ରତିବଦଳରେ ସବୁ ମିଳିଯାଏ । ହେଲେ ଯାଦୁକରର 'ମ୍ୟାଜିକ ଡଣ୍ଡା' ବାସ୍ତବରେ କାହାକୁ କିଛି ଦିଏନା, କେବଳ ଦେବାର ଛଳନା କରେ । ଏମାନେ କରନ୍ତି ପାଇବାର ଛଳନା । ମନଲାଖି ପୁରୁଷ ପାଇଲା ପରେ ମାନୀ ସନ୍ତୁଷ୍ଟ ନୁହେଁ । ସୌରଭ ମିଶ୍ର ନିଜ ଭିତରେ ଏକ ହିସାବୀ କମ୍ପ୍ୟୁଟର ସାଜିଲା ପରେ ମଧ୍ୟ ବ୍ୟର୍ଥତାରେ ଘାରି ହୁଏ । ନିରଞ୍ଜନ ବେହେରା ଶେଷ ପର୍ଯ୍ୟନ୍ତ ଶାନ୍ତି ପାଏନା । ଦିବାକରକୁ ମିଳି ପାରେନା ଛନଛନ୍ ଶାଗ ଓ ଟଟ୍‌କା ବାଇଗଣ । ସଟ୍‌କଟ୍ ବାଟ ମିଳି ପାରେନା ଟୁନିକୁ । ସମସ୍ତେ ଅପ୍ରମିତ ଅଶାନ୍ତିର ବଳୟ ମଧ୍ୟରେ ଘୂର୍ଣ୍ଣାୟମାନ, ଅଣନିଃଶ୍ୱାସୀ । ପରିଶେଷରେ ଅଭୟ ଓ ବିପିନ ସେମାନଙ୍କୁ ପ୍ରେରିତ କରନ୍ତି–

ଯାଦୁକର ଏକ ପ୍ରବଞ୍ଚକ, ଠକ, ସେ ତୁମକୁ ଠକି ଦେଲା । ତୁମେ ଶାନ୍ତି ପାଇବାକୁ ହେଲେ ଯାଦୁକରକୁ ହତ୍ୟା କରିବା ନିହାତି ଜରୁରୀ । ସମସ୍ତେ ସଂକଳ୍ପ କରନ୍ତି ଯାଦୁକରକୁ ହତ୍ୟା କରିବେ । ମାତ୍ର ଯାଦୁକର ଯେ ଅଦୃଶ୍ୟ, ଅବିନାଶୀ ସତ୍ତା; ତାକୁ ହତ୍ୟା କରିବାର ସାମର୍ଥ୍ୟ ସେମାନଙ୍କର ନାହିଁ । ଯାଦୁକରର ଗୋଟାଏ ପରେ ଗୋଟାଏ ଟ୍ରିକ୍ ସଫଳ ହୁଏ । ଶେଷରେ ପ୍ରତ୍ୟେକଟି ଚରିତ୍ର ପରସ୍ପର ସହିତ ଲଢେଇ କରନ୍ତି- ଅକାରଣରେ । ସର୍ବଶକ୍ତିମାନ ଯାଦୁକର ପ୍ରତ୍ୟେକ ଥର ବିଜୟୀ ହେଉଥାଏ । ଅସହାୟ ଭାବରେ ସିସିଫସ୍ ପରି ପ୍ରତ୍ୟେକ ଚରିତ୍ର ପୁଣି ଫେରି ଆସନ୍ତି ସମସ୍ୟାର ପଥରକୁ ଉଠାଇବା ପାଇଁ, ପାହାଡର ଶୀର୍ଷ ଦେଶକୁ । ଅଭୟ ଓ ବିପିନର ସଂଳାପରେ ଅସ୍ତିତ୍ୱବାଦର ସ୍ୱର୍ଦ୍ଧିତ ଉଚ୍ଚାରଣ ଶୁଣିବାକୁ ମିଳୁଥିବା ବେଳେ ଅନ୍ୟ ସମସ୍ତେ ସମର୍ପିତ ହୋଇ ବଞ୍ଚୁଥିବା ପରନିଷ୍ଠ ଚରିତ୍ରର ପ୍ରତିନିଧିତ୍ୱ କରନ୍ତି । ସାର୍ତଙ୍କର ଘନିଷ୍ଠ ବାନ୍ଧବୀ ସାଇମନ ଡି ବେଭୋରଙ୍କର 'ଏଥିକ୍ସ ଅଫ୍ ଅମ୍ବିଗୁଇଟି' ପୁସ୍ତକରେ ଈଶ୍ୱର ସୃଷ୍ଟିର କାରଣ ସମ୍ପର୍କରେ ଯେଉଁ ମନୋବୈଜ୍ଞାନିକ ତଥ୍ୟ ରଖିଛନ୍ତି, ଯାଦୁକର ସୃଷ୍ଟି ସମ୍ପର୍କରେ ନାଟ୍ୟକାର ବିଜୟ ମିଶ୍ରଙ୍କର ଚରିତ୍ରମାନଙ୍କ ପାଖରେ ସେହି କାରଣ ପ୍ରଚ୍ଛନ୍ନ ଭାବରେ ରହିଛି । ମଣିଷର ଅସହାୟତା ଯେତେ ଦିନ ପର୍ଯ୍ୟନ୍ତ ରହିଥିବ ସେ ଆପଣାର ସ୍ୱାଧୀନତାକୁ କୌଣସି ଶକ୍ତି ପାଖରେ ସମର୍ପଣ କରି ଦେବାପାଇଁ ଅବଶ୍ୟ ବ୍ୟାକୁଳ ହେବ । ନାଟକରେ ସୌରଭ ମିଶ୍ର, ନିରଞ୍ଜନ, ମାନୀ, ଟୁନି ଓ ଦିବାକର ମଧ୍ୟରେ ମଣିଷର ସୀମାବଦ୍ଧତା, ଫ୍ୟାକ୍ଟିସିଟି, ଉଦ୍ଦେଶ୍ୟହୀନତାକୁ ସୂଚାଇ ଦିଆଯାଇଛି । ପୁନଶ୍ଚ ଆମ ସମୟରେ ବଞ୍ଚୁଥିବା ମଣିଷର କାମନା ଓ କାମନା ତୃପ୍ତିରେ ଶାନ୍ତି ଯେ ସୁଦୂର ପରାହତ ସେକଥା ମଧ୍ୟ ପ୍ରତିଫଳିତ ହୋଇଛି । ଯାଦୁକର ନାଟକଟିର ଆଲୋଚନା କରି ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ କହନ୍ତି – "The history of man's endless dissatisfaction is presented in Jadukar."[୧୨]

ନବନାଟ୍ୟ ଆନ୍ଦୋଳନର ପର୍ଯ୍ୟାୟରେ ରଚିତ 'ତଟ ନିରଞ୍ଜନା' ଏକ ମନନଧର୍ମୀ, ପରୀକ୍ଷାମୂଳକ ଓ ପ୍ରତୀକବାଦୀ ନାଟକ ହିସାବରେ ଆଲୋଚିତ ହେଲେ ମଧ୍ୟ ଅସ୍ତିତ୍ୱବାଦର ଜୀବନବୋଧ, ବ୍ୟକ୍ତି-ସ୍ୱାଧୀନତା, ବ୍ୟକ୍ତିର ନିଃସଙ୍ଗତା, ଏକାକୀତ୍ୱବୋଧ, ଅର୍ଥହୀନତା ଓ ଅର୍ଥ ଅନ୍ୱେଷଣ; ସମାଜ, ସଂଘ, ଅନୁଷ୍ଠାନ, ସଂଗଠନର ଆଧିପତ୍ୟ ପାଖରେ ବ୍ୟକ୍ତିର ଅସହାୟତା ଓ ପରିଣତିରେ ବ୍ୟର୍ଥତାର ଯେଉଁ ହୃଦୟ ବିଦାରକ ଚିତ୍ର ଅଙ୍କନ କରାଯାଇଛି ତାହା ଲକ୍ଷଣୀୟ । ବୋଧହୁଏ ଅସ୍ତିତ୍ୱବାଦୀ ଦର୍ଶନର ସ୍ୱରୂପ ଓ ବୈଶିଷ୍ଟ୍ୟକୁ ଯଦି କୌଣସି ନାଟକ ଅଧିକତର ଆପଣା ଗର୍ଭରେ ଧାରଣ କରିଛି ତେବେ ତାହା ନିଶ୍ଚିତ ଭାବରେ 'ତଟ ନିରଞ୍ଜନା' ।

ଇତିହାସ ଓ କିମ୍ବଦନ୍ତୀର ଅପୂର୍ବ ସମନ୍ୱୟରେ ଏକ କାଳୋତୀର୍ଣ୍ଣ ସତ୍ୟକୁ ଧରି ରଖିବାରେ ସମର୍ଥ ହୋଇଛି -ତଟ ନିରଞ୍ଜନା । ନାଟକଟିରେ ବୁଦ୍ଧ, ସଂଘ, ନିରଞ୍ଜନା ନଦୀ, ବୋଧିଦ୍ରୁମ, ରାହୁଳ, ଗୋପା, ଆନନ୍ଦ, ସାରିପୁତ୍ତ ଥିଲେ ମଧ୍ୟ ଏହି ନାଟକଟି ବୁଦ୍ଧଙ୍କର ଜୀବନୀ ନୁହେଁ କିମ୍ବା ବୌଦ୍ଧ ଧର୍ମ ଉପରେ ଆଧାରିତ ତାତ୍ତ୍ୱିକ ଅନୁଶୀଳନ ନୁହେଁ – ଏକଥା ନାଟ୍ୟକାର ସୂଚାଇ ଦେଇଛନ୍ତି । ସମୁଦାୟ ନାଟକରେ ଭରି ରହିଛି ପ୍ରତୀକ । ନାଟକରେ ପ୍ରଥମରୁ ସ୍ପଷ୍ଟ କରି ଦେଇଛନ୍ତି – ଏଠି ସଂଘଠାରୁ ଆରମ୍ଭ କରି ନିରଞ୍ଜନା, ବୋଧିଦ୍ରୁମ ଏବଂ ବୁଦ୍ଧ ପ୍ରତୀକ ଭାବରେ ବ୍ୟବହୃତ । ସେହିପରି ନାଟକରେ ଭରି ରହିଛି ଅନେକ ଜୀବନଧର୍ମୀ ପ୍ରଶ୍ନର ବର୍ଣ୍ଣାଳୀ । ସୃଷ୍ଟିର ପ୍ରଥମ ପ୍ରଭାତରୁ ହୁଏତ ଏହି ପ୍ରଶ୍ନ ପଚରା ଚାଲିଛି । ଆପେକ୍ଷିକ ଉତ୍ତର ଦିଆଯାଇଛି । ମାତ୍ର ମାନବିକ ତୃଷ୍ଣା ପ୍ରଶମିତ ହୋଇ ନାହିଁ । ପରମର ସନ୍ଧାନରେ ବ୍ୟାକୁଳ ହୋଇ ଉଠନ୍ତି ଏ ମାଟିର ମଣିଷ । ତଟ ନିରଞ୍ଜନାରେ ପ୍ରଶ୍ନର ଜ୍ୱାଳାରେ ଜଳି ଉଠିଛନ୍ତି ସ୍ୱୟଂ ତଥାଗତ, ଅଥଚ ସେ ଦିନେ ଥିଲେ ସବୁ ପ୍ରଶ୍ନର ଉତ୍ତର । ସେହିପରି ପ୍ରଶ୍ନ ପଚାରନ୍ତି ଗୋପା, ଇଚ୍ଛାମତୀ, ନୀଳଲୋହିତ, ସୁଜାତା, ଆନନ୍ଦ, ସାରିପୁତ୍ତ ଏବଂ ରାହୁଳ ଆଦି ଚରିତ୍ର । ନାଟକର ଅଗ୍ରଲେଖରେ ସୀତାକାନ୍ତ ମହାପାତ୍ର ଲେଖିଥିଲେ "ସେଦିନର ସନ୍ଧ୍ୟା ଥିଲା ଅନ୍ୟ ଯେ କୌଣସି ଦିନର ସନ୍ଧ୍ୟା ପରି । ବର୍ଷା କ୍ଳାନ୍ତ ସନ୍ଧ୍ୟା ଅତିକ୍ରାନ୍ତ ହୋଇ ବନ ଭୂମି ଜ୍ୟୋତ୍ସ୍ନା ପ୍ଳାବିତ ହେଲା । ଭିକ୍ଷୁଣୀ ଇଚ୍ଛାମତିକୁ କିନ୍ତୁ ଦେଇଗଲା କିଏ ଏକ ଅନନୁଭୂତ ଅସ୍ଥିରତା, ଅଜସ୍ର ଅସମାଧିତ ପ୍ରଶ୍ନ ଓ ବ୍ୟାକୁଳ ବିକ୍ଷୁବ୍ଧ ଆକାଙ୍କ୍ଷା । ସାଥୀ ଭିକ୍ଷୁ ନୀଳଲୋହିତ ସେଇ ଅଦୃଶ୍ୟ ଫଲ୍‌ଗୁର ଅବାରିତ ବନ୍ୟାରେ ହେଲା ନିରାଶ୍ରୟ । କିନ୍ତୁ ଭିକ୍ଷୁ ଆନନ୍ଦ ତାଙ୍କ ପାଇଁ ପ୍ରଶ୍ନ ନ ଥିଲା । ସଂଶୟ, ସନ୍ଦେହ, ଦ୍ୱନ୍ଦ୍ୱ ଏ ସବୁର ଯେ ଅବକାଶ ନ ଥିଲା । ପ୍ରଭୁ ତଥାଗତ ଶେଷ ପ୍ରଶ୍ନର ଉତ୍ତର ତାଙ୍କ ପାଇଁ ଦେଇ ସାରିଥିଲେ । ସଂଘ ଅନୁଷ୍ଠାନ ହିସାବରେ ସକଳ ଦୁର୍ବଳ ସଂଶୟ, ମୋଚନ କରିସାରିଥିଲେ ।

ତେଣୁ ଇଚ୍ଛାମତୀ ତାର ସ୍ୱାଭାବିକ ପ୍ରଶ୍ନ, ଜୈବିକ ସତ୍ୟକୁ ନେଇ ହେଲା ନିର୍ବାସିତ । ନୀଳଲୋହିତ ଗଲା ନୂତନ ମୁକ୍ତି, ନୂତନ ଉତ୍ତର ଖୋଜି ଅନେକ ପୁରୁଣା ପ୍ରଶ୍ନର ।

ଏଣେ କିନ୍ତୁ ଗୌତମଙ୍କର ହୃଦୟରେ ନିଭୃତ କନ୍ଦରରେ ସଂଚରିତ ହେଲା ଇଚ୍ଛାମତୀର ପ୍ରଶ୍ନାବଳୀ, ତାର ବ୍ୟାକୁଳ ଜିଜ୍ଞାସା, ରକ୍ତମାଂସର ଦେହକୁ ଅସ୍ୱୀକାର ନ କରି ପୃଥିବୀ ସହିତ ସେମାନଙ୍କର ସମୀକରଣର ସୂତ୍ର ଖୋଜିବାର ସତ୍ୟ ସନ୍ଧାନୀ ମନ । ସେ ସଞ୍ଚରଣ ଭିତରକୁ ଆସିଲା ଅନେକ ସ୍ମୃତି, ଅନେକ ଉତ୍ତରିତ ମୁହୂର୍ତ୍ତ, ବୋଧିଦ୍ରୁମରେ ମୁକୁଳିତ ହୋଇ ପଲ୍ଲବିତ ହୋଇ ପୁଣି ଜଡିଯାଉଥିବା ଅଜସ୍ର ପତ୍ରରାଜି । ମନ ହେଲା ନା ଆହୁରି ଖୋଜିବାକୁ ହେବ । ଶେଷ ପ୍ରଶ୍ନ ଏ ଯାବତ୍ ପଚରାଯାଇ ନାହିଁ । ପ୍ରଶ୍ନର ଉତ୍ତର ଏ ଯାବତ୍ ମିଳି ନାହିଁ, ନିରଞ୍ଜନାଯେ ପ୍ରବହମାନ, ଚିର ନିତ୍ୟ ଉତ୍ତରଣ ତାର ଅଭୀପ୍ସା ।"[୧୩] ତଟ ନିରଞ୍ଜନାର ପ୍ରଶ୍ନ ସବୁ ବୌଦ୍ଧିକ, ମୌଳିକ, ମାନବୀୟ ଓ ଅସ୍ତିତ୍ୱମୂଳକ ।

ନାଟକର ସମୁଦାୟ କଥାବସ୍ତୁ ଗଢି ଉଠିଛି ଚାରୋଟି ସ୍ଥାନକୁ ନେଇ – ବୈଶାଳୀର ଆମ୍ରବନ, କୌଣସି ଏକ ଅରଣ୍ୟର ପ୍ରାନ୍ତ ଭାଗ, କପିଳବସ୍ତୁର ରାଜପ୍ରାସାଦ ଏବଂ ରାଜଗୃହର କୌଣସି ଏକ କ୍ଷୁଦ୍ର କୁଟୀର । ଇତିହାସ ଅବୟବ ମଧ୍ୟରେ ଚିରନ୍ତନ ମାନବାତ୍ମାର ମୁକ୍ତିର ମାର୍ଗ ଅନ୍ୱେଷଣ କରିବାର ପ୍ରୟାସ କରିଛନ୍ତି ନାଟ୍ୟକାର । ଯେଉଁ ଚରିତ୍ରଗୁଡିକୁ ସାଉଁଟିଛନ୍ତି ସେମାନେ ସମସ୍ତେ ଏକ ସ୍ୱୟଂକ୍ରିୟ ପରିବେଶ ଓ ଅସ୍ତିତ୍ୱର ସଂକଟରେ ଉବୁଟୁବୁ ହେଉଛନ୍ତି । ମନୁଷ୍ୟର ଆନ୍ତରିକ ଓ ବାହ୍ୟ ପରିସ୍ଥିତିଗୁଡିକ ବ୍ୟକ୍ତି ମଧ୍ୟରେ ଅନ୍ତର୍ବିରୋଧ ସୃଷ୍ଟି କରିଛି । "ସାମ୍ପ୍ରତିକ ମଣିଷର ଦ୍ୱିଧାଗ୍ରସ୍ତ ମନକୁ ନାଟ୍ୟକାର ଶ୍ରୀ ମିଶ୍ର ନିଜର ଲାବୋରେଟରିରେ ଖ୍ରିନ୍‌ଭିନ୍ କରି ପରୀକ୍ଷା କରିଛନ୍ତି । ପରିସ୍ଥିତିର ସଂକଟ ଏବଂ ଅନ୍ଧ ଶକ୍ତିର ସଂଘର୍ଷ ମଧ୍ୟରେ ଆଧୁନିକ ମଣିଷର ମନ ଦ୍ୱିଧାଗ୍ରସ୍ତ ହୋଇ ପଡିଛି । ସେଥିପାଇଁ ନାଟ୍ୟକାରଙ୍କର ପ୍ରତ୍ୟେକ ଚରିତ୍ର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ପହଞ୍ଚିପାରି ନାହାନ୍ତି ଅର୍ଥାତ କେତେବେଳେ ଏପଟ ତ କେତେବେଳେ ସେପଟ । କେଉଁଠି ଭୁଲ କେଉଁଠି ଠିକ୍, ଜାଣିବା ସେମାନଙ୍କର ପକ୍ଷେ କଷ୍ଟକର ହୋଇ ପଡିଛି । ଏ ବିଡମ୍ବନାରୁ ମୁକ୍ତି ପାଇ ପାରି ନାହାନ୍ତି ଗୌତମ, ନୀଳଲୋହିତ, ଇଚ୍ଛାମତୀ, ଗୋପା । ବିଜୟ ମିଶ୍ରଙ୍କ ଉକ୍ତ ନାଟକର ଜୀବନ ଦର୍ଶନ ଭିତରୁ ଆମେ ଆଧୁନିକ ମଣିଷର ଅସ୍ତିତ୍ୱକୁ ନେଇ ଉତ୍କଣ୍ଠା, ପୀଡା, ଯନ୍ତ୍ରଣା, ସନ୍ତ୍ରାସ, ଦୁଃଖ ଏବଂ ତୀବ୍ର ବେଦନାବୋଧର ପରିଚୟ ପାଇଥାଉ ।"[୧୪] ନାଟକରେ ଚରିତ୍ରମାନଙ୍କୁ ମୁଖ୍ୟତଃ ଦୁଇଟି ବର୍ଗରେ ବିଭକ୍ତ କରାଯାଇ ପାରିବ । ପ୍ରଥମ ବର୍ଗରେ ସମାଜ, ପ୍ରଥା, ପରମ୍ପରା, ସଂଘ, ଅନୁଷ୍ଠାନ ଓ ସବୁ ସତ୍ୟ ଆବିଷ୍କୃତ ହୋଇଥିବାର ବିଶ୍ୱାସ କରୁଥିବା ପରନିଷ୍ଠ ଚରିତ୍ର, ଯଥା- ଆନନ୍ଦ, ସାରିକୃତ ଓ ରାହୁଳ । ଏମାନେ ସମାଜ ନଦୀର ସୁଅରେ ଭାସମାନ । ସ୍ୱାଧୀନତା ପଖାରୁ ପଳାୟମାନ କରିଥିବା ଚରିତ୍ର । ଏମାନଙ୍କ ପାଖରେ ଉଦ୍‌ବେଗ ନାହିଁ, ସ୍ୱଚ୍ଛ ଦୃଷ୍ଟି ନାହିଁ କିମ୍ବା ବ୍ୟକ୍ତିଗତ ପରିଚୟ ନାହିଁ । ସେଥିପାଇଁ ଆନନ୍ଦ କହନ୍ତି "ଏଠିକି ଆସିବା ପୂର୍ବରୁ ସମସ୍ତଙ୍କର ବ୍ୟକ୍ତି ସତ୍ତା ବିଲୁପ୍ତ । ସଂଘର ପରିଚୟରେ ଆମ ସମସ୍ତଙ୍କର ପରିଚୟ ।"[୧୫] ପରନିଷ୍ଠତାର ଅନନ୍ୟ ଉଦାହରଣ ଆନନ୍ଦ । ନିଜକୁ କୌଣସି ଏକ ବାହ୍ୟ ଶକ୍ତି ବା ସତ୍ତାର ଦାସ କରିଦେଲେ ମଣିଷ ଯେଉଁ ସୁବିଧା ଓ ନିରାପତ୍ତା ପାଏ ସେପରି କାମନା ପ୍ରଚ୍ଛନ୍ନରେ ରହିଛି ଆନନ୍ଦ, ସାରିପୁତ୍ତ ଓ ରାହୁଳ ସନ୍ନିକଟରେ । କାରଣ ସେମାନଙ୍କର ପତକା ତଳକୁ ଆସିଲେ ମିଳେ – ଉତ୍ତମ ଖାଦ୍ୟ, ଉତ୍ତମ ପ୍ରତିଶ୍ରୁତି । ସବୁ ଜିଜ୍ଞାସାର ଶେଷ ଓ ପଳାୟନର ଆରମ୍ଭ । ଏମାନେ ସମସ୍ତେ ଇଚ୍ଛାମତିର ଭାଷାରେ "ସନ୍ତୁଷ୍ଟ ବୋକା । ନିକଟତମ ଗଛକୁ ଜାବୁଡି ଧରିବାକୁ ଚାହଁ, ଯାହାକୁ ପରେ ବିଶ୍ୱାସ ବୋଲି କୁହ । ତମେ ରାସ୍ତା ତିଆରି କରିପାରିନ । ଅନ୍ୟ ରାସ୍ତାରେ ଚାଲିବାରେ ତୁମେ ଅଭ୍ୟସ୍ତ ।"[୧୬] ଏମାନେ ଖାଲି ଅନ୍ଧ ଭାବରେ ଅନୁସରଣ କରି ଜାଣନ୍ତି । ବିନା ଯୁକ୍ତିରେ ନିରବ ହୋଇ ଜାଣନ୍ତି, ବିନା ଯୁଦ୍ଧରେ ଆତ୍ମସମର୍ପଣ କରି ପାରନ୍ତି । ସେମାନେ ସମସ୍ତେ ନିଶ୍ଚେତନାର ଅତଳ ଗହ୍ୱରରେ ସନ୍ତୁଷ୍ଟ ଥିବାରୁ ଚମତ୍କାର ଅଭିନୟ କରିପାରନ୍ତି । ସେମାନଙ୍କର ସ୍ୱାଧୀନତା ଅପହୃତ ହୋଇ ରହିଥାଏ । ସେମାନେ ଆଉ ବ୍ୟକ୍ତି ହୋଇ ରହି ନ ଥାନ୍ତି । ସମାଜ, ସଂଘ ବା ଅନୁଷ୍ଠାନର ଅସଲ ସ୍ୱରୂପକୁ ଉଖାରି ଇଚ୍ଛାମତୀ କହିଛି – "ମଣିଷକୁ ସହଜ ଭାବରେ ଗଢି ଉଠିବାକୁ କେହି ଦିଏ ନାହିଁ । ଆଜି ନୁହେଁ, ଆବହମାନ କାଳରୁ ମଣିଷ ପରାଧୀନ । ଧର୍ମ ନାମରେ, ଶାସନ ନାମରେ, ସମ୍ପର୍କ ଏବଂ ପରିବାର ନାମରେ, ଏକ ଅନୁଷ୍ଠାନଗତ ପଶୁ ।"[୧୭]

ଅନ୍ୟ ପାର୍ଶ୍ୱରେ ଅଛନ୍ତି ଚିରନ୍ତନ ଜିଜ୍ଞାସୁ ମାନବାତ୍ମାର ପ୍ରତୀକ ଇଚ୍ଛାମତୀ, ନୀଳଲୋହିତ, ଗୌତମ ଓ ସୁଜାତା । ଏମାନେ ସମସ୍ତେ ସ୍ୱନିଷ୍ଠ ବ୍ୟକ୍ତିର ପ୍ରତିନିଧିତ୍ୱ କରନ୍ତି । ଏମାନଙ୍କ ପାଇଁ ସତ୍ୟ ବ୍ୟକ୍ତିଗତ । ତେଣୁ ଇଚ୍ଛାମତୀ ପରି ଚରିତ୍ର କହିପାରନ୍ତି – "ମୋର ଜାଣିବା ବହିର ଜାଣିବା ନୁହେଁ । ଦେହ ମନ ଏବଂ ପ୍ରାଣ ଦେଇ ଯେତେ ଟିକିଏ ଜାଣେ, ସେଇ ମୋର ପାଥେୟ । ଅନେକ ଜାଣିବାର ଗର୍ବ ମୋର ନାହିଁ ।"[୧୮] ତେଣୁ ଏକାନ୍ତ ବ୍ୟକ୍ତିନିଷ୍ଠ ଚରିତ୍ର ହିସାବରେ ସେ ଋହେଁ – ଜ୍ୟୋତ୍ସ୍ନାକୁ ଆଞ୍ଜୁଳାରେ ଗୋଟାଇ ନେବାକୁ । କାରଣ ତା'ର ବିଶ୍ୱାସ ବର୍ଷା ଭିଜେଇ ପାରିଲାନି, ଜ୍ୟୋତ୍ସ୍ନା ଯଦି ଧୋଇ ଦେଇ ପାରେ । ତେଣୁ ତା'ର ଉପଲବ୍ଧି ଭିତରେ ଆସେ – ଦେହରେ ସମୁଦ୍ରର ଗନ୍ଧ, ଆଖିରେ ଆକାଶର ନୀଳ, ବାହୁରେ ନଦୀରେ ପ୍ଲାବନ ଓ ପ୍ରେମ ସବୁଜ ଅରଣ୍ୟ । ସେ ଋହେଁ ସତ୍ୟକୁ ସ୍ୱୟଂ ଆବିଷ୍କାର କରିବାକୁ । "ଏଇ ଦେହଟା ? ଯିଏ ବର୍ଷାରେ ବି ଭିଜେ ନାହିଁ, ଶୀତଳ ହୋଇବି ସ୍ନିଗ୍ଧ ହୁଏନି ।"[୧୯] ପୁନଶ୍ଚ- କ'ଣ ସିଏ, ଯାହା ଦୁଃଖଠାରୁ ସ୍ୱର୍ଣ୍ଣତର ? ତାର ସ୍ମୃତି, ପ୍ରେମ ଓ ନୀଳଲୋହିତକୁ ପାଇବା ପାଇଁ ଅନୁସରଣ କରିଥିଲା । ନୀଳଲୋହିତ ଆନନ୍ଦର ସନ୍ଧାନରେ, ସତ୍ୟର ଉପଲବ୍ଧି କରିବା ପାଇଁ ସଂଘରେ ଅର୍ହତ ହେବାପରେ ଇଚ୍ଛାମତୀର ସ୍ୱାଧୀନତା ବ୍ୟାହତ ହୋଇଛି । ପ୍ରେମ ଉପେକ୍ଷିତ ହୋଇଛି । କାରଣ ସଂଘ- "ଦେହ ଦେଇ ଦେହର ଉର୍ଦ୍ଧ୍ୱକୁ ଉଠିବାକୁ ଏମାନେ ବିଶ୍ୱାସ କଲେନି ।"[୨୦] ଏବଂ "ସଂଘର ସମସ୍ତ ଦୀକ୍ଷିତମାନଙ୍କୁ ଗୋଟିଏ କହିବାର କଥା, କାମନାର ବିନାଶ ତାର ସମସ୍ତ ସର୍ତ୍ତ ଓ ସତ୍ତା ସାଙ୍ଗରେ ଯାଇ ସମ୍ଭବ ହେବ । କାମନା ଠାରୁ ଦୂରରେ ରହି କାମନାର ବିନାଶ ଏକା ପ୍ରହସନ, ଏକ ଛଳନା ।"[୨୧] ଉପରୋକ୍ତ ସଂଳାପ ମଧ୍ୟ ଦେଇ ଅସ୍ତିତ୍ୱବାଦରେ ସ୍ୱୀକୃତ ସମଗ୍ର ମାନବୀୟ ଅସ୍ତିତ୍ୱର କଥା ପ୍ରତିଧ୍ୱନିତ ହୋଇଛି । କେବଳ ବିଋର, କେବଳ ଅମୃତ ସତ୍ତା, କେବଳ ଆତ୍ମାକୁ ସ୍ୱୀକାର କରି ମଣିଷ ଦେହ ଧାରଣ କରି ପାରେ, କିନ୍ତୁ ପୂର୍ଣ୍ଣାଙ୍ଗ ମଣିଷ ହିସାବରେ ବଞ୍ଚିପାରେନା । ଏ ଦେହ ଯଦି ଦୃଶ୍ୟମାନ ଆତ୍ମା ତେବେ ଆତ୍ମା ହେବ ଅଦୃଶ୍ୟ ଶରୀର – ଏହା ଏକ ଅସ୍ତିତ୍ୱବାଦର ବିଶ୍ୱାସ । କିନ୍ତୁ ପରନିଷ୍ଠ ମଣିଷମାନେ ଇଚ୍ଛାମତୀର ପ୍ରଶ୍ନର ସମ୍ମୁଖୀନ ହୋଇ ନ ପାରି ଶୀଳ, ସଂଯମ, ଶୃଙ୍ଖଳା ଓ ଅନୁଶାସନ ନାମରେ ସଂଘରୁ ବହିଷ୍କାର କରନ୍ତି ।

ମଞ୍ଚରେ ଆବିର୍ଭୂତ ହୁଅନ୍ତି ଗୌତମ- ଚରୈବେତିର ମନ୍ତ୍ରରେ ଦୀକ୍ଷିତ ସେ । ମଣିଷ ପୂର୍ଣ୍ଣ ନୁହେଁ, ଗଢା ଋଲିଛି ଏବଂ ଏଇ ଗଢା ଅବ୍ୟାହତ ରହିବ । ସେଥିପାଇଁ ସେ କହିପାରନ୍ତି- "ହିମାଳୟର ପାଦ ଦେଶରୁ କୁମାରିକା ପର୍ଯ୍ୟନ୍ତ ଗୋଟେ ବିସ୍ତୃତ ଭୂଖଣ୍ଡ । ଛାତି ମେଲେଇ ପଡି ରହିଛି, ଆମନ୍ତ୍ରଣ କରୁଛି ଆସ, ଋଲୁଋଲୁ ଅନେକ ଶିଖିବ । ଅନେକ ମୋହ ଭାଙ୍ଗିଯିବ ।"[୨୨] ପରନିଷ୍ଠତାର ପ୍ରତିଭୂ ଆନନ୍ଦଙ୍କ ପାଇଁ ସତ୍ୟ ଆବିଷ୍କୃତ ଓ ପ୍ରତିଷ୍ଠିତ ହୋଇ ସାରିଥିବା ବେଳେ ଗୌତମ କହନ୍ତି ନୂତନ ଅଭିଜ୍ଞତା ଆହରଣ କରିବାକୁ ପଡିବ । ତାଙ୍କ ପାଇଁ – "ଜୀବନ ଖାଲି ପ୍ରଶ୍ନର ପରିକ୍ରମା । ଆଉ ଜୀବନ ସାରା ସେଇ ପ୍ରଶ୍ନ ସବୁର ଉତ୍ତର ପାଇଁ ପ୍ରସ୍ତୁତି ।"[୨୩] ସେ ନିଜକୁ ରୂପାନ୍ତରିତ କରିପାରନ୍ତି ଯାତ୍ରୀରେ । ଯାହାର ଯାତ୍ରା ପଥରେ ରୋଗ – ଜରା ଏବଂ ମୃତ୍ୟୁର ଅନେକ ଜିଜ୍ଞାସା । ତାଙ୍କର ସ୍ୱୀକାରୋକ୍ତି – "ମୁଁ ନିଜେ ବି ତ ଅନେକ ପ୍ରଶ୍ନର ଉତ୍ତର ପାଇନି ।"[୨୪]

ଗୌତମ ଏକ ବିଚ୍ଛିନ୍ନ ସତ୍ତା ଭାବରେ ଗୋଟିଏ ସମୟରେ ଉଭା ହୋଇ ପାରନ୍ତି । ନିଜକୁ ପରିପୂର୍ଣ୍ଣ ଭାବରେ ଆବିଷ୍କାର କରିବା ପୂର୍ବରୁ ପରନିଷ୍ଠ ବ୍ୟକ୍ତିମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଗଲେ । ପରନିଷ୍ଠ ବ୍ୟକ୍ତିମାନେ ତାଙ୍କୁ ପରିଣତ କରିଦେଲେ ଏକ ମୂର୍ତ୍ତିରେ ଅଶାନ୍ତ ନଦୀ (ଆନନ୍ଦ, ସାରିପୁତ୍ତ ଓ ବୃହତ୍ତର ସମାଜ) ସମୁଦ୍ରରେ ନିଶ୍ଚିହ୍ନ ହେଲାପରି ବୁଦ୍ଧଙ୍କ ପାଖରେ ନିଜକୁ ସମର୍ପି ଦେଲେ । କିନ୍ତୁ ପରିଣାମରେ ବୁଦ୍ଧଙ୍କର ପ୍ରବହମାନ ଅସ୍ତିତ୍ୱ ଏକ ସ୍ଥୁଳ ଓ ବୋଧଗମ୍ୟ ବସ୍ତୁରେ ପରିଣତ ହେଲା । କିନ୍ତୁ ବୁଦ୍ଧଦେବ ନିଜେ କହନ୍ତି – ଅନ୍ତ ଭିତରେ ମୁଁ ଚିର ଅଶାନ୍ତ, ଚିର ଅସ୍ଥିର । ସେଇ ଅଶାନ୍ତ, ଅସ୍ଥିର ଜିଜ୍ଞାସା ଭିତରେ ତାଙ୍କ ଉପଲବ୍ଧି ହୋଇଛି – "କପିଳବସ୍ତୁ ନିରଞ୍ଜନା ଯେତିକି ଦୂର, ନିରଞ୍ଜନାରୁ କପିଳବସ୍ତୁ କିନ୍ତୁ ତା ଠାରୁ ଅନେକ ଦୂର ।"[୨୫] ଦୁଇଟି ଦୃଶ୍ୟମାନ ବିନ୍ଦୁ ମଧ୍ୟରେ ଯେପରି ଅପରିସୀମ ଓ ଅଲଙ୍ଘନୀୟ ଦୂରତ୍ୱ- ତାହା ହେଉଛି କାଳର, ଉପଲବ୍ଧିର; ପଦାର୍ଥ ବିଜ୍ଞାନର ଚତୁର୍ଥ ଡାଇମେନ୍‌ସନ୍‌ର । ଏପରିକି ନିଜ ପୁତ୍ର ରାହୁଳକୁ ଉପଦେଶ ଦେବାକୁ ଯାଇ କହନ୍ତି – "ଆବିଷ୍କାର କର ତମ ନିଜ ଚଲାବାଟ । ××× ଆବିଷ୍କାର କର ନିଜେ ।"[୨୬] ପୁନଶ୍ଚ ତାଙ୍କର ଅନୁଭବ ହୁଏ ଶେଷ ନାହିଁ, ଶେଷ ନାହିଁ ଜୀବନର ପରିକ୍ରମା, ଜୀବନର ସବୁ ପରିବର୍ତ୍ତନ, ଉପଲବ୍ଧି ଆଉ ଅଭିଜ୍ଞତା ହଠାତ ଘଟିଯାଏ । ଯେମିତି ଅଋନକ ଭୂମିକମ୍ପ ଆସେ, ଆସେ ବିସ୍ଫୋରଣ, ସବୁ ମାନଚିତ୍ର ବଦଳି ଯାଏ । ଜୀବନ

ବାଟରେ ଚାଲୁଚାଲୁ ସେ ବୁଝି ପାରନ୍ତି– ଜୀବନ ଯଦି ନଦୀ ଭଳି, ନିରଞ୍ଜନା ଭଳି ଚିର ପ୍ରବହମାନ, ତାକୁ ଅତିକ୍ରମ କରିବାକୁ ପଡେ କେତେ ପର୍ବତର ପ୍ରାଚୀର, କେତେ ସମତଳ ଭୂମିର ଆଲିଙ୍ଗନ । ସର୍ବଶ୍ରେଷ୍ଠ ସତ୍ୟ ବୋଲି ଜୀବନରେ କିଛି ନାହିଁ । ମଣିଷର ବିବର୍ତ୍ତନ ସମୟରୁ ସମୟକୁ ସତ୍ୟ ବିକଶିତ ।

ଅସ୍ତିତ୍ୱବାଦୀ ଚରିତ୍ର ହିସାବରେ ଗୌତମ ଓ ଇଚ୍ଛାମତୀ ମଧ୍ୟରେ ଏକ ଆତ୍ମିକ ସଂଯୋଗ ଦୃଶ୍ୟମାନ ହୁଏ । ଅସ୍ତିତ୍ୱବାଦରେ ପୂର୍ଣ୍ଣତା କାମ୍ୟ ନୁହେଁ, କେବଳ ଏକ ସୋପାନର ଆରୋହଣ, ଏକ ଶିଖର ଲଙ୍ଘନ । ତେଣୁ ସତ୍ୟର ଅନୁସନ୍ଧାନରେ, ଜୀବନର ଅର୍ଥ ଖୋଜିବାକୁ ପୁନଃରାୟ ନିଜକୁ ପ୍ରସ୍ତୁତ କରନ୍ତି । ପୁରୁଣା ସତ୍ୟକୁ, ଉପଲବ୍ଧିକୁ ଅତିକ୍ରମ କରି ପୁନଃ ଘୋଷଣା କରନ୍ତି "କାମନା ଆଶାର ଅନ୍ୟ ନାମ ନୁହେଁ, ଦୁଃଖ ସୁଖର ବି ରୀତ ହୋଇ ପାରେନା । ନିର୍ବାଣ ଜୀବନର ଶେଷ ପରିଚ୍ଛେଦ ନୁହେଁ ଏବଂ ମୁଁ ସର୍ବଶେଷ ବୁଦ୍ଧ ନୁହେଁ ।"[୨୭] ଉପରୋକ୍ତ ସମସ୍ତ ସଂଳାପ ଦେଇ ଯେଉଁ ଉପଲବ୍ଧିର ଅଭିବ୍ୟକ୍ତି ଘଟିଛି ତାହା ଅସ୍ତିତ୍ୱବାଦର ଅନ୍ତସ୍ୱର । ସତ୍ୟ ବ୍ୟକ୍ତିଗତ ଓ ନିତ୍ୟ ପରିବର୍ତ୍ତନଶୀଳ ।

ସେହିରି ଅସ୍ତିତ୍ୱବାଦରେ ଉଦ୍‌ବେଗର ଏକ ବଳିଷ୍ଠ ଭୂମିକା ରହିଛି । ନାଟକରେ ଗୋପା ଓ ରାହୁଳ ଭିତରେ ଯଦିଓ ଉଦ୍‌ବେଗ ଅଛି ତାହା ନିରାପତ୍ତା ନିର୍ଭର, ପରନିଷ୍ଠ ମଣିଷର । ଅହଙ୍କାର ପ୍ରତିଷ୍ଠା ପାଇଁ ବା ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ତା ପଛରେ କାରଣ ହିସାବରେ ବର୍ତ୍ତମାନ । କିନ୍ତୁ ଗୌତମ ଯେତେବଳେ ଉଦ୍‌ବେଗର ଶିଖର ଉପରେ ଦଣ୍ଡାୟମାନ, ସେତେବେଳେ ତାଙ୍କର ଅନୁଭବ– "ମୁଁ ବୁଝିପାରୁନି, କାହିଁକି ମନ ଭିତରେ ଏ ପ୍ରଚଣ୍ଡ ଝଡ । ମୁଁ ଯେପରି କିଛି କହିବାକୁ ଚାହେଁ ଅଥଚ କହି ପାରୁନି । ଅନ୍ତର ଭିତରୁ କୌଣସି ଏକ ନିର୍ଦ୍ଦେଶ, ଅଥଚ ତାର କୌଣସି ରୂପ ନାହିଁ, ଭାଷା ନାହିଁ, ଖାଲି ଏକ ଅନାହତ ଧ୍ୱନି ! ଆନନ୍ଦ, ସେ କଅଣ ?"[୨୮]

ଗୌତମ ଏକା ବିଚ୍ଛିନ୍ନ ବ୍ୟକ୍ତି । ଏକାକୀତ୍ୱର ଅସହ୍ୟ ଜ୍ୱାଳା ଭିତରେ ଦେଇ ତାଙ୍କର ମାର୍ଗ ଚରଣ । ସତ୍ୟ ଉପଲବ୍ଧିର ଅସରନ୍ତି ପଥ ଚାଲିବା ପୂର୍ବରୁ ସତ୍ୟ ଆବିଷ୍କୃତ ବୋଲି ଘୋଷିତ ହେଲା । ସଂଘ ଗଢାଗଲା । ଦୀକ୍ଷା ପ୍ରଦାନ କରାଗଲା । ଅନୁଷ୍ଠାନର ଆକାର ବୃଦ୍ଧି ପାଇଲା । ଚିର ପ୍ରବହମାନ ନିରଞ୍ଜନାକୁ ରୂପାନ୍ତିତ କରିଦିଆଗଲା ସ୍ଥବିର ବୋଧିଦ୍ରୁମରେ, ଗତିହୀନ, ପରିବର୍ତ୍ତନହୀନ ଚିରନ୍ତନତାରେ । ନିଜେ ସୃଷ୍ଟି କରିଥିବା ବୁଦ୍ଧ ସ୍ୱୟଂ ପରାଜିତ । "ପରାଜିତ ! ସେ ଛାଇର କଳଙ୍କ ମୋ ଦେହ ସାରା ବୋଳି ହୋଇଯାଇଛି । ସମ୍ମୁଖରେ, ପଶ୍ଚାତରେ, ବାମରେ, ଦକ୍ଷିଣରେ, ସେ ଛାଇ ତାର ଅଦ୍ଭୁତ ଲମ୍ବା ହାତ ସେଇ ମତେ ସ୍ଥାଣୁ କରି ଦେଇଛି । ××× ଗୌତମ ଆଜି ତଥାଗତର କାରାଗାରରେ ବନ୍ଦୀ, ଅସହାୟ ।"[୨୯]

ଅସ୍ତିତ୍ୱବାଦରେ ବ୍ୟର୍ଥତା ହିଁ ଚିରନ୍ତନ ସତ୍ୟ । ବି'ଳତା ହିଁ ତାର ବରଣିୟ ବିଭୁତି । ପ୍ରତ୍ୟେକ ପ୍ରାପ୍ତି ଅନ୍ୟ ଏକ ଅପୂର୍ଣ୍ଣତାର ଜନ୍ମଦାତ୍ରୀ । ଗୌତମ– ତଥାଗତ ପାଖରେ ପରାଜିତ, ଅସହାୟ, ବ୍ୟର୍ଥତାରେ ଜୁଡୁସୁଡୁ । ଜୀବନର ଅନ୍ତିମବାଣୀ ଦେବା ପରେ ମଧ୍ୟ 'ସଂଘ' ଦ୍ୱାରା ତାହା ଲିପିବଦ୍ଧ ହୁଏନା । ଘୋଷଣା କରାଯାଏ ସେ ମୌନବ୍ରତ ପାଳନ କଲେ । ଅନେକ କିଛି କହିବାକୁ ଚାହୁଁଥିବା ବେଳେ ଜୋର କରି ମୁହଁ ବନ୍ଦ କରି ଦିଆଯାଏ । ସଂପୂର୍ଣ୍ଣ ଶାକାହାରୀ ହୋଇଥିବା ବେଳେ ଛଳନାରେ ଶୂକର ମାଂସ ଖାଇବା ପାଇଁ ବାଧ୍ୟ କରାଯାଏ ଏବଂ ଅସହାୟ ଭାବରେ ବ୍ୟର୍ଥ ମନୋରଥ ହୋଇ ମରିବାକୁ ଛାଡି ଦିଆଯାଏ । ଇଚ୍ଛାମତୀ ଓ ନୀଳଲୋହିତ ତଥାପି ଅପେକ୍ଷା କରନ୍ତି – ହୁଏତ ଅନ୍ୟ କିଏ ଆସିବେ, କେବେ ନା କେବେ, ଆମ୍ଭମାନଙ୍କ ପ୍ରଶ୍ନର ଉତ୍ତର ମିଳିବ । ନାଟକର ଶେଷରେ ଅତ୍ୟନ୍ତ କରୁଣ ଭାବରେ ଗୌତମ 'ସଂଘର' ସୀମାବଦ୍ଧତା ଭିତରେ ଛନ୍ଦି ହୋଇ ମୃତ୍ୟୁ ବରଣ କରନ୍ତି ଏବଂ ଉପଲବ୍ଧ ସତ୍ୟର ଗର୍ଭପାତ କରି ଦିଆଯାଏ ।

ବିଂଶ ଶତାବ୍ଦୀର ଅସ୍ତିତ୍ୱସଚେତନ ମଣିଷ ଚାହେଁ ତାର ପରିବେଶ, ପରିବେଷ୍ଟନୀ, ମାନବୀୟ ସମ୍ପର୍କର ଆଧାର ଶିଳାକୁ ବଦଳାଇ ଦେବ । ବ୍ୟବସ୍ଥାରେ ଆଣିବ ତୁମୁଳ ପରିବର୍ତ୍ତନ । ଯୁଗଯୁଗରୁ ମଣିଷକୁ ଯିଏ ଆପଣାର ଅନୁମତ୍ୱ ଆବିଷ୍କାର କରିବାକୁ ଦେଇ ନାହିଁ, ତାହା ଆବିଷ୍କୃତ ହେବ । ଫେରି ଆସିବ ତାର ଅପହୃତ ସ୍ୱାଧୀନତା । ପୁଣିଥରେ ସେ ଅନ୍ତର୍ମୁଖୀ ହୋଇ ଜୀବନ ବଞ୍ଚିବାର ସୁଯୋଗ ଲାଭ କରି ପାରିବ । ଆପଣାକୁ ଯଥାର୍ଥରେ ଅଭିବ୍ୟକ୍ତ କରି ସେ ବ୍ୟକ୍ତିରେ ରୂପାନ୍ତରିତ ହୋଇ ପାରିବ । ଫାଣ୍ଟାସି ଓ ରୂପକାତ୍ମକ ଶୈଳୀର ଅନୁମ ସମାବେଶରେ ନାଟ୍ୟକାର ବିଜୟ ମିଶ୍ର ସୃଷ୍ଟି କରନ୍ତି ନାଟକ 'ଜଣେ ରାଜା ଥିଲେ'

(୧୯୮୧)। ନାଟକର ପ୍ରଥମରୁ ଯିଏ ମଞ୍ଚକୁ ଆସନ୍ତି ସେ ହେଉଛନ୍ତି ନିରଞ୍ଜନ। ଉଦ୍‌ବେଗରେ ଜଡସଡ। କାରଣ ସେ ସଚେତନ ହେବାକୁ ଆରମ୍ଭ କରିଛି। "ମୁଁ ଯଦି ଆପଣମାନଙ୍କ ସାଙ୍ଗରେ ମିଶି ଯାଇପାରନ୍ତି, ସେମାନେ ମତେ ଆଉ ଖୋଜି ପାଆନ୍ତେ ନାହିଁ। କିନ୍ତୁ ମୁଁ ମିଶି ପାରିବି ନାହିଁ। କାହିଁକି ଜାଣନ୍ତି ? ଆପଣମାନଙ୍କର ମୁହଁ ଆଉ ମୋ ମୁହଁ ସମାନ ନୁହେଁ। ଆପଣମାନେ ସମସ୍ତେ ଓଟ ପରି ଦେଖାଯାଉଛନ୍ତି । ଆଉ ମୁଁ ? ବହୁତ ଦିନ ହେଲା ମୋ ମୁହଁ ମୁଁ ଦେଖିନି । ମୋର ମନେ ହେଉଛି, ହୁଏତ ମୋର ମୁହଁଟା ମଣିଷର ମୁହଁ ପରି ହୋଇଥିବ। ମୁଁ ଦେଖି ପାରୁଛି ଆପଣମାନଙ୍କ ପିଠିରେ ଗୋଟାଏ ଗୋଟାଏ କୁଜ ଆପଣମାନେ ଆଖି ଦରବୁଜା କରି ପାକୁଳି କରୁଛନ୍ତି । କ'ଣ ପାକୁଳି କରୁଛନ୍ତି, ତା' ବି କହିଦେବି । କଞ୍ଚା ସିଝୁ ମୁହଁରେ ପୁରେଇ ଚୋବଉଛନ୍ତି । ନାଇଁଆଜ୍ଞା, ଖାଲି ଆପଣମାନେ ନୁହଁନ୍ତି । ଏ ରାଜ୍ୟଟା ସାରା ଏଇୟା କରୁଛନ୍ତି । ଓଟ ମୁହାଁ ଲୋକ, ପିଠିରେ କୁଜ, ପାଟିରେ କଞ୍ଚାସିଝୁ ଚୋବା ଚ-ଲି-ଛି । ଆହାରେ ! ମୁଁ ଯଦି ସେମିତି ହୋଇ ପାରନ୍ତି ।"[୩୦] ଗୋଟାଏ ପଟେ ସମାଜ, ଗୋଷ୍ଠୀ, ବ୍ୟବସ୍ଥାର ନିରାପତ୍ତା ଓ ପ୍ରଲୋଭନ । ଅନ୍ୟ ପଟେ ଦଣ୍ଡ ଓ ଅଜ୍ଞାତ ଭୟରେ ସାଧାରଣ ଲୋକର ସର୍ତ୍ତହୀନ ସମର୍ପଣ । ସ୍ୱାତନ୍ତ୍ର୍ୟର ବିଲୋପ ହିଁ ପ୍ରଚଳିତ ଶାସନର ମୁଖ୍ୟ ଆଭିମୁଖ୍ୟ । ସେ ବ୍ୟକ୍ତି ମଣିଷର ବିକାଶ ଚାହେଁନି । ମନୁଷ୍ୟ ତାର ଅନୁମତ୍ୱରେ ବିକଶିତ ହେଉ ଏହା ନ ଚାହିଁବା ଶାସନର ଧର୍ମ । ଅସ୍ତିତ୍ୱବାଦ କହେ ସମାଜ, ରାଷ୍ଟ୍ର ଓ ଶାସନ ବ୍ୟବସ୍ଥା ଏକ ରୋଲର ପରି, ସବୁ ଜନତାଙ୍କ ଉପରେ ଚଲାଇ ସମତୁଲ କରିବାର ତାର ଆଦର୍ଶ କିନ୍ତୁ ଦିନେ ପ୍ରଶାନ୍ତ ସମୁଦ୍ର ଭୀଷଣ ବିକ୍ଷୁବ୍ଧ ହୋଇଉଠେ । ତିନି ଜଣ ବିଜ୍ଞ ବ୍ୟକ୍ତି- ଧୂରନ୍ଧର, ବିଦ୍ୟାଧର ଓ ବିଶାଳବାହୁ ନିଜ ମୁହଁରୁ ଓଟ ମୁଖା ଓହ୍ଲାଇ ଦେଇ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଗୁମ୍ଫା ପରେ ଗୁମ୍ଫା ବଦଳାନ୍ତି – ବିପ୍ଳବ ପାଇଁ ସାଧନ ସଂଗ୍ରହ କରନ୍ତି- କରନ୍ତି ଲୋକ ସଂଗ୍ରହ । ବିପ୍ଳବର ଆଲୋକ ବର୍ତ୍ତିକା ପ୍ରସ୍ତୁତ କରି ଓଟ ମୁହାଁ – ଔଟିକ ମାନଙ୍କର ରୂପାନ୍ତର ପାଇଁ ଜଣ ଜଣ କରି ଲୋକ ପଠାନ୍ତି । କିନ୍ତୁ କେହି ଫେରନ୍ତି ନାହିଁ । ସେମାନଙ୍କର ମସ୍ତକର ମୂଲ୍ୟ ହୋଇଯାଏ ଦଶ ହଜାର ସ୍ୱର୍ଣ୍ଣ ମୁଦ୍ରା । ସେମାନଙ୍କର ସ୍ୱପ୍ନ – "ସମସ୍ତେ ଓଟ ମୁଣ୍ଡରୁ ମଣିଷ ମୁଣ୍ଡ ହେବେ । ସମସ୍ତେ କଥା କହିବେ । କାନ୍ଦିବେ, ହସି ପାରିବେ । ରାଗି ପାରିବେ ।"[୩୧] ବିପ୍ଳବୀମାନଙ୍କର ସ୍ୱପ୍ନ ନିରୁତା ମଣିଷର । ପୂର୍ଣ୍ଣାଙ୍ଗ ମଣିଷର, ଯାହା ଅସ୍ତିତ୍ୱବାଦରେ ବ୍ୟକ୍ତିର ଯଥାର୍ଥ ସ୍ୱରୂପ । ବ୍ୟକ୍ତି ନିଜର ସକଳ ସ୍ୱାତନ୍ତ୍ର୍ୟକୁ ଧରି ପୂର୍ଣ୍ଣ ବିକଶିତ ହେବ । ତାର ଅନୁମତ୍ୱକୁ ଯେକୌଣସି ମୂଲ୍ୟ ଦେଇ ବଜାଏ ରଖିବ । ବ୍ୟକ୍ତି ସ୍ୱାଧୀନତାରେ କାହାରି ହସ୍ତକ୍ଷେପ ରହିବ ନାହିଁ । କିନ୍ତୁ ସେମାନଙ୍କର ଅପେକ୍ଷାର ଅନ୍ତ ହୁଏ ନାହିଁ । ମୁକ୍ତିର ସନନ୍ଦ ଧରି ଯିଏ ରୂପାନ୍ତର କରିବାକୁ ରାଜଧାନୀକୁ ଯାଏ ସେ ଆଉ ପ୍ରତ୍ୟାବର୍ତ୍ତନ କରେ ନାହିଁ ।

ସେ ରାଜ୍ୟରେ ରାଣୀ ମଧ୍ୟ ସ୍ୱାଧୀନ ନୁହଁନ୍ତି । ଅପହୃତ ହୋଇଛି ତାଙ୍କର ସ୍ୱାଧୀନତା । ରାଣୀଙ୍କର ଉପଲବ୍ଧି "ସମସ୍ତଙ୍କର ଗଳା ଚିପି ଦିଆଯାଇଛି । କହିବାର ଭାଷା କାଢି ନିଆଯାଇଛି । ଏଠି ହସରେ ଆନନ୍ଦ ନାହିଁ କାନ୍ଦିବାରେ ଯନ୍ତ୍ରଣା ନାହିଁ । ହସ ନିର୍ଜୀବ ଶବ୍ଦ । କାନ୍ଦିବା ଖାଲି ଶବ୍ଦହୀନ ଲୁହ ।"[୩୨] ରାଜାଙ୍କର ସେ ପୁତଳିକା । ବିଂଶ ଶତକର ଅସ୍ତିତ୍ୱହୀନ ବ୍ୟକ୍ତି ମଣିଷର ସେ ପ୍ରମୁଖ ପ୍ରତିନିଧି । ସମସ୍ତ ପାରିଷଦ ଓ ତୋଷାମଦକାରୀ ତୋଷାମଦରେ ପରସ୍ପରକୁ ବଳି ଯିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ।

ତିନିଜଣ ବିଜ୍ଞବ୍ୟକ୍ତି ସ୍ୱପ୍ନ ଦେଖନ୍ତି ବିପ୍ଳବର, ପରିବର୍ତ୍ତନର, ରୂପାନ୍ତରର । ବିପ୍ଳବୀମାନଙ୍କର ପ୍ରରୋଚନାରେ ପ୍ରଚଳିତ ବ୍ୟବସ୍ଥାକୁ ବଦଳାଇ ଅତ୍ୟାଚାରୀ ରାଜା ସୁରଞ୍ଜନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସେମାନଙ୍କର ମନ୍ତ୍ରରେ ଦୀକ୍ଷିତ, ନୂତନ ଯୁଗର ଆବାହକ, ଅଗ୍ରଗାମୀ, ମଣିଷମୁହାଁ ନିରଞ୍ଜନର ଆତ୍ମପ୍ରକାଶ । ଦେବୀ ଏକ ଐଶୀଶକ୍ତିର ଅଧିକାରିଣୀ । ବାକ୍‌ଶକ୍ତିହୀନ ମୂକ । ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଖାଲି ଯାହା ରହସ୍ୟମୟ, ସାଙ୍କେତିକଗାର ଟାଣେ । କିନ୍ତୁ ତାର ସ୍ପର୍ଶର ଯାଦୁରେ ମଣିଷ ଓଟମୁହଁ ଓଟାରି ହୋଇ ଆସେ । ଔଟିକମାନେ ହୋଇଯାଆନ୍ତି ମଣିଷମୁହାଁ । ରାଣୀ ପୁତ୍ତଳିକାରୁ ରୂପାନ୍ତରିତ ହୋଇଛନ୍ତି ମଣିଷରେ । ପାରିଷଦମାନେ ରାଜାଙ୍କୁ ଅବମାନନା କରିଛନ୍ତି । ସିଂହାସନରୁ ଓହ୍ଲାଇ ଆସିଛନ୍ତି ଅତ୍ୟାଚାରୀ ରାଜା । ରାଣୀ, ଅମାତ୍ୟ ଓ ପାରିଷଦଙ୍କ ଅନୁରୋଧରେ ସିଂହାସନରେ ଅଭିଷିକ୍ତ ହୋଇଛନ୍ତି ନିରଞ୍ଜନ । କାରଣ ସିଂହାସନ କେବେ ଖାଲିରହେନା । କିନ୍ତୁ ସିଂହାସନରେ ଆସୀନ ହେବାପରେ ନିରଞ୍ଜନର ବ୍ୟକ୍ତିତ୍ୱରେ ଆସେ ଅଦ୍ଭୁତ ପରିବର୍ତ୍ତନ । ସିଂହାସନ ଯେପରି ତାଙ୍କୁ ସଂପୂର୍ଣ୍ଣ ଭାବରେ ଗ୍ରାସ କରିବାକୁ ଆରମ୍ଭ କରିଦିଏ । ବିପ୍ଳବୀ ବନିଯାଏ ସ୍ୱେଚ୍ଛାଚାରୀ ପ୍ରଜା ପୀଡକରେ । ରାଜକୀୟ ଅହଂକାର ହୋଇଉଠେ ଆକାଶ ଛୁଆଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁ ଜାତୀୟ ସଙ୍ଗୀତକୁ ସେ ଏକଦା ବିରୋଧ କରୁଥିଲା, ରାଜା ହେବାପରେ ତାର

ପ୍ରଥମବାଣୀ- "ମଣିଷମୁହାଁମାନଙ୍କୁ ନେଇ ରାଜ୍ୟ ଶାସନ ହୋଇ ପାରେନା । ଦୈବାତ୍ ତୁମେମାନେ ମଣିଷମୁହାଁ ହୋଇଯାଇଛ । ତେଣୁ ରାଜା ହିସାବରେ ମୋର ତୁମ ସମସ୍ତଙ୍କୁ ଆଦେଶ - ଆଜିଠାରୁ, ଶାସନର ସୁବିଧା ପାଇଁ ସମସ୍ତେ ଗୋଟାଏ ଗୋଟାଏ ଓଟମୁଖା ପିନ୍ଧିବେ । ××× ଗୁମ୍ଫାରେ ରହିଥିବା ସେଇ ତିନିଜଣ ବିଜ୍ଞବ୍ୟକ୍ତିଙ୍କର ମସ୍ତକର ମୂଲ୍ୟପ୍ରତ୍ୟେକ ତିରିଶ ହଜାର ସ୍ୱର୍ଣ୍ଣମୁଦ୍ରା, ଜୀବିତ କିମ୍ବା ମୃତ । ନୂଆଗୀତ ନୁହେଁ । ସେଇ ପୁରୁଣା ଜାତୀୟ ସଙ୍ଗୀତ ଦରବାରରେ ବୋଲାଯିବ । କିନ୍ତୁ ଭଣିତାରେ ରାଜା ସୂର ନ ହୋଇ କହେ ରାଜା ନିର ହେବ ।"[୩୩]

କିଛି ବଦଳେନା । ଯାହା ବଦଳେ ତାହା ଦ୍ୱାରା ଜୀବନ ବଦଳେନା । ସିସିଫସ୍‌ର ସକଳ ଉଦ୍ୟମ ସତ୍ତ୍ୱେ ଶିଖରରେ ଓଜନଦାର ପଥରଖଣ୍ଡ ରଖିବା ପରେ ପୁଣି ତାହା ଗଡିଆସେ ପର୍ବତର ପାଦ ଦେଶକୁ । ଏହି ପ୍ରକ୍ରିୟାର ପୁନରାବୃତ୍ତି ହିଁ ଆଧୁନିକ ମଣିଷର ଜୀବନ । ସେମାନଙ୍କର ନାହିଁ ସ୍ୱତନ୍ତ୍ର ବ୍ୟକ୍ତି ସତ୍ତା, ନାହିଁ ପୃଥକ ପରିଚୟ । ରାଜା କେବଳ ଏକ ପ୍ରତୀକ । ସେ ହୋଇପାରନ୍ତି ପ୍ରଶାସନ, ହୋଇପାରେ ଦେଶ, ଧର୍ମ, ବ୍ୟବସ୍ଥା, ରୀତିନୀତି ଓ ପରମ୍ପରାର । କୌଣସି ଅନୁଷ୍ଠାନ ବ୍ୟକ୍ତିମୁକ୍ତିର ସପକ୍ଷରେ ନୁହେଁ । ସେମାନେ ଚାହାନ୍ତି ମଣିଷକୁ ଯନ୍ତ୍ରବତ୍ ବ୍ୟବହାର କରିବେ । ତଥାପି ନାଟକର ଅନ୍ତିମ ବାଣୀରେ ଆଶାବାଦର ସ୍ୱର- "ଦିନେ ନା ଦିନେ ଦେବୀର କାନ୍ଦ ହସରେ ପରିଣତ ହେବ । ଦିନେ ନା ଦିନେ ଗୁମ୍ଫାର ଅନ୍ଧାର ଭିତରେ ସଢୁଥିବା ବିଜ୍ଞମାନେ ମୁକ୍ତ ହେବେ । ଦିନେ ନା ଦିନେ ଓଟମୁହଁ ସବୁ ମଣିଷର ମୁହଁ ରୂପାନ୍ତରିତ ହେବ କିମ୍ବା ସେମାନେ ଓଟମୁଖା ଫିଙ୍ଗିଦେଇ ମଣିଷ ହୋଇଯିବେ । କିନ୍ତୁ ସେଦିନ କେବେ ଆସିବ, କେବେ ? କେବେ ? କେବେ ?"[୩୪]

### ସହାୟକ ଗ୍ରନ୍ଥସୂଚୀ


୧- ମିଶ୍ର, ବିଜୟ କୁମାର: ଶବବାହକମାନେ, ସାଥୀପ୍ରକାଶନ, କଟକ, ତୃତୀୟ ସଂସ୍କରଣ, ୧୯୮୦, ପୃଷ୍ଠା-୭୪

୨- ତ୍ରତ୍ରୈବ, ପୃଷ୍ଠା-୯୬

୩- ତ୍ରତ୍ରୈବ, ପୃଷ୍ଠା-୬

୪- ଚଇନି, ଡଃ ରତ୍ନାକର: ଉଭଟ ନାଟ୍ୟ- ପରଷ୍ଠରଙ୍କ, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୦୬, ପୃଷ୍ଠା- ୧୨୯

୫- ମିଶ୍ର, ବିଜୟ କୁମାର: ଶବବାହକମାନେ, ସାଥୀପ୍ରକାଶନ, କଟକ, ତୃତୀୟ ସଂସ୍କରଣ, ୧୯୮୦, ପୃଷ୍ଠା-୮୭

୬- ଦାସ, ସର୍ବେଶ୍ୱର: ଓଡିଆ ନାଟ୍ୟ ସାହିତ୍ୟ, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ସଂଶୋଧିତ ସଂସ୍କରଣ ୨୦୧୨, ପୃଷ୍ଠା- ୩୪୧

୭- Harichandan, Dr. N.B : Aspects of Oriya Drama, Orissa Sahitya Akademy, Bhubaneswar, 1992, Page- 102

୮- ଚଇନି, ଡଃ ରତ୍ନାକର: ଉଭଟ ନାଟ୍ୟ- ପରଷ୍ଠରଙ୍କ, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୦୬, ପୃଷ୍ଠା- ୧୩୪

୯- ମିଶ୍ର, ବିଜୟ କୁମାର: ଯାଦୁକର, ସାଥୀପ୍ରକାଶନ, କଟକ, ତୃତୀୟ ସଂସ୍କରଣ, ୧୯୭୮, ପୃଷ୍ଠା-୩୭

୧୦- ତତ୍ରୈବ, ପୃଷ୍ଠା- ୫

୧୧- ତ୍ରତ୍ରୈବ, ପୃଷ୍ଠା-୪୪

୧୨- Harichandan, Dr. N.B : Aspects of Oriya Drama, Orissa Sahitya Akademy, Bhubaneswar, 1992, Page- 102

୧୩- ମହାପାତ୍ର, ସୀତାକାନ୍ତ: ଗ୍ରନ୍ଥ ପ୍ରବେଶ, ତଟ ନିରଞ୍ଜନା, ଇଣ୍ଡିଆନ ବୁକ୍ ଡଷ୍ଟ୍ରିବ୍ୟୁଟର୍ସ, କଟକ, ପ୍ରଥମ ପ୍ରକାଶନ, ୧୯୮୦, ପୃଷ୍ଠା-ଖ

୧୪- ସାହୁ, ଡଃ ନାରାୟଣ: ତଟ ନିରଞ୍ଜନାର ଦୃଷ୍ଟି ଓ ଦର୍ଶନ, ବାଣୀରୂ ।,କଟକ, ପ୍ରଥମ ସଂସ୍କରଣ, ୧୯୯୨, ପୃଷ୍ଠା- ୪୯

୧୫- ମିଶ୍ର, ବିଜୟ: ତଟ ନିରଞ୍ଜନା, ଇଁଆନ ବୁକ୍ ଡଷ୍ଟ୍ରିବୁଟର୍ସ, କଟକ, ପ୍ରଥମ ପ୍ରକାଶନ, ୧୯୮୦, ପୃଷ୍ଠା-୨୭
୧୬- ତତ୍ରୈବ, ପୃଷ୍ଠା- ୧୯
୧୭- ତତ୍ରୈବ, ପୃଷ୍ଠା- ୩୩
୧୮- ତତ୍ରୈବ, ପୃଷ୍ଠା- ୪୯
୧୯- ତ୍ରତ୍ରୈବ, ପୃଷ୍ଠା-୧୪
୨୦- ତତ୍ରୈବ, ପୃଷ୍ଠା- ୩୬
୨୧- ତତ୍ରୈବ, ପୃଷ୍ଠା- ୫୦
୨୨- ତତ୍ରୈବ, ପୃଷ୍ଠା- ୪୫
୨୩- ତତ୍ରୈବ, ପୃଷ୍ଠା- ୬୨
୨୪- ତତ୍ରୈବ, ପୃଷ୍ଠା-୬୫
୨୫- ତ୍ରତ୍ରୈବ, ପୃଷ୍ଠା-୮୨
୨୬- ତତ୍ରୈବ, ପୃଷ୍ଠା- ୯୪
୨୭- ତତ୍ରୈବ, ପୃଷ୍ଠା- ୧୧୬
୨୮- ତ୍ରତ୍ରୈବ, ପୃଷ୍ଠା-୧୦୨
୨୯- ତତ୍ରୈବ, ପୃଷ୍ଠା- ୧୦୪
୩୦- ମିଶ୍ର, ବିଜୟ: ଜଣେ ରାଜା ଥିଲେ, ରାର୍କ ବୁକ୍, କଟକ, ପ୍ରଥମ ପ୍ରକାଶନ, ୧୯୮୩, ପୃଷ୍ଠା- ୨-୩
୩୧- ତତ୍ରୈବ, ପୃଷ୍ଠା- ୧୩
୩୨- ତ୍ରତ୍ରୈବ, ପୃଷ୍ଠା- ୮୦
୩୩- ତତ୍ରୈବ, ପୃଷ୍ଠା- ୧୨୬-୧୨୭
୩୪- ତ୍ରତ୍ରୈବ, ପୃଷ୍ଠା- ୧୨୮

■

ଭୀମ ଭୋଇ ମହାବିଦ୍ୟାଳୟ
ରେଢାଖୋଲ

# ଭାରତୀୟ ନାଟ୍ୟଧାରା : ଏକ ତାତ୍ତ୍ୱିକ ବିଶ୍ଳେଷଣ

**ବିରଞ୍ଚି ନାରାୟଣ ସାମଲ**

ଚିରାଚରିତ ଶଗଡ଼ଗୁଳା କିମ୍ବା ବିଦଗ୍ଧ ବ୍ୟାକରଣ ସୃଜନସତ୍ତା ପାଇଁ ଅନେକ ସମୟରେ ବନ୍ଦୀଶାଳା ପରି ଲାଗେ । ସ୍ରଷ୍ଟାର ମୁକ୍ତ ଆତ୍ମାଟି ସେଇଠି ବନ୍ଦୀ ହୋଇ ନିଜ ଭବିଷ୍ୟତ ଅନ୍ଧକାର ବୋଲି ଜାଣିପାରେ । ଏଣୁ ସ୍ୱୀକୃତ ବ୍ୟବସ୍ଥାଠାରୁ ବିଚ୍ଛିନ୍ନ ହୋଇ ଏକ କାର୍ଯ୍ୟ ପରିଧି ଆଙ୍କିଥିଲେ । ପ୍ରାଚୀନ ବ୍ୟବସ୍ଥାଠାରୁ ଆଧୁନିକ ହୋଇ ଉତ୍ତର ଆଧୁନିକ ମନସ୍କ ହୋଇଉଠେ । ଏଭଳି ପରିବର୍ତ୍ତନର ଧାରା ସାହିତ୍ୟରେ ପରିଲକ୍ଷିତ । ସାହିତ୍ୟରେ ପରିବର୍ତ୍ତନ ପାଇଁ ସାମାଜିକ ବିଶ୍ୱାସବୋଧରେ ମଧ୍ୟ ପରିବର୍ତ୍ତନ ଘଟିଥାଏ । ଏହି ସାମାଜିକ ବିଶ୍ୱାସବୋଧ ରାଷ୍ଟ୍ରୀୟତାର ସୀମାବଦ୍ଧତାକୁ ଅସ୍ୱୀକାର କରିଥାଏ ଓ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଥିବା ସୀମାର ସଚ୍ଛିଦ୍ରତା, ଏପରିକି ତରତୀୟତାକୁ ପ୍ରତିପାଦିତ କରେ । ସାହିତ୍ୟର ପ୍ରତ୍ୟେକ ବିଭାଗରେ ପରିବର୍ତ୍ତନର ଧାରା ଦୁର୍ଲକ୍ଷ୍ୟ ନୁହେଁ । ନାଟକ କ୍ଷେତ୍ରରେ ମଧ୍ୟ ଦ୍ରୁତ ପରିବର୍ତ୍ତନର ସ୍ୱର ସ୍ପଷ୍ଟ ।

ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀର ମଣିଷ ମନ ଭିତରେ ବଂଚିବା ସଂଘର୍ଷକୁ ଘେନି ଏକ ଦ୍ୱନ୍ଦ୍ୱାତ୍ମକ ଭାବନା ଉଦ୍ରେକ ହେଲା । ପୋଡ଼ା ଭୂଇଁର ମାଟି ଉପରେ ଫମ୍ପା ମଣିଷର ସ୍ୱର କ୍ରମେ କ୍ରମେ ଅବାସ୍ତବ ଓ ଉଭଟ ହେବାକୁ ଲାଗିଲା । ଯୁଦ୍ଧର ବିଭୀଷିକା ଆନ୍ତର୍ଜାତିକ କ୍ଷେତ୍ରରେ ସାମାଜିକ ଓ ସାଂସ୍କୃତିକ ଜୀବନକୁ ପ୍ରଭାବିତ କଲା । ଅଭାବବୋଧ, ନିଃସଙ୍ଗତା ଓ ମୃତ୍ୟୁ ପ୍ରତି ସଚେତନତା ଜୀବନକୁ ବ୍ୟକ୍ତିକୈନ୍ଦ୍ରିକ କରିଦେଲା । ମାନବିକତାର ଅବକ୍ଷୟ, ମୂଲ୍ୟବୋଧ ପ୍ରତି ଅବିଶ୍ୱାସ, ଈଶ୍ୱରଙ୍କ ପ୍ରତି ସନ୍ଦେହ ଇତ୍ୟାଦିକୁ ଘେନି ଯେଉଁ ନୂତନ ମଣିଷ ସୃଷ୍ଟି ହେଲା, ତା'ର ଉପଲବ୍ଧି, ଜୀବନବୋଧ ସଂପୂର୍ଣ୍ଣ ଭିନ୍ନ ହୋଇଗଲା । ସାହିତ୍ୟରେ ଏହାର ପ୍ରତିକ୍ରିୟା ସୃଷ୍ଟି ହୋଇ ଉଠିଲା; ଫଳତଃ ସାହିତ୍ୟର ବିଶିଷ୍ଟ ବିଭାଗ ନାଟକରେ ମଧ୍ୟ ଆଧୁନିକ ମଣିଷଟି ନିଜକୁ ବେଶି ଚିହ୍ନିବା ସହିତ ଚିହ୍ନେଇବାର ପ୍ରଚେଷ୍ଟା ଜାରି ରଖିଲା । ନାଟକ ପାଇଁ ଆନ୍ଦୋଳନ ମୁଣ୍ଡ ଟେକିଲା ।

ବ୍ୟବସାୟୀ ମଞ୍ଚର ନାଟକ ଦର୍ଶକୀୟ ଆଦୃତି ଲାଭ କରିବାରେ ଯେତେବେଳେ ସକ୍ଷମ ହେଲା ନାହିଁ, ସେତେବେଳେ ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟକର୍ମୀମାନେ ଖୋଜି ବସିଲେ ଏକ ବିକଳ୍ପ ପନ୍ଥା । ମନୋରଂଜନ ସହିତ ନାଟକ ଯଦି ଚିନ୍ତାର ଖୋରାକ ଯୋଗାଇ ନ ପାରିଲା, ତେବେ ତାହା ନାଟକ ନୁହେଁ ବୋଲି ନାଟ୍ୟକାରମାନେ ଅନୁଭବ କଲେ । ସେମାନେ ନାଟକରେ ଅନେକ କଥା କହିବାକୁ ଚାହିଁଲେ । ସାଂପ୍ରତିକ ସମାଜର ବାସ୍ତବ ତଥା ନଗ୍ନ ରୂପଟିକୁ ଅବିକଳ ଦେଖାଇବା ପାଇଁ ଇଚ୍ଛା ପ୍ରକାଶ କଲେ । ବ୍ୟବସାୟୀ ରଂଗମଂଚ ଏଭଳି ସୁଯୋଗ ଦେବାର ଅବକାଶ ସୃଷ୍ଟି କଲା ନାହିଁ । ଅବରୋଧ ଅବଶୋଷକୁ ସାକାର କରିବା ପାଇଁ ନାଟ୍ୟକାର ଓ ନାଟ୍ୟକର୍ମୀ ସମାନ୍ତରାଳ ମଞ୍ଚ ସୃଷ୍ଟି କରିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ । ନାଟକକୁ ନେଇ ବିଜ୍ଞାନାଗାରରେ ବୈଜ୍ଞାନିକ ପରୀକ୍ଷା କଲା ଭଳି ନାଟ୍ୟକାରମାନେ ଅନେକ ପରୀକ୍ଷା ନିରୀକ୍ଷା ଏଭଳି ମଞ୍ଚରେ ସମ୍ଭବ ବୋଲି ଆଶା ପ୍ରକଟ କଲେ । ଅବରୁଦ୍ଧ ଅବଶୋଷରୁ ଏକ ବୈପ୍ଳବାତ୍ମକ ପଦ୍ଧତିରେ ଗ୍ରୁପ୍ ଥିଏଟର୍‌ର ସୃଷ୍ଟି ହେଲା ।

ଥିଏଟର୍ କହିଲେ - ଏହା ପୃଥିବୀର ପରୀକ୍ଷାଗାର, ପୃଥିବୀକୁ ଦେଖିବା ଓ ଅନୁଭବ କରିବା ପାଇଁ ଏକ ଆୟତନ । ଜରସନ୍‌ଙ୍କ ଭାଷାରେ- "ଏହା ସାଂସ୍କୃତିକ ବ୍ୟାଖ୍ୟାନ ବା ଚର୍ଚ୍ଚା । ଏହା ସଂସ୍କୃତି ସଂସ୍କୃତି ମଧ୍ୟରେ ଥିବା ସକଳ ବିରୋଧଭାସକୁ ଭାଙ୍ଗିଦିଏ, ଦୂରକୁ ପାଖକୁ ଆଣେ, ଅଦୃଶ୍ୟକୁ କରେ ଦୃଶ୍ୟମୟ ଓ ବିଚିତ୍ରକୁ ଚିତ୍ରମୟ । ମଞ୍ଚରେ ମଣିଷ ନିଜେ ନାଚେ, ଅଭିନୟ କରେ, ନିଜ କଥା କହେ, ନିଜ ଗୀତ ଗାଏ । ପ୍ରଥମେ ନିଜ ଆନନ୍ଦକୁ ଅନୁଭବ କରେ । ଆନନ୍ଦ ଭୂମିରେ ସେ ଏକା ନଥାଏ, ତା' ସହୃଦୟମାନେ ଥା'ନ୍ତି । ଅର୍ଥାତ୍ ଯେଉଁ ବିଶେଷ ଶକ୍ତିମାନେ ତା' ଜୀବନ, ବର୍ତ୍ତମାନ ଓ ଭବିଷ୍ୟତକୁ ଶୋକମୁକ୍ତ କରୁଛନ୍ତି

ବୋଲି ସେ ଅନୁଭବ କରୁଥାଏ, ସେମାନଙ୍କ ପରିତୋଷଣ ପାଇଁ ନିଜ କଳାବୋଧ ଓ ପୁଲକକୁ ପ୍ରସାରିତ କରୁଥାଏ । ନାଟକ ଆଉ କିଛି ନୁହେଁ, ବ୍ୟକ୍ତି ଅଥବା ଗୋଷ୍ଠୀର ଆବେଗ, ବିଚାର, ବିଶ୍ୱାସ ଓ ତଜ୍ଜନିତ ସଂଘର୍ଷର କଳାରୂପ, ଯାହା ପ୍ରୀତିବୋଧରେ ନିଜକୁ ଓ ଅନ୍ୟକୁ ପରିଶୋଧିତ କରିପାରେ । ସାଂସ୍କୃତିକ ମୂଲ୍ୟବୋଧ ପଲ୍ଲବନର କାରଣ ହୁଏ । ରଂଗମଞ୍ଚ କେବଳ ଚିତ୍ତବିନୋଦନର ଆୟତନ ବିଶେଷ ନୁହେଁ, ଜୀବନର ଗତିଶୀଳତା ଓ ଚିତ୍ତ ପ୍ରଶାନ୍ତିର କାରଣ, ଅନ୍ୟକୁ ମିତ୍ରବୋଧରେ ଆପଣାର କରିବାର ନିଦାନ । ତେଣୁ ରଂଗ ମଞ୍ଚକୁ ନିର୍ଦ୍ଦିଷ୍ଟ ବିଚାର ଓ ଦର୍ଶନ ବିଶ୍ୱାସୀ ମଣିଷ ଓ ଗୋଷ୍ଠୀର ଜୀବନଚର୍ଯ୍ୟାର ଅଭ୍ୟାସଶାଳା ନ କରି ଅତୀତ, ବର୍ତ୍ତମାନ, ସ୍ୱପ୍ନ ଓ ମୂଲ୍ୟବୋଧର ଭୂମି ରୂପରେ ବିବେଚନା କରିପାରିବା ।”[୧]

ଏକ ଭାଷା ଓ ସଂସ୍କୃତି ସୂତ୍ରରେ ସନ୍ନିଶ୍ରିତ ଓ ସମ୍ବନ୍ଧିତ ଲୋକ ସଂପ୍ରଦାୟର ପରିଚୟ ହେଉଛି ନାଟକ । ଏହା ଗୀତ, ନୃତ୍ୟ, ବାଦ୍ୟ, ସଂଗୀତ ଓ ଅଭିନୟର ସମବାୟ । ତେଣୁ ନାଟକ, ଏକ ସାମଗ୍ରିକ ଅନୁଭବ ।

ସମଗ୍ର ପୃଥିବୀର ଦୃଶ୍ୟକାବ୍ୟର ଇତିହାସରେ ଲୋକ ଓ ବିଦଗ୍ଧ ନାମରେ ଦୁଇଗୋଟି ଧାରା ବା ପ୍ରକାର ରଚିତ ବୋଲି ଗବେଷକମାନେ ମନ୍ତବ୍ୟ ଦେଇଛନ୍ତି ।

ଉଭୟ ସେମାନଙ୍କ ମାର୍ଗରେ ଗତିଶୀଳ । ନିଜ ସଂପ୍ରଦାୟର ବିଚାର, ବିଶ୍ୱାସ ଓ କଳାବୋଧରେ ପରିପୁଷ୍ଟ, କିନ୍ତୁ କେହି ସ୍ୱତନ୍ତ୍ର ନୁହଁନ୍ତି, ପରସ୍ପର ପରିପୂରକ । କାରଣ ଲୋକର ବିଚାର ଅଧିକ ପ୍ରଗତିଶୀଳ, ନମନୀୟ, ମୁକ୍ତ ତେଣୁ ହୃଦ୍ୟ ଓ ସମ୍ବେଦନଶୀଳ । ଯେମିତି ବୌଦ୍ଧ ଭିକ୍ଷୁମାନଙ୍କର ଧର୍ମୀୟ ଶୋଭାଯାତ୍ରାରୁ ଜନ୍ମ ନେଇଛି ଯାତ୍ରା ନାଟକ । ଜର୍ଜର ପୂଜାରୁ ବିକଶିତ ହୋଇଛି ଦଣ୍ଡନାଟ । ପିତୁଳା ନାଟରୁ ଜନ୍ମ ନେଇଛନ୍ତି ସୂତ୍ରଧର ଓ ଛାୟାନାଟକ । ଶିବ, ପାର୍ବତୀ, ଗଣେଶ, ନାରଦ, ଅପ୍ସରାମାନେ ସେହି ଲୋକକଳ୍ପନାରୁ ହିଁ ଜନ୍ମ ନେଇଛନ୍ତି । ପ୍ରଥମେ ମଣିଷଟି ଦେବତା ପାଖରେ ନିଜ କଥା କହିଛି । କ୍ରମେ ସମାଜର କଥା ବର୍ଣ୍ଣନା କରିଛି । ମଞ୍ଚ ଉପରେ ମଣିଷ ଅଛି, ଦେବତା ଓ ସମାଜ ବି ରହିଛନ୍ତି । ମଞ୍ଚ ତା' ସମାଜ, ସଂସାର ଓ ସ୍ୱପ୍ନର ଭୂମି ହୋଇଯାଇଛି । ମଣିଷଟି ସେବ୍ୟ ଓ ସେବକ, ଶୋଷକ ଓ ଶୋଷିତ, ଶାସକ ଓ ଶାସିତ ସବୁ ଭୂମିକାରେ ଅଭିନୟ କରିଛି । ଅନ୍ୟ ଜୀବନ ଭିତରେ ନିଜକୁ ଓ ନିଜ ଭିତରେ ଅନ୍ୟ ଜୀବନକୁ ଅନୁଭବିବାର କଥା କହିଛି । କ୍ରମେ ନିଜର ପରିସର ଭିତରୁ ବାହାର ପରିସରକୁ ଗତି କରିଛି । ସଂସ୍କୃତିର ବିନିମୟ ଘଟିଛି । କିନ୍ତୁ ଏହି ସାଂସ୍କୃତିକ ବିନିମୟର ଶକ୍ତିଶାଳୀ ମାଧ୍ୟମ ହୋଇଛି ନାଟକ । ନାଟକ ହିଁ ସେମାନଙ୍କ ପ୍ରୀତିକୁ ଘନୀଭୂତ କରିଛି । ନାଟ୍ୟକଳା ଏକ ଚମକ ସୃଷ୍ଟିକାରୀ ସମ୍ମୋହନ, ବଶୀକରଣ, ଜୀବନ ଅନୁଭବର ନିଦାନ । ଅନୁଭବ ଭିତରେ ଥାଏ ସଂସ୍କୃତିର ବୀଜ । କାରଣ ସଂସ୍କୃତି ଉତ୍ପାଦନ ନୁହେଁ; ଏହା ଏକ ପ୍ରକ୍ରିୟା । ଲେମନ୍‌ଙ୍କ ବିଚାରକୁ ଏଠାରେ ସ୍ୱୀକାର କରିବାକୁ ହେବ । ସେ କହିଛନ୍ତି- ସବୁ କାଳରେ କ୍ଷମତାସୀନମାନେ ରଂଗମଂଚକୁ ଆପଣାର କର୍ତ୍ତୃତ୍ୱ- ବିସ୍ତାରର ମାଧ୍ୟମ କରିଛନ୍ତି । ଉଦ୍ଦେଶ୍ୟ ସାଧନରେ ମଧ୍ୟ ସମର୍ଥ ହୋଇଛନ୍ତି । ସେ ନନିମଲାସ ଏଭ୍ରନପଙ୍କ ଉକ୍ତିକୁ ଗ୍ରହଣ କରି କହିଛନ୍ତି- ଆମ ସଙ୍କଳନ ଜୀବନ ରଂଗମଂଚ, ଜୀବନର ଘଟଣାଗୁଡ଼ିକ ଦୃଶ୍ୟାବଳୀ ଏବଂ ରାଜନୀତିକ ଜୀବନ ସକଳ ଚମତ୍କାରିତାରେ ହିଁ ପରିପୂର୍ଣ୍ଣ । ତେଣୁ ନାଟକର ଇତିହାସ ଯେ ଏକ ଜାତିର ସହିତ ସମ୍ବନ୍ଧିତ, ଏହା ଅସ୍ୱୀକାର କରାଯାଇ ନପାରେ ।[୨]

ନାଟକ ଭିତରେ ଗଣର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଲୋକ, ଲୋକପ୍ରିୟର ଅନ୍ୟ ପର୍ଯ୍ୟାୟବାଚୀ ଶବ୍ଦଗଣ । 'ଲୋକ' ସମୁଦାୟ ଭିତରେ ଯେଉଁମାନଙ୍କର ବିଚାର ଏକ ନିର୍ଦ୍ଦିଷ୍ଟ ଦର୍ଶନ ପରିପୁଷ୍ଟ ସେମାନେ 'ଗଣ' । ଭାରତର ସାଂସ୍କୃତିକ ଇତିହାସକୁ ନିରୀକ୍ଷଣ କଲେ ଏକଥା ସ୍ପଷ୍ଟ ଯେ- ଆମ ପୁରାଣ, ଓଷା ଓ ବ୍ରତକଥା ଗୁଡ଼ିକ ଗଣସୃଷ୍ଟି ଓ ଜାଗୃତିର ଭୂମିକା ନେଇଛନ୍ତି । ସେଗୁଡ଼ିକ ଆମ ଆଧ୍ୟାତ୍ମିକ ଓ ଗୋଷ୍ଠୀକ ଜୀବନର ପରିପୁଷ୍ଟିରେ ସହାୟକ ହୋଇଛନ୍ତି । କିନ୍ତୁ ଆଧୁନିକ ସମୟରେ ଗଣ, ଗଣ ସାହିତ୍ୟ ବା ଗଣ ନାଟକ କହିଲେ ଏକ ନିର୍ଦ୍ଦିଷ୍ଟ ଆଦର୍ଶ ପରିପୁଷ୍ଟ ଜୀବନ ଓ ସାହିତ୍ୟକୁ ହିଁ ବୁଝୁଛୁ । ଅବଶ୍ୟ ସୁଷୁପ୍ତ ମାନଙ୍କୁ ଜାଗ୍ରତ ଓ ଗତିଶୀଳ କରିବା ପାଇଁ କବିତା, କଥା ଓ ନାଟକକୁ ମାଧ୍ୟମ କରିଛି ଏହି ଗଣ । ଯେମିତି ସେଦିନର ସୋଭିଏତ୍ ଋଷ୍, ଚୀନ, ଭିଏତ୍‌ନାମ ଆଦି ଦେଶଗୁଡ଼ିକରେ ଗଣସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନେକ ନାଟକ ଲେଖାଯାଇଛି । ବିଶେଷତଃ ରୁଷ୍ ଓ ଚୀନ୍‌ରେ 'ବାଲେ' ନାଟକ ଏହାର ନେତୃତ୍ୱ ନେଇଛି । କମ୍ୟୁନିଷ୍ଟଦଳ ନାଟଦଳଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି । କଳାକାରମାନେ ଗୋଷ୍ଠୀ

ସାହିତ୍ୟ ସୃଷ୍ଟି କରିଛନ୍ତି । ପୃଥିବୀରେ ନାଟକକୁ ଧର୍ମ ଓ ରାଜନୀତିଠାରୁ ଅଲଗା କରି ଶାସନ-ରାଜନୀତି ଓ ସଂସ୍କୃତି – ରାଜନୀତି ଆଦର୍ଶପୁଷ୍ଟ କରିବାରେ ନେତୃତ୍ୱ ଦେଇଛନ୍ତି ଫ୍ରେଡ଼େରିକ୍ ଆଞ୍ଜେଲ୍ । ୧୮୪୭ ମସିହାରେ ଜର୍ମାନୀରେ ଶ୍ରମିକ ସଂଗଠନ ମାଧ୍ୟମରେ ସେ ଏକ ଏକାଙ୍କିକା ଅଭିନୀତ କରାନ୍ତି । ବିଶୁଦ୍ଧ ଆମୋଦ, ଶ୍ରେଣୀହୀନ ସମାଜ ଓ ଲୋକମଞ୍ଚ ଅବବୋଧ ଆଧାରିତ ଏହା ପ୍ରଥମଗଣ ଦୃଶ୍ୟକାବ୍ୟ । ୧୯୨୦ ମସିହାରେ ଲେଫି (Lei-Pziog) ଟ୍ରେଡ୍ ୟୁନିଅନ୍‌ର ଏକ ଉତ୍ସବରେ ରୋମ୍‌ର ଦାସମାନଙ୍କ ଜୀବନକୁ ଆଧାର କରି ଏକ ନାଟକ ପରିଯୋଜନା କରିଛନ୍ତି ଏବଂ ଏଥିରେ 'ନ'ଶର ଶ୍ରମିକ ଅଂଶ ଗ୍ରହଣ କରିଛନ୍ତି । ଏହାର ନେତୃତ୍ୱ ନେଇଛନ୍ତି ଟାନ୍‌ଭାକର୍ସ ଥିଏଟର୍ ଲିଗ୍, ପଲିଟିକ୍ସତ ଓ ସଂସ୍କୃତିର ସମୀକରଣ କରିଛି । କ୍ୟାସେଲ୍ ଗ୍ରୁପ୍ ଦ୍ୱାରା ପରିଚାଳିତ ଓ ବଂଚିତ ଭ୍ରାମ୍ୟମାଣ ନାଟ୍ୟଗୋଷ୍ଠୀ (୧୯୨୧) ଲୋକ ସଂଗୀତ ଓ ନୃତ୍ୟ ମାଧ୍ୟମରେ ସାମାଜିକ ଓ ରାଜନୀତିକ ସମସ୍ୟା ସଂପର୍କରେ ଗଣକୁ ଗତିଶୀଳ କରିବା ପାଇଁ ଉଦ୍ୟମ କରିଛି । ଜର୍ମାନ ସାମ୍ୟବାଦୀ ଦଳର ଆଦର୍ଶ ହୋଇଛି; ନାଟକ ମାଧ୍ୟମରେ ବଂଚିତମାନଙ୍କୁ ବ୍ୟକ୍ତିଗତ ସମସ୍ୟାର ଊର୍ଦ୍ଧ୍ୱକୁ ଯାଇ ଏକ ସାମୂହିକ ଜୀବନବୋଧ ସଂପର୍କରେ ସେମାନଙ୍କୁ ସଚେତନ କରାଇବ । ଲୋକଙ୍କ ପାଖକୁ ଯିବା ପାଇଁ ନାଟକ ରଚନା ଓ ପରିବେଷଣରେ ପରିବର୍ତ୍ତନ ଆସିଛି ।[୩]

ଜର୍ମାନୀରେ ସଂଘଟିତ ନାଟ୍ୟ ଆନ୍ଦୋଳନ ରୁଷୀୟମାନଙ୍କୁ ସଂକ୍ରମିତ କରିଛି ଊନବିଂଶ ଶତକର ପ୍ରଥମ ଦଶକରେ । କଳା ସଂପର୍କରେ ଲେନିନ୍‌ଙ୍କ ଉକ୍ତି- କଳା କେବଳ ସୌନ୍ଦର୍ଯ୍ୟ ମଧ୍ୟରେ ସୀମିତ ନୁହେଁ, ଏହା ଜୀବନର ସକଳ ବାସ୍ତବତାର ରୂପାୟନ । ଜୀବନର ସାମାଜିକ ବିଭବ ଏହାର ବିଷୟ । ଯେଉଁ ସୃଷ୍ଟିରେ ଜୀବନର ବାସ୍ତବତାକୁ ବୁଝି ହୁଏ ନାହିଁ- ତାହା ହିଁ କମନୀୟ ହୃଦ୍ୟକଳା ।[୪] ଏହି ଆଦର୍ଶକୁ ଭିତ୍ତିକରି ମସ୍କୋ ଥିଏଟର୍, ଦି ବ୍ଲୁ ବ୍ଲାଉଜ୍, ରସିଆନ୍ ଆସୋସିଏସନ୍ ଅଫ୍ ପ୍ରଲେଟରିଆନ୍ ରାଇଟର୍ସ ଆଦି ସଂଗଠନଗୁଡ଼ିକର ଜନ୍ମ । ୧୯୦୫-୦୬ ମସିହା ବେଳକୁ ନାଟକ ମାର୍କ୍ସୀୟ ହୋଇ ପଡ଼ିଛି । ଷ୍ଟାନିସ୍ଲାଭିସ୍କି ଘୋଷଣା କରିଛନ୍ତି, କେବଳ ବିଶୁଦ୍ଧ କଳା ପରିବେଷଣ ନାଟକର ଧର୍ମ ନୁହେଁ । ସାମନ୍ତ ପ୍ରବର୍ତ୍ତିତ ନାଟ୍ୟଧାରାରୁ ମଞ୍ଚକୁ ମୁକ୍ତ କରାଯାଇଛି । ନାଟକ ପରଂପରା ସର୍ବସ୍ୱ ହୋଇପଡ଼ିଛି । ଐତିହାସିକ କାହାଣୀ, ପରୀକଥା, ଲୋକଗୀତ ଓ ସ୍ୱର, ଲୋକ ବିଶ୍ୱାସ ନାଟକରେ ପୁନର୍ଜୀବନ ଲାଭ କରିଛି । ରଂଗମଞ୍ଚର ଆକାର ବଦଳି ଯାଇଛି ଅସ୍ୱାଭାବିକ ଭାବରେ । ପରଂପରା, ଧର୍ମ ଓ ଜାତି ପ୍ରୀତିବୋଧର କଳାତ୍ମକ ଅଭିବ୍ୟକ୍ତି ସମସ୍ୟାମାନଙ୍କୁ ଅନୁଭବ କରିଛି । ଅନ୍ୟ ଶବ୍ଦରେ କହିଲେ ନାଟକ ହୋଇଛି ଋଷ ରାଜନୀତିରେ ଅନୁଭୂତ ସମାଜବାଦୀ ବାସ୍ତବତା ଅର୍ଥାତ୍ ନାରୋଡ଼ନୋଷ୍ଟ କ୍ଲାସୋଭୋଷ୍ଟ ଓ ପାଟିନୋଷ୍ଟର କଳାରୂପ ପ୍ରଚାରଧର୍ମୀୟ ଓ ରାଜନୀତିକରଣ କଳାର ମାନବିକତାର ଯେ ବିରୋଧୀ, ସୋଭିଏତ ରଙ୍ଗ ମଞ୍ଚ, ତାହା ପ୍ରମାଣ କରିଛି ବୋଲି ଡାଭିଡ୍ ସନ୍ ମାଇକ୍ ଘୋଷଣା କରିଛନ୍ତି[୫] ନାଟକ ପରିଯୋଜନା ରଚନା, ଅଭ୍ୟାସ ଓ ପରିବେଷଣ କାଳରେ ଲେଖକ କଳାକାର, ସଂଗୀତକାର, ନର୍ତ୍ତକ, ଦର୍ଶକ ସମସ୍ତେ ଥାଆନ୍ତି: ସମସ୍ତେ ପାଲଟି ଯାଆନ୍ତି ନାଟ୍ୟକର୍ମୀ । ନାଟ୍ୟ ସଂସ୍କୃତି ଜାତୀୟ ସଂସ୍କୃତି । ତାହା ପ୍ରକାଶକ ଅଥବା ବିକ୍ରି ପାଇଁ ନୁହେଁ, ଉପଭୋଗ ପାଇଁ ଅଭିପ୍ରେତ । ରଂଗମଞ୍ଚ ଓ ଦର୍ଶକ ମଧ୍ୟରେ ସଂପର୍କ ଯେ ଏକ ଜାତିର ସାଂସ୍କୃତିକ- ଜୀବନବୋଧର ପ୍ରତୀକ, ଋଷ ଓ ଆମେରିକାର ରଂଗମଞ୍ଚର ଉଦାହରଣ ମାଧ୍ୟମରେ ତାହାର ଆକଳନ କରାଯାଇପାରେ ।[୬]

"ଗ୍ରୁପ୍ ଥିଏଟର୍" ପ୍ରଥମେ ଆମେରିକାର ଏକ ନାଟ୍ୟଦଳର ନାମ ଭାବରେ ବ୍ୟବହୃତ । ଏହି ନାଟ୍ୟ ଦଳର ପ୍ରମୁଖ କର୍ମକର୍ତ୍ତା ଥିଲେ ହାରଲ୍ଡ କ୍ଲାରମ୍ୟାନ୍ ଲିଷ୍ଟ୍ରାସବର୍ଗ ଏବଂ ଚେରିଲ୍ କ୍ରଫୋର୍ଡ଼ । ଏହି ଦଳ ଥିଏଟର୍ ଗିଲ୍‌ଡ଼ ରୁ ସୃଷ୍ଟି ହୋଇଥିଲା । ୧୯୨୯ ମସିହାରେ ଏମାନେ ସର୍ବପ୍ରଥମେ ମଞ୍ଚସ୍ଥ କରିଥିଲେ ରେଡ଼୍‌ରଷ୍ଟ ନାମକ ନାଟକ । ୧୯୩୧ ମସିହାରେ ପଲ୍‌ଗ୍ରୀନ୍ ସଂସ୍ଥାର "ହାଉସ୍ ଅଫ୍ କନୋଲି" ନାଟକ ଗ୍ରୁପ୍ ଥିଏଟର୍‌କୁ ପରିଚିତ ଓ ପ୍ରତିଷ୍ଠିତ କରାଏ । ଲଣ୍ଡନର "ଗ୍ରୁପ୍ ଥିଏଟର୍" ନାମକ ଦଳ ୧୯୩୩-୫୩ ଦୀର୍ଘ କୋଡ଼ିଏ ବର୍ଷ ଧରି ନାଟକାଭିନୟ କରି ଗ୍ରୁପ୍ ଥିଏଟର୍‌ର ପ୍ରସାର କରିଥିଲେ । ଏହି ଗ୍ରୁପ୍ ଥିଏଟର୍‌ର ନାଟ୍ୟକାରମାନେ ଥିଲେ ଅଡ଼େନ୍, ଇଲିୟଟ୍ ଏବଂ ସ୍ପେଣ୍ଡର୍ ପ୍ରମୁଖ ।

୧୯୨୮ ମସିହାଠାରୁ ସମଗ୍ର ବିଶ୍ୱରେ ଆର୍ଥନୀତିକ କ୍ଷେତ୍ରରେ ଯେଉଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଥିଲା, ତହିଁରେ ଧନତନ୍ତ୍ରର ମୂଳ ଦୋହଲି ଯାଇଥିଲା । ଆମେରିକୀୟ ତରୁଣ ପିଢ଼ି ଏହାର ରହସ୍ୟ ଭେଦ କରିବା ନିମନ୍ତେ ସଚେଷ୍ଟ ହୋଇଥିଲେ । ନାଟ୍ୟକାର, ନିର୍ଦ୍ଦେଶନା ଓ ନାଟକ କ୍ଷେତ୍ରରେ ଥଓରି ଅଫ୍ ଆଇଡ଼େଣ୍ଟିଫିକେସନ୍ (Theory of identification) ତତ୍ତ୍ୱର

ପ୍ରଚାରକ ରୁଷୀୟ ନାଟ୍ୟତତ୍ତ୍ୱବିଦ୍ ଷ୍ଟାନିସ୍କାଭସ୍କିଙ୍କ ନିର୍ଦ୍ଦେଶିତ ଗ୍ରୁପ୍ ଆକ୍ଟିଂ ପ୍ରକ୍ରିୟାରୁ ନୂତନ ନାଟ୍ୟଧାରାର ନାମ ଗ୍ରୁପ ଥିଏଟର୍ ବୋଲି କେତେକ ସମାଲୋଚକ ମତ ଦିଅନ୍ତି । ସେମାନଙ୍କ ମତରେ-

A group of sponsored the work of the young dramatist Clittord Odettes. A permanent - reportoria company was built up dedicated to the principles of group acting as formulated by Stanyslavesky and practiced at the Mosko Art theatre. ଗ୍ରୁପ୍ ଥିଏଟର୍ ମସ୍କୋ ଆର୍ଟ ଥିଏଟର୍ ଦ୍ୱାର ଅନୁପ୍ରେରିତ । ତେଣୁ ଉଭୟର ଆଦର୍ଶରେ ପାର୍ଥକ୍ୟ ରହିଥିଲା । ମସ୍କୋ ଥିଏଟର୍‌ର ଆଦର୍ଶ ଥିଲା ନାନ୍ଦନିକ । ସେମାନେ ଚେକ୍‌ଭ, ଗର୍କୀଙ୍କ ସହିତ ମେଟାର ଲିଙ୍କ୍ ଏବଂ ଆନ୍ଦ୍ରିୟେଭଙ୍କୁ ମଧ୍ୟ ମଞ୍ଚରେ ପ୍ରଦର୍ଶନ କରିଛନ୍ତି । ଦର୍ଶନ ଦୃଷ୍ଟିରୁ ଉଭୟ ଗୋଷ୍ଠୀର ନାଟ୍ୟକାର ଦୁଇ ବିପରୀତ ମେରୁର ଅଧିବାସୀ ।[୭]

ନାଟକ ନିର୍ବାଚନ ସମୟରେ ଗ୍ରୁପ୍ ଥିଏଟର୍‌ର ଉଦ୍ୟୋକ୍ତାମାନେ ସାମାଜିକ ଓ ରାଜନୀତିକ ଭାବବସ୍ତୁକୁ ପ୍ରଧାନ ଅବଲମ୍ବନ କରିଥିଲେ । ଗ୍ରୁପ୍ ଥିଏଟର୍ ଅଭିନୀତ କ୍ଲିଫୋର୍ଡ଼ ଓଡ଼େଟସ୍‌ଙ୍କ ନାଟକ ସଂପର୍କରେ ହରାଲ୍ଡ଼ କ୍ଲାରମ୍ୟାନ୍ କହନ୍ତି – " The Playwright are saying something through their plays ଏବଂ ପ୍ରଧାନ ବକ୍ତବ୍ୟ ଥିଲା- 'Poverty or at least life long economical pressure among city persons, who still manage to get along respectable produces a certain lack of order, a confusion of physical details with spiritual crises." ଯେଉଁ ସମୟ ଏବଂ ସମ୍ପ୍ରଦାୟ ସାମାଜିକ ତଥା ସାଂସ୍କୃତିକ ସଂଘର୍ଷର ଚିତ୍ର କ୍ଲିଫୋର୍ଡ଼ ନିଜ ନାଟକରେ ଦେଇଛନ୍ତି, ସେ ଥିଲେ ନିଜେ ତାହାର ପ୍ରତିନିଧି । ୧୯୧୭ ମସିହାର ଋଷ ବିପ୍ଳବରୁ ଏହି ପ୍ରେରଣା ସଂଗୃହୀତ ହୋଇଥିଲେ ହେଁ ସାଧାରଣ ଦୃଷ୍ଟିରୁ ଦେଶ ବିଦେଶରେ ଏହି ସମୟରେ ପ୍ରଚାରିତ ବାମପନ୍ଥୀ ଆନ୍ଦୋଳନ ସହ ମଧ୍ୟ ଏହି ଦର୍ଶନର ନିଗୂଢ଼ ଯୋଗାଯୋଗ ରହିଛି ।[୮] ମଧ୍ୟବିତ୍ତ ଗୋଷ୍ଠୀର ଅନୁଭବ ଓ ଦର୍ଶନ, ସେମାନଙ୍କ ସମୟର ଅନ୍ତଃସ୍ୱର । ନୂତନ ମଞ୍ଚରେ ଏହାର ମଞ୍ଚାୟନ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିବା ଫଳରେ ବିଭିନ୍ନ ଦେଶରେ ଏହାର ସ୍ଥାନୀୟ ରୂପଟି ହିଁ ପ୍ରକାଶ ପାଇଲା । ଆମେରିକାର ଗ୍ରୁପ୍ ଥିଏଟର୍ ହେଉଛି ଏଭଳି ଏକ ପ୍ରତିଷ୍ଠାନ ।

ରୋମାରୋଲାଁଙ୍କ ପିପୁଲ୍‌ସ ଥିଏଟର୍, ପିଶ୍‌କାଟୋରଙ୍କ ପଲିଟିକାଲ୍ ଥିଏଟର୍ ଏବଂ ବ୍ରେଖଟ୍‌ଙ୍କର ଏପିକ୍ ଥିଏଟର୍, ଏହି ତିନୋଟି ଗ୍ରୁପ ଥିଏଟର୍ ସଂସ୍ଥାର ନାଟ୍ୟଧାରା ବିଂଶ ଶତକର ନାଟ୍ୟ ଆନ୍ଦୋଳନରେ ବାମ-ପନ୍ଥୀ ଚିନ୍ତାର ପରିପ୍ରକାଶକ ବୋଲି ବିବେଚନା କରାଯାଏ । ରୁଷ୍ ବିପ୍ଳବ, ସାମ୍ୟବାଦୀ ଦର୍ଶନ, ଧନତନ୍ତ୍ରର କ୍ରମବର୍ଦ୍ଧମାନ ସଂକଟ, ଫାସିଜିମ୍‌ର ଦ୍ରୁତ ଉତ୍‌ଥାନ, ସମଗ୍ର ପୃଥିବୀର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଆନ୍ଦୋଳନର ସୂତ୍ରପାତ କରାଇଥିଲା । ଭାରତୀୟ ଗଣନାଟ୍ୟ ସଂଘ ହେଉଛି ଏହାର ପ୍ରସୂତି । ଭାରତୀୟ ସାମାଜିକ ସାଂସ୍କୃତିକ ଓ ରାଜନୀତିକ ପରିବେଶ ଭିତରେ ନାଟକ ଓ ମଞ୍ଚ ପାଇଁ ଯେଉଁ ଭିତ୍ତିଭୂମି ସୃଷ୍ଟି କରିଥିଲା : ତାହାର ବିଶ୍ଳେଷଣ କରାଯାଇପାରେ ।

ବୈଦେଶିକ ଆଭିଜାତ୍ୟରୁ ଆମଦାନୀ ହୋଇଥିବା ପ୍ରସେନିୟମ୍ ଥିଏଟ୍‌ର ୧୯୩୭ ମସିହା ବେଳକୁ ଗଣ ଆହ୍ୱାନର ସମ୍ମୁଖୀନ ହେଲା । ସେହି ଆହ୍ୱାନ ଥିଲା ଚେତନାଗତ । ଐତିହାସିକ କାରଣ ଦ୍ୱାରା ଚେତନାଗତ ବିସ୍ଫୋରଣ ସଂଘଟିତ ହେଲା । ଭାରତୀୟ ନାଟକ ଓ ମଞ୍ଚର ବିଧାନ ପରିବର୍ତ୍ତନ ହୋଇଗଲା ।

ପ୍ରତ୍ୟେକ କଳାର ନିଜର ବିଧାନ ରହିଛି । ନାଟକ ଏକ ସମନ୍ୱୟବାଦୀ କଳା । ରଂଗମଞ୍ଚ, କାହାଣୀ, ଚରିତ୍ର, ଅଭିନୟ, ସଂଳାପ, ସଂଗୀତ, ଦୃଶ୍ୟସଜ୍ଜା, ବେଶଭୂଷା ଆଲୋକ ସଂପାତ, ଗଢ଼ଣ କୌଶଳ, ଉପସ୍ଥାପନା ଶୈଳୀ ପ୍ରଭୃତି ବହୁ ଉପାଦାନକୁ ନେଇ ନାଟକର ସୃଷ୍ଟି । ପ୍ରତ୍ୟେକ କଳାର ଯେପରି ଏକ ନିଶ୍ଚିତ ରୂପ ରହିଛି, ଏକ ନିଶ୍ଚିତ ଆକାର ଓ ସ୍ଥାପତ୍ୟ ରହିଛି, ସେହିଭଳି ଏ ସବୁ ଉପାଦାନକୁ ନେଇ ନାଟକର ନିଜସ୍ୱ ସ୍ଥାପତ୍ୟ ଗଠିତ । ବହୁ ଜଟିଳ ଉପାଦାନ, କ୍ରିୟା-ପ୍ରକ୍ରିୟା ଓ ଶକ୍ତିକୁ ନେଇ ଏହି ସ୍ଥାପତ୍ୟର ସ୍ଥିତି ଓ ବିକାଶ[୯] । ଦୃଶ୍ୟତତ୍ତ୍ୱ ଓ ଅଭିନେୟତା ଏହି ସ୍ଥାପତ୍ୟକୁ ଅନେକାଂଶରେ ନିୟନ୍ତ୍ରିତ କରିଥାଏ । ଏତଦ୍‌ଭିନ୍ନ ଦେଶ ଓ ସାହିତ୍ୟ ବିଶେଷର ବୈଶିଷ୍ଟ୍ୟ ଏଥିରେ ପ୍ରକାଶିତ ହୁଏ । ପ୍ରତ୍ୟେକ ସାହିତ୍ୟ ଓ ସଂସ୍କୃତିରେ ନାଟ୍ୟ, ନୃତ୍ୟ ଓ ସଂଗୀତର ପରଂପରା ରହିଛି । ଏହି ପରଂପରା ମଧ୍ୟ ନାଟକର ଶିଳ୍ପବିଧି ଓ ସ୍ଥାପତ୍ୟକୁ ପ୍ରଭାବିତ କରେ । ସମୟର ପରିବର୍ତ୍ତନରେ ସାହିତ୍ୟର

ଅନ୍ୟାନ୍ୟ ବିଭାଗର ଆଙ୍ଗିକ ଓ ଆତ୍ମିକ ଭାବ ବଦଳିଲା ଭଳି ନାଟକରେ ମଧ୍ୟ ସେ ଭଳି ପରିବର୍ତ୍ତନ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରକାଶ ପାଏ, ଫଳରେ ଗଢ଼ଣ କୌଶଳ ବଦଳିଯାଏ । ସମୟାନୁସାରୀ ବିଭିନ୍ନ ବୈଜ୍ଞାନିକ ସାଧନ, ବୈଷୟିକ ଜ୍ଞାନ କୌଶଳ ଏହି ନାଟ୍ୟ ସ୍ଥାପତ୍ୟର ଅଙ୍ଗ ହୋଇପଡ଼େ । କିନ୍ତୁ ନାଟ୍ୟ ସ୍ଥାପତ୍ୟ କଥା କହିବା ବେଳେ ଗୋଟିଏ କଥା ବିଶେଷ ମହତ୍ତ୍ୱପୂର୍ଣ୍ଣ ମନେହୁଏ । ଯେଉଁଠାରେ କଳାର ଆୟାସ ବା ଇଚ୍ଛାକୃତ ନିୟନ୍ତ୍ରଣ ପରିଲକ୍ଷିତ ହୁଏ, ସେଠାରେ କଳା ନିଜର ଗୌରବ ହରାଏ । ତେଣୁ ନାଟ୍ୟ ସ୍ଥାପତ୍ୟର ସବୁ ଶିଳ୍ପ ବିଧିକୁ ଅତିକ୍ରମ କରି ସ୍ୱତଃସ୍ଫୁର୍ତ୍ତ ପ୍ରକାଶ ଭଂଗୀ ମାଧ୍ୟମରେ ହିଁ ନାଟକର ଗୌରବ ପ୍ରତିଷ୍ଠିତ ହୁଏ । ଅନ୍ୟ ଭାଷାରେ କହିଲେ କଳାର ବିଶେଷତା ହିଁ କଳାହୀନତା । ଏହି କଳାହୀନତା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ନାଟ୍ୟ ସ୍ଥାପତ୍ୟର ସ୍ୱତଃସ୍ଫୁରଣ କ୍ଷେତ୍ରରେ ।[୧୦]

ନାଟ୍ୟବିଧାନ ସଂସାରର ସମସ୍ତ ବସ୍ତୁ ପରି ପରିବର୍ତ୍ତନଶୀଳ । ସମୟର ଅପ୍ରତିହତ ପ୍ରଭାବ ଏହି କ୍ରିୟାକୁ ଗତିଶୀଳ କରାଏ । ଯୁଗବଦଳେ, ଏହା ସହିତ ଚେତନା ମଧ୍ୟ ବଦଳିଯାଏ । ନୂଆ ସାମଗ୍ରୀ ସମ୍ମୁଖକୁ ଆସେ, ନୂଆ ବସ୍ତୁ ନୂଆ ରୂପର ଦାବୀ ହୁଏ । ତେଣୁ ନାଟ୍ୟବିଧାନ ଓ ଏଥି ସହିତ ନାଟ୍ୟ ସ୍ୱରୂପ ବଦଳିଯାଏ ।[୧୧] ନୂତନ ପରିବର୍ତ୍ତିତ ପରିସ୍ଥିତିରେ ନାଟକର ନୂଆ ଗଢ଼ଣ ହୁଏ । ନିଜ ସମୟର ସର୍ତ୍ତରେ ସ୍ରଷ୍ଟା ଏହି ନୂତନତାକୁ ଏକ କରିନିଏ ।[୧୨] ତେଣୁ ସବୁ ଯୁଗରେ, ସବୁ ଦେଶର ନାଟକ ଏହି ପରିବର୍ତ୍ତନକୁ ଏକ ସହଜ ସ୍ୱାଭାବିକ ଧର୍ମ ରୂପେ ମାନି ନେଇଛି । ଭାରତୀୟ ନାଟକ କ୍ଷେତ୍ରରେ ଏହି ସତ୍ୟତା ଦୁର୍ଲକ୍ଷ୍ୟ ନୁହେଁ । ଯେଉଁ ଦେଶରେ ଏକଦା ସଂସ୍କୃତ, ପ୍ରାକୃତ ଓ ଅପଭ୍ରଂଶ ଭାଷାରେ ସହସ୍ରାଧିକ ନାଟକ ରଚିତ ହୋଇ ନାଟକ ରଚନା ଓ ପ୍ରଯୋଜନା କ୍ଷେତ୍ରରେ ସମଗ୍ର ପୃଥିବୀରେ ଏକ ଅଗ୍ରଣୀସ୍ଥାନ ଅଧିକାର କରିଥିଲା ।[୧୩] ଯେଉଁ ଦେଶର ରଙ୍ଗମଞ୍ଚ ପ୍ରସ୍ତୁତି ଓ ଆବଦ୍ଧ ପ୍ରେକ୍ଷାଗୃହରେ ପୃଥିବୀର ପ୍ରଥମ ନାଟକ ମଞ୍ଚସ୍ଥ ହୋଇଥିଲା ।[୧୪] ଯେଉଁ ଦେଶରେ ଅଭିନୟ ଓ ରଂଗମଞ୍ଚ ଶିଳ୍ପର ସୂକ୍ଷ୍ମ ନିବେଦନ, ବର୍ଗୀକରଣ ଓ ବିବରଣ ଉପଲବ୍ଧ ହେବା ସଂଗେ ସଂଗେ[୧୫] ମୋଗଲ ଶାସନ କାଳରେ, ନାଟକ ଅନଭିଜ୍ଞ ଆରବୀ ଓ ପାର୍ସୀ ଭାଷାର ବିକାଶ ସହିତ ସଂଗୀତ, ଚିତ୍ରକଳା ଓ ସ୍ଥାପତ୍ୟ ବିଦ୍ୟାର ଉଲ୍ଲେଖନୀୟ ଉନ୍ନତି ହୋଇଥିଲା, ସେହି ଦେଶରେ ନାଟକ ଉପେକ୍ଷିତ ହେବା[୧୬] ଯେପରି ବସ୍ମୟକର, ଇଂରେଜ ଶାସନ କାଳରେ ପାଶ୍ଚାତ୍ୟ ନାଟ୍ୟଧର୍ମୀ ତାକୁ ସଂପୂର୍ଣ୍ଣ ଆଦରି ନେବା[୧୭] ସେତିକି ଦୁଃଖଦ । ତଥାପି ସ୍ୱୀକାର କରିବାକୁ ହେବ ଯେ- ଏହା ନାଟକର ବିଚିତ୍ର ଗତିର ଏକ ସ୍ୱାଭାବିକ କ୍ରିୟା ମାତ୍ର ।

ଭାରତରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବା ସଂଗେ ସଂଗେ ଇଂରାଜୀ ଶିକ୍ଷାର ଆରମ୍ଭ ହୋଇଛି ଏବଂ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ପାଶ୍ଚାତ୍ୟ ସାହିତ୍ୟର-

ଧାରା ଭାରତୀୟ ସାହିତ୍ୟକୁ ସଂପୂର୍ଣ୍ଣ ଗ୍ରାସ କରିଯାଇଛି । ୟୁରୋପୀୟ ସାହିତ୍ୟ ଓ ସଂସ୍କୃତିର ବିଜୟ ଯାତ୍ରା, ସେମାନଙ୍କ ସାମ୍ରାଜ୍ୟବାଦ ବିସ୍ତାର ସହିତ ପ୍ରତ୍ୟେକ ଜନଜୀବନକୁ ପ୍ରଭାବିତ କରିଛି । କେବଳ ଭାରତ ନୁହେଁ, ଊନବିଂଶ ଶତକରେ ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ଓ ଆମେରିକୀୟ ଉପନିବେଶ ଦେଶଗୁଡ଼ିକର ସାହିତ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି । ସାହିତ୍ୟର ଅନ୍ୟାନ୍ୟ ବିଭାଗ ସହିତ ଏସୀୟ ନାଟକ ମଧ୍ୟ ବିଶେଷ ଭାବେ ପାଶ୍ଚାତ୍ୟାଭିମୁଖୀ ହୋଇଛି । କିନ୍ତୁ ରୁଷ୍ ବିପ୍ଳବ ପରେ କମ୍ୟୁନିଷ୍ଟ୍ ଚିନ୍ତାଧାରା ସାହିତ୍ୟକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଏକ ସୂକ୍ଷ୍ମ ବିପ୍ଳବ ସୃଷ୍ଟି କରିଛି । ସାମ୍ରାଜ୍ୟବାଦୀ ନାଟକ ସଂପର୍କରେ ରୋମାରୋଲାଁ ଲେଖିଛନ୍ତି – “They are interested primarily in certain domestic and social problems, which are merely stated and not solved[୧୮] ନାଟକକୁ ସାଧାରଣ ମଣିଷ ନିକଟକୁ ନେଇଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ‘The peoples theatre’ ରେ ରୋଡ଼େନ୍ ବେକ୍‌ଙ୍କୁ ଉଦ୍ଧାର କରି ରୋମାରୋଲାଁ ମନ୍ତବ୍ୟ ଦେଇଛନ୍ତି- “Art is not for the people, to make the people to understand it, art would have to be brought down to their level.[୧୯] ଭାରତରେ ଗଣନାଟ୍ୟ ଆନ୍ଦୋଳନ ମଧ୍ୟ ଆରମ୍ଭ ହୋଇଛି । ଭାରତୀୟ ଗଣନାଟ୍ୟ ସଂଘ ‘Indian Peoples’ theatre’ Association (IPTA) ଜନ୍ମ ଲାଭ କରିଛି । ଭାରତୀୟ ଗଣନାଟ୍ୟ ସଂଘ ଭାରତୀୟ ନାଟକ କ୍ଷେତ୍ରରେ ଗ୍ରୁପ୍ ଥିଏଟର୍‌ର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲା । ଭାରତୀୟ ଗଣନାଟ୍ୟ ସଂଘ ଗଣନାଟ୍ୟ ଆନ୍ଦୋଳନର ଜନକ ଥିଲା । ଏହି ଆନ୍ଦୋଳନର ଭାବାଦର୍ଶଗତ ଭିତ୍ତି ସ୍ଥାପିତ ହୁଏ ୧୯୩୬ ମସିହାରେ ପ୍ରଗତି ଲେଖକ ସଂଘଦ୍ୱାରା । ସେହି ବର୍ଷ ଏପ୍ରିଲ୍ ମାସରେ ଭାରତୀୟ

ଜାତୀୟ କଂଗ୍ରେସର ଲକ୍ଷ୍ନୌ ଅଧିବେଶନ ସହିତ ସମାନ୍ତରାଳ ଭାବେ ପ୍ରଗତି ଲେଖକ ସଂଘର ପ୍ରଥମ ସର୍ବଭାରତୀୟ ଅଧିବେଶନ ବସେ ଓ ସେଥିରେ କବି ଭାବରେ ଯୋଗ ଦିଅନ୍ତି କଂଗ୍ରେସ୍ ନେତ୍ରୀ ସରୋଜିନୀ ନାଇଡୁ ଓ ମୌଲାନା ହସରତ୍ ମୋହାନୀ । ଅଧିବେଶନରେ ଲେଖକ ସଂଘର ଘୋଷଣା ପତ୍ରରେ ଲେଖକର କର୍ତ୍ତବ୍ୟ ସଂପର୍କରେ ଘୋଷିତ ହୋଇଥିଲା ଯେ ଆମର ପ୍ରବର୍ତ୍ତମାନ ସମାଜର ଚିନ୍ତାଧାରାକୁ ସାହିତ୍ୟରେ ପ୍ରତିଫଳିତ କରିବାକୁ ହେଲେ ବୈଜ୍ଞାନିକ ଯୁକ୍ତିଯୁକ୍ତତାକୁ ସାହିତ୍ୟରେ ପ୍ରତିଷ୍ଠିତ କରାଇ ପ୍ରଗତିବାଦୀ ଚିନ୍ତାଧାରାକୁ ଅଧିକ ତ୍ୱରାନ୍ୱିତ କରାଇବାକୁ ହେବ । ସାହିତ୍ୟିକ ବିଚାର କ୍ଷେତ୍ରରେ ଏଭଳି ସୁସ୍ଥ ଦୃଷ୍ଟିଭଂଗୀର ଅବତାରଣା ହେବ ଯଦ୍ଦ୍ୱାରା ସାହିତ୍ୟିକ ପ୍ରସଙ୍ଗରୁ ପ୍ରଗତି ବିମୁଖ ଓ ପଶ୍ଚାଦ୍‌ଗାମୀ ମନୋବୃତ୍ତିର ମୂଳୋତ୍ପାଟନ ଘଟିବା ସଙ୍ଗେ ସଙ୍ଗେ ସାଂପ୍ରଦାୟିକତା, ଜାତି ବିଦ୍ୱେଷ, ଯୌନାଚାର, ସାମାଜିକ ଅବିଚାର ଆଦିର ସମସ୍ତ ଯାତାୟାତ ସବୁଦିନ ପାଇଁ ଲୋପ ପାଇବ । ଆମେ ଚାହୁଁ ସାଧାରଣ ଜୀବନର ସର୍ବବିଧ କଲ୍ୟାଣ ନିମନ୍ତେ ନିବିଡ଼ ସଂଯୋଗ । ଆମେ ଚାହୁଁ ଯେ ସାହିତ୍ୟ ଦୈନନ୍ଦିନ ଜୀବନର ଚିତ୍ରକୁ ପରିସ୍ଫୁଟ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ପରିକଳ୍ପନାରେ ଅଗ୍ରଗତି ଆଣୁ । ଆମେ ବିଶ୍ୱାସ କରୁ ଯେ ଏହି ନବୀନ ସାହିତ୍ୟିକ ଚିନ୍ତାଧାରା ଆମର ।

ବର୍ତ୍ତମାନ ଜୀବନରେ ଥିବା ମୂଳ ସମସ୍ୟା ଯଥା- କ୍ଷୁଧା, ଦାରିଦ୍ର୍ୟ,

ସାମାଜିକ ପରାଙ୍ମୁଖତା, ରାଜନୈତିକ ପରାଧୀନତା ଆଦିକୁ ନେଇ ପୁଙ୍ଖାନୁପୁଙ୍ଖ...... ଆଲୋଚନା କରୁ ।[୨୦] ସାମ୍ରାଜ୍ୟବାଦ, ଫାଶିବାଦ ଓ ବିଶ୍ୱଯୁଦ୍ଧ ବିରୁଦ୍ଧରେ ଜାତୀୟ କଂଗ୍ରେସ୍ ଅଧିବେଶନ ଜାତୀୟ ମୁକ୍ତ ଫ୍ରଣ୍ଟ ଗଠନର ଯେଉଁ ଆହ୍ୱାନ ଦେଇଥିଲା, ଉଲ୍ଲିଖିତ ଘୋଷଣାପତ୍ର ତା'ର ଏକ ସାଂସ୍କୃତିକ ପ୍ରତିଧ୍ୱନି କହିଲେ ଅତ୍ୟୁକ୍ତି ହେବ ନାହିଁ । ପଣ୍ଡିତ ଜବାହର ଲାଲ ନେହେରୁ ଏହି ଲେଖକ ସଂଘର କାର୍ଯ୍ୟକଳାପ ସହ ସଂଯୁକ୍ତ ଥିଲେ । କଂଗ୍ରେସ୍ ସୋସିଆଲିଷ୍ଟ ପାର୍ଟିର ଜୟ ପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଏବଂ ଡକ୍ଟର ଜେଡ୍ ଓ ଅହମ୍ମଦ ସୋସିଆଲିଷ୍ଟ "ବୁକ୍-କ୍ଲବ୍" ଗଠନ କରିଥିଲେ । ଏହି କ୍ଲବ୍ ମାଧ୍ୟମରେ ମାର୍କ୍ସ ଓ ଲେନିନ୍ ରଚନାବଳୀ ସହିତ ଗର୍କୀ ସାହିତ୍ୟ ମଧ୍ୟ ପ୍ରକାଶିତ ହୋଇଥିଲା ।[୨୧] ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ୍ ସୋସିଆଲିଷ୍ଟ ପାର୍ଟିର ସୃଷ୍ଟି ହୁଏ ୧୯୩୪ ମସିହାରେ ଏବଂ କଂଗ୍ରେସ୍ ଲକ୍ଷ୍ନୌ ଅଧିବେଶନରେ ସମକାଳୀନ ସର୍ବଭାରତୀୟ କୃଷକ ସଭା (୧୧ ଏପ୍ରିଲ୍ ୧୯୩୬) ପ୍ରଗତି ଲେଖକ ସଂଘ ସୃଷ୍ଟିର ପରଦିନ ଜନ୍ମ ନିଏ । ଭାରତରେ ଛାତ୍ର ଫେଡେରେସନ୍ ୧୨ ଅଗଷ୍ଟ ୧୯୩୬ ରେ ସୃଷ୍ଟି ହୁଏ । ଏ ସମସ୍ତ ଆନ୍ଦୋଳନରୁ ଜନ୍ମ ନିଏ ଗଣନାଟ୍ୟ ଆନ୍ଦୋଳନ । ତରୁଣ, ଛାତ୍ର, ଲେଖକ କୃଷକ ଓ ଶ୍ରମିକ - ଆନ୍ଦୋଳନର କର୍ମକର୍ତ୍ତା ହୋଇ ଏକ ନୂତନ ଭିତ୍ତିଭୂମି ସ୍ଥାପନ କଲେ ସଂଗୀତ, ନୃତ୍ୟ ଓ ନାଟକରେ । କଲିକତାରେ ଛାତ୍ର ଫେଡ଼େରେସନ୍ ୧୯୩୯-୪୦ ମସିହା ମଧ୍ୟରେ "ପୋଷ୍ଟର ନାଟକର" ସୂତ୍ରପାତ କଲେ । ପ୍ରଗତି ଲେଖକ ସଂଘର ଦ୍ୱିତୀୟ ସର୍ବଭାରତୀୟ ସମ୍ମିଳନୀ ହୁଏ କଲିକତାରେ ୧୯୩୮ ଡିସେମ୍ବର ମାସରେ । ଏହାର ଅଳ୍ପଦିନପରେ ଜନ୍ମ ଲାଭ କରିଥିବା 'ଅଗ୍ରଣୀ' ପତ୍ରିକାରେ ସୁବୋଧ ଘୋଷଙ୍କର ପ୍ରକାଶିତ ଗଳ୍ପ ଫସିଲ୍‌କୁ ନେଇ "ଅଂଜନ ଗଡ଼" ୟୁଥ୍ କଲ୍‌ଚୁରାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସୁନୀଲ୍ ଚାଟାର୍ଜୀ ଏହାର ନାଟ୍ୟ ରୂପ ଦେଇ ଅଭିନୀତ କରାଇଥିଲେ । ସମସାମୟିକ କାଳରେ ଲକ୍ଷ୍ନୌ ପ୍ରଗତି ଲେଖକ ସଂଘର ମାମୁଦ ଜାଫର୍ ଓ ତାଙ୍କ ପତ୍ନୀ ଡଃ ରସିଦା ଜାହାଁ ଗ୍ରୁପ୍ ଥିଏଟର୍ ନାମରେ ଏକ ସଂସ୍ଥା ଗଢ଼ିଥିଲେ । ୧୯୪୦ ମସିହାରେ ବାଙ୍ଗାଲୋର ସହରରେ ସିଂହଳୀ କନ୍ୟା ଅନିଲ୍.ଡ଼ି ସିଲ୍‌ଭା, ନର୍ତ୍ତକ ରାମକୁମାର ଓ ତରୁଣ ବୈଜ୍ଞାନିକ ଜେ ଭାଜା People's theatre ନାମରେ ଏକ ସାଂସ୍କୃତିକ ଦଳ ଗଠନ କରିଥିଲେ । ପୋଲିସ୍ ଅତ୍ୟାଚାରରେ ଶ୍ରମିକମାନଙ୍କୁ ନେଇ 'People's Theatre' ଗଠନ କରନ୍ତି । ୧୯୪୩ ମସିହାରେ ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀରେ ଏହି ନାମଟି ଗୃହୀତ ହୁଏ । ୧୯୩୬ ରୁ ୧୯୪୩ ମସିହା ମଧ୍ୟରେ ସଂଘଟିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା ଯଥା- ଜାତୀୟ ଯୁକ୍ତଫ୍ରଣ୍ଟ ମଧ୍ୟରେ ଫାଟ, ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ୍‌ରୁ ବିତାଡ଼ିତ କଂଗ୍ରେସ୍ ସୋସିଆଲିଷ୍ଟ ପାର୍ଟି ଓ ଜବାହରଲାଲ ନେହେରୁଙ୍କ ସୁଭାଷ ବିରୋଧତା, ଫରଓ୍ୱାର୍ଡ଼ ବ୍ଲକ୍‌ର ସୃଷ୍ଟି, କଂଗ୍ରେସ୍ ସୋସିଆଲିଷ୍ଟ ପାର୍ଟିରୁ କମ୍ୟୁନିଷ୍ଟ ବହିଷ୍କାର ଫଳରେ ବାମପନ୍ଥୀ ଆନ୍ଦୋଳନ ଭାରତୀୟ ରାଜନୀତିକ ଓ ସାମାଜିକ କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ପୁନଶ୍ଚ ଚୀନ୍‌ରେ ଜାପାନ୍‌ର ଆକ୍ରମଣ, ଅତ୍ୟାଚାର ଓ ବର୍ମାରୁ ଭାରତୀୟ ମାନଙ୍କର ଦୁର୍ଦ୍ଦଶା ଫାଶିବାଦର ସ୍ୱରୂପ ସଂପର୍କରେ ଧୀରେ ଧୀରେ ପରିଚିତ କରିଥିଲା । ଢାକାର ତରୁଣ ଲେଖକ ସୋମେନ୍ ଚନ୍ଦଙ୍କ ହତ୍ୟା

ବଙ୍ଗଳାର ବୁଦ୍ଧିଜୀବୀଙ୍କ ମଧ୍ୟରେ ଫାଶିବାଦ ବିରୁଦ୍ଧରେ ଏକତ୍ରିତ ହେବାର ଖୋରାକ ଯୋଗାଇଥିଲା । କଲିକତାରେ ଫାଶିଷ୍ଟ ବିରୋଧୀ ଲେଖକ ଓ ଶିଳ୍ପୀ ସଂଘ ପ୍ରତିଷ୍ଠିତ ହୁଏ । ଏହି ସଂଘର ଗଣନାଟ୍ୟ ବିଭାଗ ପ୍ରକୃତ ପକ୍ଷରେ ପୁରାତନ ପ୍ରଗତି ଲେଖକ ସଂଘ ୟୁଥ୍ କଲଚୁରାଲ୍ ଇନ୍‌ଷ୍ଟିଚ୍ୟୁଟ୍ (Y. I. C) ଏବଂ ଛାତ୍ର ଫେଡ଼େରେସନ୍‌ର ଶିଳ୍ପୀଗୁଣ ସଂପନ୍ନ କର୍ମୀମାନଙ୍କ ଦ୍ୱାରା ଗଠିତ ହୋଇଥିଲା । କିନ୍ତୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ କଂଗ୍ରେସ୍ ଅଧିବେଶନରେ ଗଣନାଟ୍ୟ ସଂଘର ସର୍ବଭାରତୀୟ ସଂଗଠନର ସୂତ୍ରପାତ ହେଲା । ଏହି ସଂଘର ପ୍ରଥମ କାର୍ଯ୍ୟକାରୀ ସମିତିରେ ସଂସ୍କାରପନ୍ଥୀ ଶ୍ରମିକନେତା ଏନ୍.ଏମ୍. ଯୋଶୀଙ୍କ ବ୍ୟତୀତ କମ୍ୟୁନିଷ୍ଟ ନେତା ଏସ୍.ଏ.ଡାଙ୍ଗେ, ବଙ୍କିମ୍ ମୁଖାର୍ଜୀ, ଛାତ୍ର କମ୍ୟୁନିଷ୍ଟ ନେତା ତରୁଣ ବୋଷ ଏବଂ ପ୍ରଗତି ଲେଖକ ସଂଘର ସଂପାଦକ ସଜ୍‌ଜାଦ ଜହୀର ପ୍ରମୁଖ ଥିଲେ । ଏମାନଙ୍କ ବ୍ୟତୀତ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ନଥିବ ଖ୍ୱାଜା ଅହମ୍ମଦ ଆବ୍‌ବାସ, ମାମା ୱାରେଇକର ଓ ମନୋରଂଜନ ଭଟ୍ଟାଚାର୍ଯ୍ୟ ମଧ୍ୟ ସାମିଲ ଥିଲେ । ପରବର୍ତ୍ତୀ ସମ୍ମିଳନୀର ସର୍ବଭାରତୀୟ କମିଟିରେ ମହାକବି ଭାହାଥଲ୍, ରବିଶଂକର, ଧୂର୍ଜଟୀ ପ୍ରସାଦ ମୁଖୋପାଧ୍ୟାୟଙ୍କ ନାମ ଦେଖିବାକୁ ମିଳେ ।[୨୨]

ଗଣନାଟ୍ୟ ସଂଘର ପ୍ରଥମ ଘୋଷଣା ପତ୍ରରେ ଆହ୍ୱାନ ଥିଲା ଯେ, ପ୍ରଗତିଶୀଳ ଧାରାକୁ ଆଗେଇ ନେବା ନିମନ୍ତେ ସବୁ ପ୍ରକାର କଳା ସହିତ ସାଧାରଣ ମଣିଷର ନିବିଡ଼ ସଂଯୋଗ ସାଧନ ଅର୍ଥାତ୍ ଶ୍ରମିକ, କୃଷକ ଓ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ଅବହେଳିତ ଓ ଲୁକ୍‌କାୟିତ ସୃଜନ ପ୍ରତିଭାର ଉନ୍ମୀଳନର ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରିବା ।[୨୩]

୧୯୪୨ ରୁ ୧୯୪୮ ମସିହା ମଧ୍ୟରେ ନାଟକ କ୍ଷେତ୍ରରେ ମୃଚ୍ଛକଟିକ, ମୁଦ୍ରାରାକ୍ଷସ, ନୀଳଦର୍ପଣ, ବୁଡ଼ୋ ଶାଲିକେର ଘାଡେରୋଁ, କୁଲ୍ଲୀନ୍ କୁଲୁ ସର୍ବସ୍ୱ, କୃଷ୍ଣ କୁମାରୀ, ଚାକର ଦର୍ପଣ, ସୁରେନ୍ଦ୍ର-ବିନୋଦିନୀ, କଫନ୍ ଥେକେ ଆଗୁନ୍, ଲାବୋରେଟେରୀ, ଜମାନବନ୍ଦୀ, ନବାନ୍ନ, ପଥିକ, ଛେଣ୍ଡାତାର, ରକ୍ତକରବୀ ଇତ୍ୟାଦି ନାଟକ ଗଣନାଟ୍ୟ ସଂଘ କିମ୍ବା ଏହା ସହିତ ଏକଦା ସଂପୃକ୍ତ ଥିବା ବ୍ୟକ୍ତିଙ୍କ ଦ୍ୱାରା ହିଁ ପରିବେଷିତ । ପାନୁ ପାଲଙ୍କ ମହାମାରୀ ନୃତ୍ୟ, କେନ୍ଦ୍ରୀୟ କ୍ୟାଲୋ ସ୍କୋୟାର୍ଡ଼ର Spirit of India ଏବଂ India immortal (ଶାନ୍ତି ବର୍ଦ୍ଧକ, ଅବନୀ ଦାଶ ଗୁପ୍ତ, ରବି ଶଙ୍କର) ଏକ ପୟସାର ଭେଁପୁ,(ଜ୍ଞାନ ମଜୁମ୍‌ଦାର, ଅଭିଜିତ୍, ଅନିଲ୍, ଦିଲ୍ଲୀପ ସେନଗୁପ୍ତ ଓ ଶମ୍ଭୁ ଭଟ୍ଟାଚାର୍ଯ୍ୟ) This our land. (ବୁଲ୍‌ବୁଲ୍ ଚୌଧୁରୀ ଓ ଜ୍ଞାନ ମଜୁମ୍ ଦାର) ରାନାର୍ (ଶମ୍ଭୁ ଭଟ୍ଟାଚାର୍ଯ୍ୟ) ପ୍ରଭୃତି ଗଣନାଟ୍ୟ ଆନ୍ଦୋଳନର ଆବଶ୍ୟକତା ପରିପୂର୍ଣ୍ଣ କରିଛି । ଉଦୟ ଶଙ୍କର ପ୍ରବର୍ତ୍ତିତ Shadow Play ମଧ୍ୟ ଗଣନାଟ୍ୟ ସଂଘର ଦିଲ୍ଲୀ ଓ ବଙ୍ଗଳା ଶାଖା ଅନୁସରଣ କରିଛି । ଗଣନାଟ୍ୟ ସଂଘର ସାଧାରଣ ସଂପାଦକ ଖ୍ୱାଜା ଅହମ୍ମଦ ଆବ୍‌ବାସଙ୍କ ପରିଚାଳିତ ବଲରାଜ ସାହାଣୀ, ଶମ୍ଭୁମିତ୍ର ଓ ତୃପ୍ତିମିତ୍ର ଅଭିନୀତ ଚଳଚ୍ଚିତ୍ର "ଧରତୀ କେ ଲାଲ୍", ସଂଘର ଅଭିନେତା ନିମାଇଁ ଘୋଷଙ୍କ ତିନ୍ନ ମୂଳ, କାର୍ତ୍ତିକ ଘଟକ, ମୃଣାଳ ସେନ ଏବଂ ସଂଘର ବିଶେଷ ସମର୍ଥକ ସତ୍ୟଜିତ୍ ରାୟ ପ୍ରମୁଖ ଯେଉଁ କ୍ରାନ୍ତି ଆଣିଲେ ତାହା ପ୍ରଗତିଶୀଳ ପ୍ରବାହକୁ ବୃଦ୍ଧି କରିଥିଲା ।[୨୪] ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ ୧୯୪୫ ମସିହାରେ ମହମ୍ମଦ ଅଲ୍ଲୀ ପାର୍କରେ ଫାସିଷ୍ଟ ବିରୋଧୀ ଲେଖକ ଶିଳ୍ପୀ ସଂଘ ଏବଂ ଗଣନାଟ୍ୟ ସଂଘର ରାଜ୍ୟ ସମ୍ମିଳନୀ ହୋଇଥିଲା । ବିଭିନ୍ନ କାରଣରୁ ଏହା ଥିଲା ଏକ ଐତିହାସିକ ଘଟଣା । ବିଭିନ୍ନ ପର୍ଯ୍ୟାୟରେ ଗଣନାଟ୍ୟ ଆନ୍ଦୋଳନ ଲୋକ ସଂସ୍କୃତିକୁ ନାଟକର ଅଙ୍ଗୀଭୂତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ଏହା କେବଳ କେତୋଟି ମହାନଗର ଭିତରେ ଆବଦ୍ଧ ହୋଇ ରହିଥିଲା; ତେଣୁ ଯଥାର୍ଥରେ ଏହା ଗଣସ୍ତରକୁ ଯାଇ ପାରିନାହିଁ । ଏହି ଆନ୍ଦୋଳନ ସହିତ ସଂପୃକ୍ତ ନାଟ୍ୟକାରମାନେ ହୁଏତ ବ୍ୟବସାୟି ମଞ୍ଚ ପାଇଁ ନାଟକ ଲେଖି ନାହାଁନ୍ତି କିନ୍ତୁ ପାଶ୍ଚାତ୍ୟ ପ୍ରଭାବରୁ ନିଜକୁ ମୁକ୍ତ କରି ଏକ ନିଜସ୍ୱ ନାଟ୍ୟତତ୍ତ୍ୱ ବା ନାଟ୍ୟ ସ୍ଥାପତ୍ୟଗଢ଼ିବାରେ ସଂପୂର୍ଣ୍ଣ ଅକ୍ଷମ ହୋଇଛନ୍ତି ।[୨୫]

କ୍ରମଶଃ ଭାରତୀୟ ନାଟକ ପାଶ୍ଚାତ୍ୟ ଆବସର୍ଡ ନାଟକ ବା ଅନାଟକବାଦ ଭିତରେ ଛନ୍ଦି ହୋଇଯାଏ । "ପାଶ୍ଚାତ୍ୟ ଅନାଟକବାଦ ଔର ହମ୍"- ପ୍ରବନ୍ଧରେ ଚନ୍ଦନ ଗୋପାଳ ଏହି ନାଟ୍ୟଧାରାକୁ ବିଦ୍ରୂପ କରି ଲେଖିଛନ୍ତି - "ପାଶ୍ଚାତ୍ୟ ନାଟକରେ ଅନାଟକବାଦ ଏକ ଫେସନ । କିଛି ସମୟ ପରେ ଏହା ପୁରୁଣା ହୋଇଯାଏ ଏଥିରେ ଚମତ୍କୃତ କରିବାର ଲକ୍ଷଣ ରହିପାରେ କିନ୍ତୁ ବିସ୍ତୃତ ହୋଇପାରିବ ନାହିଁ । ଆମର ଉପବନକୁ ଆମେ ଗୋଲାପ, ମଲ୍ଲୀ ଏବଂ ଜୁଇ ଫୁଲରେ ସଜାଇବାରେ ଅଭ୍ୟସ୍ତ । ଏହାଦ୍ୱାରା ଆମେ ଆନନ୍ଦିତ ହେଉ । କାକ୍‌ଟସ୍ ଲଗାଇ ସେଥିରେ ବିସ୍ମିତ ହେବାର ଆଶା ଭ୍ରମପୂର୍ଣ୍ଣ, ଆତ୍ମଘାତୀ ମାତ୍ର[୨୬] ୧୯୬୧

ମସିହାରେ ଦିଲ୍ଲୀଠାରେ ଭାରତୀୟ ନାଟ୍ୟ ସଂଘ ଦ୍ୱାରା ଆୟୋଜିତ ଆଲୋଚନା ଚକ୍ରକୁ ସ୍ମରଣ କରାଯାଇପାରେ । ଏହି ଆଲୋଚନା ଚକ୍ରରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଅଧ୍ୟାପକ ଓ ନଟରଂଗ ପତ୍ରିକାର ସଂପାଦକ ଶ୍ରୀ ନେମୀଚନ୍ଦ୍ର ଜୈନଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ । ଶ୍ରୀ ଜୈନ ତାଙ୍କ ସଂପାଦନାରେ ପ୍ରକାଶିତ "ସଂଗୀତ ନାଟକ" ପତ୍ରିକାରେ "Some notes on the use of Tradition in Theatre." ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ।

When, in one of its sessions, it was suggested that modern Indian play wright and directors have something to learn from what was then called folk theatre, a number of participants ridiculed the idea or were cold and sceptical. They indgrantly asserted that folk theatre might be allright for the villages, but modern urban theatre originating from Western inspiration could grow only along Western lines.[୨୭] ୧୯୬୧ ମସିହାରେ ବିଦ୍‌ଗ୍ଧ ନାଟ୍ୟଧାରା ସହିତ ଲୋକଧାରାର ମିଶ୍ରଣ ପ୍ରତି ବିଦ୍ରୂପ କରିବା, ଦୀର୍ଘଦିନ ଧରି ପାଶ୍ଚାତ୍ୟ ନାଟ୍ୟଧାରାକୁ ଆଦର୍ଶ ରୂପେ ଗ୍ରହଣ କରି ଆସିଥିବା ଭାରତୀୟ ନାଟକ ପ୍ରତି ଅପ୍ରତ୍ୟାଶିତ ନଥିଲା ।

ସ୍ୱାଧୀନଚେତା ସୃଜନଶୀଳ ପ୍ରତିଭାଧର ସ୍ରଷ୍ଟାମାନଙ୍କ ଭିତରେ ଆବସର୍ଡ଼ ନାଟକର ମୋହ ତୁଟାଇ ପରିବେଶାନୁକୂଳ ନାଟକ ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ଭାରତୀୟ ରଂଗମଞ୍ଚରେ ଯେଉଁ ନାଟ୍ୟକାରମାନେ ବିବର୍ତ୍ତନର କର୍ଣ୍ଣଧାର ରୂପେ ନିଜକୁ ପ୍ରତିପାଦିତ କରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ବିଜୟ ତେନ୍ଦୁଲ୍‌କର, ଗିରୀଶ କର୍ନ୍ନଡ଼ ଓ ବାଦଲ ସରକାର[୨୮] ତେନ୍ଦୁଲ୍‌କରଙ୍କର ମରାଠୀ ନାମକ "ସରୀଗ ସରି"ର ପ୍ରଥମ ପ୍ରସ୍ତୁତି ୧୯୬୪ରେ ବମ୍ବେରେ ହୋଇଥିଲା ତାମସା ଓ ଗ୍ରାମୀଣ ଢାଞ୍ଚାରେ ସଂଳାପ ପ୍ରୟୋଗ ଏହି ନାଟକର ବୈଶିଷ୍ଟ୍ୟ । ନାଟକରେ ପାରଂପରିକ ଗଣ (ଗଣପତି ବନ୍ଦନା), ଗୋଲଣ (କୃଷ୍ଣ ଗୋପୀଙ୍କ ସଂପର୍କ) ପୋଓଡ଼ା ( ଗୀତର ଏକ ବିଶେଷ ରୂପ) କୁ ସଂଯୋଜିତ କରି ତେନ୍ଦୁଲ୍‌କର ନୂତନତା ସୃଷ୍ଟି କରିଥିଲେ । ସମକାଳୀନ ସହରୀ ଜୀବନର ଚିତ୍ର ହିଁ ଏହାର ଭାବବସ୍ତୁ ଥିଲା । ଗିରୀଶ କର୍ନ୍ନଡ଼ କନ୍ନଡ଼ ଭାଷାରେ 'ହୟବଦନ', ନାଗମଣ୍ଡଳ ତେନ୍ଦୁଲ୍‌କରଙ୍କର ଘାସିରାମ କୋତଓ୍ୱାଲ୍, ତନ୍‌ବୀରଙ୍କର "ଚରନ୍‌ଦାସ ଚୋର", "ଆଗ୍ରା ବଜାର" ପ୍ରଭୃତି ନାଟକ ଭାରତୀୟ ନାଟକୀୟ ଶୈଳୀକୁ ବେଶ୍ ପ୍ରଭାବିତ କରିଥିଲା । ନାଟ୍ୟକାର ଗିରୀଶ କନ୍ନଡ଼ ସଂପର୍କରେ କହିଛନ୍ତି – ' Production of " Hayavadan" and Tughlay (1964) started the controversy. xx. Some good experiments did emerge here and there a body of beautiful works like. Shasiram Korwal, Andhayuga, Johu Kumar swamy - but I wouldn't say that all this gave birth to any specific tradition as such."[୨୯]

ବାଦଲ ସରକାରଙ୍କ ନାଟ୍ୟ ଆନ୍ଦୋଳନ ତୃତୀୟ "ରଂଗମଞ୍ଚ" ନିଜସ୍ୱ ରୂପରେଖରେ କ୍ରାନ୍ତିକାରୀ ଧାରା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା ।

ବିଶିଷ୍ଟ ନାଟ୍ୟକାରମାନଙ୍କ ଭଳି ବି.ଭି. କରନ୍ଥଙ୍କ ଭଳି ନିର୍ଦ୍ଦେଶକମାନେ ଭାରତୀୟ ନାଟ୍ୟ ସାହିତ୍ୟରେ ନବୀନ ପ୍ରସ୍ଥ ସୃଷ୍ଟି କରିବାରେ ସମର୍ଥ ହେଲେ । ଏପରିକି କରନ୍ଥ ତାଙ୍କର ହିନ୍ଦୀ ରୂପାନ୍ତରିତ ନାଟକ ଗୁଡ଼ିକରେ ମୂଳ ଇଂରାଜୀ ବା ପାଶ୍ଚାତ୍ୟ ଶୈଳୀକୁ ଗ୍ରହଣ ନକରି ଲୋକ ନାଟକ ପରଂପରାର ସାହାଯ୍ୟ ନେଇଛନ୍ତି । ଲୋକ ଶୈଳୀରେ ବେଶଭୂଷା, ଲୋକଗୀତର ସ୍ୱର ଉପରେ ଆଧାରିତ ସଂଗୀତ ଓ ଲୋକଗୀତ ଆଦିର ପ୍ରୟୋଗ ତାଙ୍କ ନାଟକରେ ଉଲ୍ଲେଖନୀୟ ।[୩୦] ୧୯୬୮ରେ ଶାନ୍ତାଗାନ୍ଧୀଙ୍କ ନିର୍ଦ୍ଦେଶନାରେ 'ଅମର ସିଂହ ରାଠୋର' ନାଟକ ମଞ୍ଚସ୍ଥ ହୁଏ । ଏହି ନାଟକ ପ୍ରଯୋଜନାରେ ହାଥରସ ଓ ନୌଟଙ୍କୀ ଶୈଳୀର ପ୍ରୟୋଗ ହୋଇଛି । ୧୯୭୩ ମସିହାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟରେ ଅନୀଲ୍ ଚୌଧୁରୀଙ୍କ ନିର୍ଦ୍ଦେଶିତ ହାଥରସ୍ ଶୈଳୀରେ 'ଲୈଲାମଜନୁ' ମଧ୍ୟ ଉଲ୍ଲେଖନୀୟ ସ୍ୱୀକୃତି ଲାଭ କଲା । ୧୯୬୮ ମସିହାରେ ଶାନ୍ତାଗାନ୍ଧୀଙ୍କର ଉତ୍କୃଷ୍ଟ ପ୍ରଯୋଜନା ରୂପେ 'ଯସ୍‌ମା ଓଡ଼ଣ', ଗୁଜୁରାଟର 'ଭବାଇ' ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସର୍ବେଶ୍ୱର ଦୟାଲ୍ ସାକ୍‌ସେନାଙ୍କର ରାଜନୈତିକ ବ୍ୟଙ୍ଗ 'ବକରୀ', ୧୯୭୪ ରେ ରାଷ୍ଟ୍ରୀୟ ବିଦ୍ୟାଳୟ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ନୌଟଙ୍କୀ ଶୈଳୀ ହିଁ ପ୍ରୟୋଗ ହୋଇଥିଲା ।[୩୧]

ଭାରତୀୟ ନାଟକ କ୍ଷେତ୍ରରେ ଏକ ନୂତନ ଆହ୍ୱାନ ଆସିଥିଲା । ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟକର୍ମୀମାନେ ଏକ ଭିନ୍ନ ଧରଣର ନାଟକ ପରଶି ଦେବାରେ ନିଜ ନିଜ ଚେଷ୍ଟାକୁ ଅବ୍ୟାହତ ରଖିଥିଲେ । ହବୀବ ତନ୍‌ବୀରଙ୍କ ମତରେ "ଆଜି ମଧ୍ୟ ଗ୍ରାମ ମାନଙ୍କରେ ଭାରତୀୟ ନାଟ୍ୟ ପରଂପରା ନିଜର ଆଦିମ ବୈଭବ ଓ ସାମର୍ଥ୍ୟକୁ ନେଇ ବଂଚି ରହିଛି ।(୩୨) କ୍ରମଶଃ ଏକ ନୂଆ

ନାଟ୍ୟାଦର୍ଶର ଭିତ୍ତିଭୂମି ସମୃଦ୍ଧ ହୋଇଛି ଭାରତୀୟ ନାଟକରେ । ଜନତାର ନିକଟତର ହେବାଲାଗି ନାଟକ ଯେପର ଲୋକାଭିନୟ କ୍ଷେତ୍ରରେ ପ୍ରବେଶ କରିଛି ।[୩୩]

ଗଣନାଟ୍ୟ ସଂଘ ଗ୍ରୁପ୍ 'ଥିଏଟର୍' ସଂସ୍କୃତିର ପ୍ରଚାର କରି ଏକ ନୂତନ ନାଟ୍ୟଧାରା ସୃଷ୍ଟି କରିଥିଲା ; ଏକ ନବନାଟ୍ୟ ଧାରା ସୃଷ୍ଟି ହୋଇଥିଲା ପରୀକ୍ଷାମୂଳକ ମଞ୍ଚର ବିକାଶ ସାଧନ ହେଲା । ନାଟକର ଗଢ଼ଣ ପରିବେଷଣ ଶୈଳୀ ପ୍ରଯୋଜନା ଓ କଳାତ୍ମକ ସୌନ୍ଦର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କଲେ ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟବନ୍ଦୀ । ଏହି ପରିପ୍ରେକ୍ଷୀରେ କାନାଡ଼ାର ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟର ନାଟ୍ୟତତ୍ତ୍ୱବିତ୍ କାଥରିନ୍ ହୈସ୍ୱନ୍ ଚଳନ୍ତି ଭାରତୀୟ ନାଟ୍ୟ ପରଂପରାର ଦୀର୍ଘ ଗବେଷଣା କରି ଉଲ୍ଲେଖ କରିଛନ୍ତି, "ଗତ ପଚିଶ ବର୍ଷରୁ ଭାରତ ବର୍ଷର ବିଭିନ୍ନ କ୍ଷେତ୍ରୀୟ

ସଂସ୍କୃତିର ରୂପ ଓ ପରଂପରାରେ ଏକ ନୂତନ ମୋଡ଼ ନେଇଛି । ବିସ୍ତୃତ ଲୋକରୂପ ଓ ଅଭିନୟ କଳାର ଅନ୍ୱେଷଣ ଆରମ୍ଭ ହୋଇଛି ଓ ଏହାର ପୁନଃ ମୂଲ୍ୟାୟନ କରାଯିବା ସଂଗେ ସଂଗେ ସାହିତ୍ୟରେ ପ୍ରୟୋଗ କରାଯାଉଛି । ଏହି ପ୍ରୟୋଗ ରଂଗମଂଚରେ ଯେପରି ବହୁଳ ଭାବରେ ଆତ୍ମପ୍ରକାଶ କରୁଛି, ଅନ୍ୟତ୍ର କୌଣସିଠାରେ ସେପରି ହେଉନାହିଁ । ଯକ୍ଷଗାନ, ତାମ୍‌ସା, ରାମଲୀଳା, ନୌଟଙ୍କୀ, ଭବାଇ, ଯାତ୍ରା, ଖେୟାଲ୍ ପ୍ରଭୃତି ପାରଂପରିକ ଲୋକନାଟ୍ୟ ସ୍ୱାଧୀନତା ପରେ ଉଲ୍ଲେଖନୀୟ ରୂପରେ ସମ୍ମୁଖଭାଗକୁ ଆସିଛି । ଉପନିବେଶବାଦୀ ଶାସନରେ ଏହାକୁ ପତନଶୀଳ ରୂପେ ଗ୍ରହଣ କରାଯାଇ ଉପେକ୍ଷା କରାଯାଉଥିଲା । ବୁଦ୍ଧିଜୀବୀ ମହଲରେ ଏହା ଆଦୃତି ଲାଭ କରିଛି । ପୂର୍ବରଂଗ ଅଭିନୟ ଶୈଳୀ ଏବଂ ମୁଦ୍ରା ମଞ୍ଚ ଉପରେ ସୂତ୍ରଧର ଓ ବିଦୂଷକ ପ୍ରଭୃତି ସ୍ଥାୟୀ ଚରିତ୍ର ଏବ ଆଞ୍ଚଳିକ ଗୀତ ଓ ନୃତ୍ୟର ବ୍ୟବହାର କର ସଂପୃକ୍ତ ନାଟ୍ୟ ପରଂପରାର ଉତ୍‌ଥାନ ଆରମ୍ଭ ହୋଇଛି ।[୩୪]

ଏହି ନବନାଟ୍ୟ ଧାରା କୌଣସି ଭାଷା, ସଂସ୍କୃତି ଓ ଭୌଗୋଳିକ ସୀମାରେଖା ମାନି ନାହିଁ । କାଶ୍ମୀରଠାର ମାଲାୟାଲାମ ଓ ମଣିପୁରୀଠାରୁ ମରାଠୀ ପର୍ଯ୍ୟନ୍ତ ସବୁ ଭାଷାର ନାଟକରେ ଓ ମଞ୍ଚରେ ପରିବର୍ତ୍ତନର ଧାରା ଦେଖାଦେଇଛି । ନବଚେତନାର ଆଲୋକ ସଂଧାନୀ ନାଟ୍ୟକାର, ନିର୍ଦ୍ଦେଶକ, ମଞ୍ଚଶିଳ୍ପୀ ଏକ ନୂତନ ନାଟ୍ୟଧାରାର ଯୁଗ ସୃଷ୍ଟି କରିଛନ୍ତି ।

**ସଙ୍କେତସୂଚୀ**


(୧) Gershon, Shaked; 1989, The Play, Gateway to Cultural Dialogue, in Hanna Scholnicov and Peter, Holland (Ed.), The Play out of the Context, Cambridge University Press, P.P. 7, 14, 23.

(୨) Lyman, stansford M, and Scott, Marvkin, 13 : 1975

(୩) Stourac, Richard and Mc Creey Katleen : 1986
Theatre as Weapon, worker's in Soviet Union,
Germany and British (1917-1934)

(୪) James C.V. 1973, Soviet Socialist Realism, London P.P. 22-23

(୫) Mike, Davidous, 1997, Peoples Theatre from the Box office to the stage, progress publications, Mascow

(୬) Ronald, Romain, 1980, The Peoples Tgeatre
Ed. Pradhan, G.A. E. Publications, Kolkata, P-79

(୭) ଦାସ, ଡ. ହେମନ୍ତ କୁମାର ଦାସ, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ୨୦୦୮, ପୃଷ୍ଠା - ୬୧

(୮) ଦାସ, ଡ. ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ୨୦୦୮, ବିଦ୍ୟାପୁରୀ, କଟକ, ପୃଷ୍ଠା-୬୧ ।

(୯) Qrmerod Green wood, The Play wright, Page - vi

(୧୦) Arlher Edwin Krows, Play writing for profit.

(୧୧) William Kozelenko, The One Act Play, Page -76.

(୧୨) William Kozelenko, The One Act Play, Page -23.
(୧୩) ଦାସ, ଡ. ହେମନ୍ତ କୁମାର, ଓଡ଼ିଆ ନାଟକର ଶିଳ୍ପ ଚେତନା, ପୃଷ୍ଠା-୨୩ ।
(୧୪) ଘୋଷ, ଡ. ଅଜିତ୍ କୁମାର, ବାଲାଂ ନାଟ୍ୟାଭିନୟର ଇତିହାସ, ପୃଷ୍ଠା - ୪ ।
(୧୫) ଚନ୍ଦନ ଗୋପାଳ, ପାଶ୍ଚାତ୍ୟ ଅନାଟକବାଦ ଔର ହମ୍: ନଟରଙ୍ଗ, ଦ୍ୱାଦଶ ଖଣ୍ଡ, ୪୫ଶ ଅଙ୍କ, ୧୯୮୫, ପୃଷ୍ଠା -୪ ।
(୧୬) (କ) Sunit Kumar Chaterjee, Indian Drama, 1959, Page - 7.
(ଖ) Prabodha Chandra Sen, Indian Drama, 1951, Page -41 - 42.
(୧୭) ଘୋଷ, ଡ. ଅଜିତ୍ କୁମାର, ବାଲାଂ ନାଟ୍ୟାଭିନୟ ଇତିହାସ, ୧୯୮୫, ପୃଷ୍ଠା -୫ ।
(୧୮) Romain Rolland, The People's Theatre, calcutta, 1980 Page- 25.
(୧୯) ତତ୍ରୈବ, ପୃଷ୍ଠା -୧.
(୨୦) ପ୍ରଧାନ ସୁଧି, ଗଣନାଟ୍ୟ ଆନ୍ଦୋଳନ ଓ ତା'ର ପରିଣତି, ନବପତ୍ର, ୧୫ଶ ବର୍ଷ ୪ର୍ଥ ସଂଖ୍ୟା ୧୯୮୬,ପୃଷ୍ଠା -୧୨ ।
(୨୧) ତତ୍ରୈବ ପୃଷ୍ଠା - ୧୨ ।
(୨୨) ପ୍ରଧାନ, ସୁଧି, ଗଣନାଟ୍ୟ ଆନ୍ଦୋଳନ ଓ ତା'ର ପରିଣତି
(୨୩) ତତ୍ରୈବ, ପୃଷ୍ଠା -୧୬ ।
(୨୪) ଘୋଷ, ଡ. ଅଜିତ୍ କୁମାର, ବାଲା ନାଟ୍ୟଭିନେୟର ଇତିହାସ,୧୯୮୫, ପୃଷ୍ଠା -୮୯.
(୨୫) Pradhan Sudhi, informed to the People's Theatre, cel- 80, Page - v.
(୨୬) ଚନ୍ଦନ ଗୋପାଳ, ପାଶ୍ଚାତ୍ୟ ଅନାଟକବାଦ ଔର ହମ୍, ନଟରଙ୍ଗ, ୧୨ମ ଖ, ୪୫ ଅଙ୍କ ୧୯୮୫, ପୃଷ୍ଠା-୨୩.
(୨୭) Sangeet natak, July-Dec, 1985, Page-9.
(୨୮) ଦାସ, ଡ. ହେମନ୍ତ କୁମାର, ଉତ୍ତର ଆଧୁନିକ ଓଡ଼ିଆ ନାଟକ, ପୃଷ୍ଠା-୨୩୪.
(୨୯) Contemporary Indian Drama: Ed: by Urmil Talwar & Others PP: 178-79.
(୩୦) କାଥେରିନ୍ ହେିସ୍ୱନଙ୍କ ମୂଳ ଇଂରାଜୀ ପ୍ରବଂଧର ହିନ୍ଦୀ ଅନୁବାଦ- ଭାରତୀୟ ଲୋକ ପରଂପରାଏଁ ଔର ଆଧୁନିକ ରଙ୍ଗମଞ୍ଚ, ଅନୁବାଦକ: ସୁରେଶ ବାଫ୍‌ନା, ନଟରଙ୍ଗ, ୧୨ଶ ଖଣ୍ଡ, ୪୬ ଅଙ୍କ, ୧୯୮୬ ପୃଷ୍ଠା.୨୩.
(୩୧) ତତ୍ରୈବ, ପୃଷ୍ଠା-୨୪-୨୫.
(୩୨) ତତ୍ରୈବ, ପୃଷ୍ଠା - ୨୩.
(୩୩) ଡ. ଅଜିତ୍ କୁମାର ବାଲାଂ ନାଟ୍ୟାଭିନେୟର ଇତିହାସ, ୧୯୮୫, ପୃଷ୍ଠା -୨
(୩୪) କାଥେରିନ୍, ହେିସ୍ୱନ, ନଟରଙ୍ଗ, ୧୨ଖଣ୍ଡ, ୩୬ ଅଙ୍କ , ୧୯୮୬, ପୃଷ୍ଠା -୨୨.

■